ବର୍ଷ 2, ସଂଖ୍ୟା 6

ସେପ୍ଟେମ୍ବର 16-30, 2021

ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

# ନ୍ୟୁ ଇଣ୍ଡିଆ ସମାଚାର


























## ନୂତନ ଯୁଗର ଅୟମାରମ୍ଭ

ନୂତନ ପରମ୍ପରା
ଏବଂ ଚଳଣୀ
ବିକାଶ ପାଇଁ ଭାରତର
ଅମୃତ ଯାତ୍ରାକୁ ଆଗେଇ ନେଉଛି




# "ଭାରତର ଯୁବପିଢ଼ି ବଡ଼ ଆକାରରେ ନୂଆ କିଛି କରିବାକୁ ଚାହୁଁଛନ୍ତି"



ଦେଶକୁ ଆତ୍ମନିର୍ଭରଶୀଳ କରିବା ଲାଗି, ଆଜିର ଯୁବପିଢ଼ି ନୂତନ ଲକ୍ଷ୍ୟ, ଗନ୍ତବ୍ୟ ଏବଂ ଆଶାଆକାଂକ୍ଷାକୁ ନେଇ ଏକ ଅଜଣା ଦୁନିଆରେ ପାଦ ଥାପିବାକୁ ଯାଉଛନ୍ତି। ଏହିପରି ଏକ ସମୟରେ ସ୍ୱଚ୍ଛତା ଅଭିଯାନ ଏବଂ ଗ୍ରାମାଞ୍ଚଳରେ ବର୍ଜ୍ୟରୁ ସମ୍ପଦ ପ୍ରସ୍ତୁତି ଲାଗି ଚିନ୍ତା କରାଯିବା ପ୍ରତ୍ୟେକଙ୍କ ପାଇଁ ପ୍ରେରଣା ପାଲଟିଛି। ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଉଦ୍ୟମ କରାଯାଉଛି। ଗୋଟିଏ ପଟେ କ୍ରୀଡ଼ା ଆମ ସଂସ୍କୃତି ପାଲଟିଥିବା ବେଳେ ଅନ୍ୟପଟେ ଆମ ପ୍ରାଚୀନ ଭାଷା ସଂସ୍କୃତିକୁ ଲୋକପ୍ରିୟ କରିବା ଲାଗି ପଦକ୍ଷେପ ନିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କୀ ବାତ'ରେ ଏସବୁ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହାର କୀୟଦଂଶ :

- **କ୍ରୀଡ଼ା : କ୍ରୀଡ଼ା ପ୍ରତି ଉତ୍ସାହ ବୃଦ୍ଧି ପାଇବା ମେଜର ଧ୍ୟାନଚାନ୍ଦଙ୍କ ପ୍ରତି ଏକ ପ୍ରକାର ଶ୍ରଦ୍ଧାଞ୍ଜଳି। ପ୍ରାୟ ଚାରି ଦଶନ୍ଧି, ଦୀର୍ଘ ୪୧ ବର୍ଷ ପରେ ଭାରତର ଯୁବପିଢ଼ି, ଆମର ପୁଅ ଓ ଝିଅମାନେ ପୁଣିଥରେ ଆମ ହକିକୁ ଜୀବନ୍ତ କରିପାରିଛନ୍ତି। ଚାରି ଦଶନ୍ଧି ପରେ ଭାରତ ହକିରେ ପଦକ ଜିତିଛି। କ୍ରୀଡ଼ା କ୍ଷେତ୍ରରେ ରହିଥିବା ସମ୍ଭାବନାକୁ ଯୁବପିଢ଼ି ଏବେ ଅନୁସରଣ କରୁଛନ୍ତି। ସମସ୍ତଙ୍କ ଉଦ୍ୟମ ବଳରେ ଭାରତ କ୍ରୀଡ଼ା କ୍ଷେତ୍ରରେ ସମ୍ମାନଜନକ ସ୍ତରକୁ ଯାଇପାରିବ।**

- **ଯୁବପିଢ଼ି : ଯୁବପିଢ଼ିଙ୍କ ମାନସିକତାରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଆଜିର ଯୁବ ମାନସିକତା ମିଳିତ ଭାବେ କିଛି ନୂଆ କରିବାକୁ ଚାହୁଁଛନ୍ତି। ଥରେ ଯୁବପିଢ଼ି ସଂକଳ୍ପବଦ୍ଧ ହେଲେ ଲକ୍ଷ୍ୟ ହାସଲ ଦିଗରେ ସମସ୍ତ ସିଦ୍ଧି ପ୍ରାପ୍ତି ହୋଇଥାଏ। ମହାକାଶ କ୍ଷେତ୍ର ଉନ୍ମୁକ୍ତ ହେବା ପରେ ଯୁବପିଢ଼ି ନୂତନ ସମ୍ଭାବନାର ଅନ୍ୱେଷଣ କରୁଛନ୍ତି। ନୂଆ କ୍ଷେତ୍ରରେ ଷ୍ଟାର୍ଟଅପ୍ସ ପ୍ରତିଷ୍ଠା କରି ଯୁବପିଢ଼ି ସେମାନଙ୍କ ସ୍ୱପ୍ନରେ ନୂଆ ଡେଣା ଲଗାଇଛନ୍ତି। ଏପରିକି ଛୋଟ ସହରରେ ମଧ୍ୟ ଷ୍ଟାର୍ଟଅପ ସଂସ୍କୃତି ବୃଦ୍ଧି ପାଉଛି ଯାହାକି ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ।**

- **ସଂସ୍କୃତ ଭାଷା : ସଂସ୍କୃତ ଭାଷା ମଧୁର ଏବଂ ସରଳ। ବିଚାର ଏବଂ ସାହିତ୍ୟିକ ବିଷୟବସ୍ତୁ ବଳରେ ସଂସ୍କୃତ ଭାଷା ଜ୍ଞାନ ବୃଦ୍ଧି ଏବଂ ଜାତୀୟ ଏକତା ପ୍ରତିଷ୍ଠାରେ ସହାୟକ ହୋଇଥାଏ। ଆମ ଐତିହ୍ୟର ସଂରକ୍ଷଣ ଏବଂ ଏହାକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବା ଆମ ସମସ୍ତଙ୍କର ମିଳିତ କର୍ତ୍ତବ୍ୟ। ବିଦେଶରେ ସଂସ୍କୃତ ଶିକ୍ଷାଦାନ କରୁଥିବା ଲୋକମାନଙ୍କ ପ୍ରେରଣାଦାୟୀ କାହାଣୀ ବିଷୟରେ କହିବା ଲାଗି #CELEBRATINGSANSKRITକୁ ଶେୟାର କରନ୍ତୁ।**

- **କୌଶଳ ବିକାଶ : ହଜାର ହଜାର ବର୍ଷ ଧରି ଆମର ମୁନି ଋଷିମାନେ ବ୍ୟାପକ କୌଶଳ ବିକାଶ ପ୍ରତି ଜୋର ଦେଇଆସିଛନ୍ତି। ଭଗବାନ ବିଶ୍ୱକର୍ମା ବିଶ୍ୱରେ ସୃଜନଶକ୍ତିର ପ୍ରତୀକ। ନିଜ ପ୍ରତିଭାକୁ ସମ୍ମାନ ଦିଅନ୍ତୁ ଏବଂ କୁଶଳୀ ହେବା ଲାଗି ପରିଶ୍ରମ କରନ୍ତୁ। ସମାଜର କଲ୍ୟାଣ ପାଇଁ ଆମେ କିଛି କରିପାରିଲେ ଆମର ବିଶ୍ୱକର୍ମା ପୂଜା ସଫଳ ହୋଇପାରିବ।**

- **ସ୍ୱଚ୍ଛତା: ଦୀର୍ଘ ବର୍ଷ ଧରି 'ସ୍ୱଚ୍ଛ ଭାରତ ମାନ୍ୟତା'ର ଶୀର୍ଷ ସ୍ଥାନରେ ରହିଥିବା ଇନ୍ଦୋର ଦେଶର ପ୍ରଥମ 'ୱାଟର ପ୍ଲସ ସହର' ମାନ୍ୟତା ଲାଭ କରିଛି। 'ୱାଟର ପ୍ଲସ ସହର' ହେଉଛି ଏପରି ଏକ ସହର ଯାହାର ବର୍ଜ୍ୟ ଜଳ ବିନା ପ୍ରକ୍ରିୟାକରଣରେ ସର୍ବସାଧାରଣ ଜଳ ଉତ୍ସକୁ ଛଡ଼ା ଯାଇନଥାଏ। 'ୱାଟର ପ୍ଲସ ସହର'ଗୁଡ଼ିକ ଦେଶର ସ୍ୱଚ୍ଛତା ଅଭିଯାନକୁ ଆହୁରି ଆଗକୁ ନେଇଯିବେ।**

- **ସୁକ୍ଷେତ ମଡେଲ : ମଧୁବନୀର ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟ ଏବଂ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ ସୁକ୍ଷେତ ମଡେଲ ବିକଶିତ କରିଛନ୍ତି। ଏହି ମଡେଲ ଅନ୍ତର୍ଗତ, ଗ୍ରାମର କୃଷକମାନଙ୍କ ଠାରୁ ଗୋବର ଏବଂ ଅନ୍ୟାନ୍ୟ ଘରକରଣା ବର୍ଜ୍ୟ ସଂଗ୍ରହ କରାଯାଉଛି ଓ ଏହା ବଦଳରେ ସେମାନଙ୍କୁ ଟଙ୍କା ଦିଆଯାଉଛି। ଏହି କାରଣରୁ ଗ୍ରାମ ପ୍ରଦୂଷଣ ଓ ଅଶୌଚ ମୁକ୍ତ ହୋଇପାରିଛି ଏବଂ ଏହା ବଦଳରେ ସେମାନେ ଜୈବିକ ଖତ ପାଇପାରୁଛନ୍ତି। ଏହା ଆତ୍ମନିର୍ଭରଶୀଳତାର ଆଧାର।**

- **ବର୍ଜ୍ୟରୁ ସମ୍ପଦ : ତାମିଲନାଡୁର ଶିବଗଙ୍ଗା ଜିଲ୍ଲାରେ ଥିବା କାଞ୍ଜିରାଙ୍ଗାଲ ପଞ୍ଚାୟତ ବର୍ଜ୍ୟରୁ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ସେମାନଙ୍କ ଗ୍ରାମରେ ଏକ ପ୍ରକଳ୍ପ ଆରମ୍ଭ କରିଛନ୍ତି। ବିଦ୍ୟୁତ ଶକ୍ତି ଉତ୍ପାଦନ ଲାଗି ସମଗ୍ର ଗ୍ରାମରୁ ବର୍ଜ୍ୟ ସଂଗ୍ରହ କରାଯାଉଛି ଏବଂ ବଳକା ପଦାର୍ଥକୁ ରାସାୟନିକ ଭାବେ ବିକ୍ରି କରାଯାଉଛି। ଏକ ଛୋଟ ପଞ୍ଚାୟତ କିଛି ନୂଆ କରିବା ପାଇଁ ଆମ ଭଳି ସମସ୍ତ ଦେଶବାସୀଙ୍କୁ ଅନୁପ୍ରାଣିତ କରିପାରିଛି।**

ମନ କୀ ବାତ୍ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

ନ୍ୟୁ ଇଣ୍ଡିଆ
# ସମାଚାର

ବର୍ଷ 2, ସଂଖ୍ୟା 06 ସେପ୍ଟେମ୍ବର 16-30, 2021

**ସମ୍ପାଦକ**
**ଜୟଦୀପ ଭଟନାଗର**
ପ୍ରମୁଖ ମହାନିର୍ଦ୍ଦେଶକ,
ପତ୍ର ସୂଚନା କାର୍ଯ୍ୟାଳୟ,
ନୂଆଦିଲ୍ଲୀ

**ଉପଦେଷ୍ଟା ସମ୍ପାଦକ**
**ସନ୍ତୋଷ କୁମାର**

**ସମ୍ପାଦକୀୟ ସହଯୋଗୀ**
ବିଭୋର ଶର୍ମା, ଚନ୍ଦନ କୁମାର ଚୌଧରୀ, ସୁମୀତ କୁମାର (ଇଂରାଜୀ), ଅନୀଲ ପଟେଲ (ଗୁଜରାଟୀ), କୋଟେରୁ ଶ୍ରାବଣୀ (ତେଲୁଗୁ), ନଦୀମ ଅହମ୍ମଦ (ଉର୍ଦ୍ଦୁ), ସୋନିତ କୁମାର ଗୋସ୍ୱାମୀ (ଅହମୀୟା), ବିନୟ ପି.ଏସ.(ମାଲାୟଲମ)

**ଅଳଙ୍କରଣ**
ଶ୍ୟାମ ଶଙ୍କର ତିୱାରୀ
ରବୀନ୍ଦ୍ର କୁମାର ଶର୍ମା
ଦିବ୍ୟା ତଲୱାର
ଅଭୟ କୁମାର ଗୁପ୍ତା

**ପ୍ରକାଶିତ ଓ ମୁଦ୍ରିତ**
**ସତ୍ୟେନ୍ଦ୍ର ପ୍ରକାଶ**
ପ୍ରମୁଖ ମହାନିର୍ଦ୍ଦେଶକ, ବିଓସି
ବ୍ୟୁରୋ ଅଫ୍ ଆଉଟ୍‌ରିଚ୍ ଆଣ୍ଡ କମ୍ୟୁନିକେସନ

**Printed at**
**Infinity Advertising services Pvt.Ltd.**
**FBD-One Corporate Park, 10th floor,**
**New Delhi-Faridabad border, NH-1,**
**Faridabad-121003**



**Communication Address & E-mail:**

Room No–278, Bureau of
Outreach and Communication,
2nd Floor, Soochna Bhawan,
New Delhi -110003

response-nis@pib.gov.in



**RNI No. : DELODI/2020/78831**


## ଭିତର ପୃଷ୍ଠାଗୁଡ଼ିକରେ

# ଉଦୀୟମାନ ନୂତନ ଭାରତରେ ନୂଆ ପରମ୍ପରା




**ପ୍ରଚ୍ଛଦ ପ୍ରସଙ୍ଗ**
ନୂତନ ପ୍ରଥା ଓ ପ୍ରଚଳନ ପାଇଁ ପ୍ରୟାସ ଏବେ ସରକାରଙ୍କ ପ୍ରଦର୍ଶନର ପରିଚୟ ପାଲଟିଛି ପୃଷ୍ଠା 10-19



**ବ୍ୟକ୍ତିତ୍ୱ**
**ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ**
**ଅନ୍ତ୍ୟୋଦୟର ପ୍ରଣେତା**
ପୃଷ୍ଠା 06-07

**ଅଲିମ୍ପିକ୍ସ ପରେ ଏବେ ପାରା ଅଲିମ୍ପିକ୍ସରେ ଇତିହାସ ସୃଷ୍ଟିକରିଲା ଭାରତ**



ସମସ୍ତ ବାଧା ଅତିକ୍ରମ କରି ପାରା ଅଲିମ୍ପିକ୍ସରେ ଦେଶର ଗୌରବ ବଢ଼ାଇଲେ ଭାରତୀୟ କ୍ରୀଡ଼ାବିତ୍
ପୃଷ୍ଠା 20-23

ସଂକ୍ଷିପ୍ତ ସମାଚାର ପୃଷ୍ଠା 04-05

ବିଶ୍ୱ ସାଙ୍କେତିକ ଭାଷା ଦିବସ
ମୂକ ଓ ବଧିରଙ୍କୁ ସଶକ୍ତ କରୁଛି ସାଙ୍କେତିକ ଭାଷା ପୃଷ୍ଠା 08-09

ଆତ୍ମନିର୍ଭର କୃଷି
**କ୍ଷୁଦ୍ର ଚାଷୀ ପାଲଟିଛନ୍ତି ରାଷ୍ଟ୍ରର ଗୌରବ**
ପୃଷ୍ଠା 24-26

କ୍ୟାବିନେଟ ନିଷ୍ପତ୍ତି
**କୃଷିର ସଶକ୍ତିକରଣ ଲାଗି ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ** ପୃଷ୍ଠା 27-28

ପର୍ଯ୍ୟଟନ ବିକାଶ
**ଶ୍ରୀ ସୋମନାଥ ମନ୍ଦିର - ଆତଙ୍କ ବିରୋଧରେ ଆସ୍ଥାର ବିଜୟ ପ୍ରତୀକ**
ପୃଷ୍ଠା 29-31

ରାଷ୍ଟ୍ରୀୟ ମୁଦ୍ରୀକରଣ ପାଇପଲାଇନ ଯୋଜନା
ପୃଷ୍ଠା 32-33

କୋଭିଡ-୧୯ ବିରୋଧୀ ଲଢ଼େଇ
ପୃଷ୍ଠା 34-35

ସକାରାତ୍ମକ ଆଭିମୁଖ୍ୟ ପୃଷ୍ଠା 40



**ସ୍ୱାଧୀନତା ସଂଗ୍ରାମର ମାଇଲଖୁଣ୍ଟ**
ଅମୃତ ମହୋତ୍ସବ ଭାଗରେ ଦେଖନ୍ତୁ ସ୍ୱାଧୀନତାର ମଶାଲଧାରୀ-ଭଗତ ସିଂ, ବିଠଲଭାଇ ପଟେଲ, ଭୋଗେଶ୍ୱରୀ ଫୁକନାନିଙ୍କ ବୀରଗାଥା
ପୃଷ୍ଠା 36-39

# ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

ଭାରତର ପ୍ରକୃତ ପରିଚୟ ସମ୍ପର୍କରେ ଭବିଷ୍ୟତ ପିଢ଼ିକୁ ଅବଗତ କରାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ, କାରଣ ଭାରତ କେବଳ ସରକାରଙ୍କ ଦ୍ୱାରା ନୁହେଁ ବରଂ ପ୍ରତ୍ୟେକ ନାଗରିକଙ୍କ ମୂଲ୍ୟବୋଧ ଦ୍ୱାରା ଗଠିତ ହୋଇଛି। ନାଗରିକ ଭାବେ ଆମର ବ୍ୟବହାର ନୂତନ ଭାରତର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ ଦିଗରେ ମାର୍ଗଦର୍ଶନ କରିବ। ଦ୍ରୁତ ବିକାଶ ସୁନିଶ୍ଚିତ କରିବା ପାଇଁ ଗତ ସାତ ବର୍ଷ ହେବ ସରକାର ସବୁମତେ ଉଦ୍ୟମ କରୁଛନ୍ତି। ସରକାର ଏବଂ ଜନଗଣଙ୍କ ଭାଗିଦାରୀ ମାଧ୍ୟମରେ ଦେଶରେ ନୂତନ ପରମ୍ପରା ଏବଂ ଚଳଣୀ ଆରମ୍ଭ ହୋଇଛି।

ନୂଆ ଚଳଣୀଗୁଡ଼ିକ ଆପେ ଆପେ ଲୋକପ୍ରିୟତା ହାସଲ କରିନଥାଏ, ବରଂ ସେଗୁଡ଼ିକ ପାଇଁ ଦୃଢ଼ ଇଚ୍ଛାଶକ୍ତି ଏବଂ ମାନସିକ ଦୃଢ଼ତାର ଆବଶ୍ୟକତା ରହିଛି। ଆଜି ଯଦି ଭାରତ କୋଭିଡ ବିରୋଧୀ ଲଢ଼େଇରେ ବିଜୟୀ ହୋଇଛି ତା'ହେଲେ ମିଳିତ ଉଦ୍ୟମ କାରଣରୁ ଏହା ସମ୍ଭବ ହୋଇଛି। ସରକାର ଏକାକୀ ଦେଶରେ ଏତେବଡ଼ ଅଭିଯାନ ଚଳାଇପାରିବେ ନାହିଁ। ଯେକୌଣସି କାର୍ଯ୍ୟକ୍ରମର ସଫଳତା ପାଇଁ ଜନ ଭାଗିଦାରୀ ନିତାନ୍ତ ଆବଶ୍ୟକ। ସମାଜର ସବୁଠୁ ଦୁର୍ବଳ ଏବଂ ବଞ୍ଚିତ ବର୍ଗଙ୍କୁ ପ୍ରତ୍ୟେକ ଯୋଜନାର ଲାଭ ପହଞ୍ଚାଇବା ଲାଗି ସରକାରଙ୍କ ନୀତି ଓ ଅଭ୍ୟାସର ଏହା ଅଂଶବିଶେଷ ପାଲଟିଯାଇଛି। ଅନ୍ତ୍ୟୋଦୟ ବିଚାରରେ ଏପରି ନିସ୍ୱାର୍ଥ ସେବା ନିହିତ ରହିଛି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଅନ୍ତ୍ୟୋଦୟ ବିଚାରର ପ୍ରଣେତା ବୋଲି କୁହାଯାଏ। ଚଳିତ ସଂସ୍କରଣରେ ତାଙ୍କ ସମ୍ପର୍କରେ ଏକ ପ୍ରସଙ୍ଗକୁ ସ୍ଥାନ ଦିଆଯାଇଛି।

ସରକାରଙ୍କ ବାସ୍ତବବାଦୀ ଦୃଷ୍ଟିକୋଣ ପ୍ରଶାସନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିଛି। ଆଜି ଦେଶର ଜନସାଧାରଣ ସରକାରୀ କାର୍ଯ୍ୟକ୍ରମ ଏବଂ ଜନ ସେବା ଉପରେ ସେମାନଙ୍କର ସୂଚନା ଓ ମତାମତ ନିର୍ବାଚିତ ପ୍ରତିନିଧି ଓ ମନ୍ତ୍ରୀମାନଙ୍କୁ ଦେବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି। ନୂତନ ବୈଷୟିକ ମାଧ୍ୟମ ଦ୍ୱାରା ସଶକ୍ତ ପ୍ରତ୍ୟେକ ନାଗରିକ ସକ୍ରିୟ ରହିଛନ୍ତି ଏବଂ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଲାଗି ଚାହୁଁଛନ୍ତି। ଏହି ପରିପ୍ରେକ୍ଷୀରେ, ପାରା ଅଲିମ୍ପିକ୍ସରେ ଆମ ଭାରତୀୟ କ୍ରୀଡ଼ାବିତମାନଙ୍କର ପ୍ରଦର୍ଶନ, ବ୍ୟାପକ ଆକାରରେ ସାଙ୍କେତିକ ଭାଷାର ପ୍ରୋତ୍ସାହନ ଏବଂ ବୈପ୍ଳବିକ କୃଷି ସଂସ୍କାରକୁ ଚଳିତ ସଂସ୍କରଣରେ ସ୍ଥାନ ଦିଆଯାଇଛି। ଏହି ସଂସ୍କରଣର ଅନ୍ୟାନ୍ୟ ଆକର୍ଷଣୀୟ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ରହିଛି- ଶ୍ରୀ ସୋମନାଥ ମନ୍ଦିରର ଶ୍ରେଷ୍ଠତା ବୃଦ୍ଧି ନିମନ୍ତେ ଉଦ୍ୟମ, ଅମୃତ ମହୋତ୍ସବ ବିଭାଗରେ ମହାନ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବୀର ଗାଥା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ କୀ ବାତ୍'।

କୋଭିଡ ନିୟମ ପାଳନ କରି ନିରାପଦ ରୁହନ୍ତୁ ଏବଂ ଆମକୁ ନିଜର ମତାମତ ପଠାନ୍ତୁ :



**(ଜୟଦୀପ ଭଟନାଗର)**


ଠିକଣା : ରୁମ ନମ୍ବର-୨୭୮, ବ୍ୟୁରୋ ଅଫ ଆଉଟରିଚ୍
ଆଣ୍ଡ କମ୍ୟୁନିକେସନ, ଦ୍ୱିତୀୟ ମହଲା
ସୂଚନା ଭବନ, ନୂଆଦିଲ୍ଲୀ-୧୧୦୦୦୩

ଇ-ମେଲ୍ : response-nis@pib.gov.in

# ଚିଠି ବାକ୍ସ




ଏପରି ଏକ ବିସ୍ତୃତ ସୂଚନାଧର୍ମୀ ପତ୍ରିକା ପ୍ରକାଶନ ପାଇଁ ମୁଁ ନ୍ୟୁ ଇଣ୍ଡିଆ ସମାଚାର ଟିମ୍‌କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି। ନ୍ୟୁ ଇଣ୍ଡିଆ ସମାଚାର ଏକ ଶ୍ରେଷ୍ଠ ପତ୍ରିକା ଯାହା ସବୁବେଳେ ଭାରତ ଏବଂ ଏହାର ବିକାଶଯାତ୍ରା ସମ୍ପର୍କରେ ସଦ୍ୟତମ ସୂଚନା ଓ ତଥ୍ୟ ସହିତ ଆମକୁ ସୂଚୀତ ଏବଂ ଶିକ୍ଷିତ କରିଥାଏ। ଏହି ପତ୍ରିକାରେ ବହୁସଂଖ୍ୟକ ସମ୍ବାଦଧର୍ମୀ ସ୍ତମ୍ଭ ପ୍ରକାଶ ପାଇବା ଖୁସିର କଥା।

**ପ୍ରଫେସର ସୁବୀର ସିହ୍ନା**
**Subirsinha.2009@gmail.com**

## ଆପଣଙ୍କ ମତାମତ ପଠାନ୍ତୁ

ଯୋଗାଯୋଗ ଠିକଣା ଏବଂ ଇ-ମେଲ:
Room No–278, Bureau of Outreach and Communication, 2nd Floor, Soochna Bhawan, New Delhi -110003

**response-nis@pib.gov.in**

ମୁଁ ଦୁବାଇର ଜଣେ ବାସିନ୍ଦା ଏବଂ ନିୟମିତ ଭାବେ "ନ୍ୟୁ ଇଣ୍ଡିଆ ସମାଚାର" ପଢ଼ିଥାଏ। ଇମେଲ ମାଧ୍ୟମରେ ଏହି ପତ୍ରିକା ପ୍ରସାରଣ ପାଇଁ ଭାରତ ସରକାର ଏକ ଶ୍ରେଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାକୁ ପାଠ କରିବା ଏକ ସୁଖଦ ଅନୁଭୂତି ପ୍ରଦାନ କରିଥାଏ। ଭାରତର ଜନସାଧାରଣଙ୍କ ସ୍ଥିତିରେ ସୁଧାର ଏବଂ ଦେଶର ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏହା ମୋତେ ସୂଚନା ପ୍ରଦାନ କରିଥାଏ।

ନ୍ୟୁ ଇଣ୍ଡିଆ ସମାଚାର ଟିମ ଏଥିପାଇଁ ପ୍ରଶଂସାର ପାତ୍ର। ଏହି ପତ୍ରିକା ଏବଂ ଆମ ମହାନ ରାଷ୍ଟ୍ରର ସଫଳ ଭବିଷ୍ୟତ କାମନା କରୁଛି।

**ସିଏ. ସଞ୍ଜୀତ କୁମାର**
**casanjeetkumar@gmail.com**

ନ୍ୟୁ ଇଣ୍ଡିଆ ସମାଚାର ପତ୍ରିକା ମାଧ୍ୟମରେ ଆମ ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଦ୍ୟତମ ସୂଚନା ପାଇ ମୁଁ ଆନନ୍ଦିତ। ସରକାରୀ ବିଭାଗରେ କ'ଣ ହେଉଛି ସେ ସମ୍ପର୍କରେ ନିଜର ଆଞ୍ଚଳିକ ଭାଷାରେ ଜାଣିବା ଲାଗି ଏହା ନାଗରିକମାନଙ୍କୁ ସହାୟକ ହେଉଛି। ଆମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଏହି ଉଦ୍ୟମକୁ ମୁଁ ପ୍ରଶଂସା କରୁଛି।

**ବିଜୟଗଣେଶ ସେଲଭାକୁମାର**
**vijayganesh.s1996@gmail.com**

ଏହି ପତ୍ରିକାଟି ପାଠକମାନଙ୍କର, ପାଠକମାନଙ୍କ ଦ୍ୱାରା ଏବଂ ପାଠକମାନଙ୍କ ପାଇଁ । ନ୍ୟୁ ଇଣ୍ଡିଆ ସମାଚାର ଆହୁରି ଆଗକୁ ବଢ଼ୁ ଏବଂ ଏହା ଏକ ପ୍ରମୁଖ ସ୍ଥାନ ହାସଲ କରୁ।

**ଟି.ଏସ. କାର୍ତ୍ତିକ**
**tskarthik13@gmail.com**

ମୁଁ ଜଣେ ଉଚ୍ଚ ମାଧ୍ୟମିକ ଛାତ୍ରୀ ଏବଂ ଏହି ପତ୍ରିକା ଦ୍ୱାରା ମୁଁ ବିଶେଷ ଭାବେ ପ୍ରଭାବିତ। ମୁଁ ସ୍ତମ୍ଭ ଏବଂ ତଥ୍ୟ ଆଧାରିତ ଲେଖା ଲେଖିବାକୁ ଭଲ ପାଏ। ନ୍ୟୁ ଇଣ୍ଡିଆ ସମାଚାର ମୋ ଦୃଷ୍ଟିକୋଣକୁ ବୃଦ୍ଧି କରିବାରେ ସହାୟକ ହୋଇଛି। ଏହା ମୋତେ ଲେଖିବା ପାଇଁ ଅନୁପ୍ରାଣିତ କରିଛି। ପୁଣିଥରେ ଏହି ପତ୍ରିକା ପାଇଁ ଧନ୍ୟବାଦ ଜଣାଉଛି।

**krishnapriya2409@gmail.om**

# ୩୮ କୋଟିରୁ ଅଧିକ ଅସଂଗଠିତ କ୍ଷେତ୍ରର ଶ୍ରମଜୀବୀଙ୍କ ପାଇଁ ଇ-ଶ୍ରମ ପୋର୍ଟାଲର ଶୁଭାରମ୍ଭ




ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଦେଶର ଅସଂଗଠିତ କ୍ଷେତ୍ରର ଶ୍ରମଜୀବୀମାନଙ୍କ ସମ୍ପର୍କରେ କୌଣସି ସ୍ପଷ୍ଟ ତଥ୍ୟ ନାହିଁ। ଏକ ଆକଳନ ଅନୁଯାୟୀ, ଦେଶରେ ଏପରି ଶ୍ରମିକମାନଙ୍କର ସଂଖ୍ୟା ୩୮ କୋଟିରୁ ଅଧିକ ହେବ; କିନ୍ତୁ ସୂଚନାର ଅଭାବ କାରଣରୁ ଅଂସଗଠିତ କ୍ଷେତ୍ରର ଶ୍ରମଜୀବୀଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ସଂଖ୍ୟାଧିକ ସାମାଜିକ ସୁରକ୍ଷା ଯୋଜନାର ଲାଭ ଏମାନଙ୍କୁ ମିଳିପାରୁନାହିଁ। ଏହି ସମସ୍ୟାର ସମାଧାନ ଲାଗି କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଇ-ଶ୍ରମ ପୋର୍ଟାଲ ଉନ୍ମୋଚନ କରାଯାଇଛି। ଏହା ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ସମ୍ପର୍କରେ ତଥ୍ୟ ଓ ସୂଚନା ସଂଗ୍ରହ କରିବାରେ ସହାୟକ ହେବ। ଶ୍ରମିକମାନଙ୍କୁ ଇ-ଶ୍ରମ କାର୍ଡ ବିତରଣ କରାଯିବ ଯେଉଁଥିରେ ସେମାନଙ୍କୁ ୧୨ଟି ସଂଖ୍ୟା ବିଶିଷ୍ଟ ଏକ ଅଭିନବ କୋଡ ଦିଆଯିବ । ଏହା ସେମାନଙ୍କର ପରିଚୟକୁ ସୁନିଶ୍ଚିତ କରିବ। ପୋର୍ଟାଲରେ ଶ୍ରମିକମାନଙ୍କର ପଞ୍ଜୀକରଣ ଲାଗି ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ। ରାଜ୍ୟ ସରକାର, ଶ୍ରମିକ ସଂଗଠନ ଏବଂ ଜନ ସେବା କେନ୍ଦ୍ରଗୁଡ଼ିକ ମଧ୍ୟ ଶ୍ରମିକମାନଙ୍କର ପଞ୍ଜୀକରଣରେ ସହାୟତା କରିବେ। କୌଣସି ସମସ୍ୟା କ୍ଷେତ୍ରରେ, 14434 ଟୋଲ ଫ୍ରି ନମ୍ବରକୁ କଲ କରି ସମ୍ପୂର୍ଣ୍ଣ ସୂଚନା ସଂଗ୍ରହ କରାଯାଇପାରିବ। ଏହି ପୋର୍ଟାଲରେ ପଞ୍ଜୀକରଣ କରିଥିବା ଜଣେ ଶ୍ରମିକ ଦୁର୍ଘଟଣା ଜନିତ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କାର ବୀମା ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କାର ବୀମା ପାଇବାକୁ ହକଦାର ହେବେ। ଏ ସମ୍ପର୍କରେ କେନ୍ଦ୍ର ଶ୍ରମ ଏବଂ ନିୟୋଜନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି, "ଅସଂଗଠିତ କ୍ଷେତ୍ରର ଶ୍ରମଜୀବୀମାନେ ଭାରତର ରାଷ୍ଟ୍ର ନିର୍ମାତା ଏବଂ ସେମାନଙ୍କର କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପକୁ ସାକାର କରିବା ଦିଗରେ ଏହି ପୋର୍ଟାଲ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।"

## କୁପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୭୫ଟି ଲେଖାଏଁ ବିଦ୍ୟାଳୟ ବୁଲିବେ ଭାରତୀୟ ଅଲିମ୍ପିଆନ

ଟୋକିଓ ଫେରନ୍ତା ଭାରତୀୟ ଅଲିମ୍ପିଆନମାନେ ଆସନ୍ତା ସ୍ୱାଧୀନତାଦିବସସୁଦ୍ଧା୭୫ଟିଲେଖାଏଁବିଦ୍ୟାଳୟପରିଦର୍ଶନ କରି କୁପୋଷଣ ବିରୋଧରେ ସଚେତନତା ସୃଷ୍ଟି କରିବେ। ପୋଷଣର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେମାନଙ୍କୁ ଅନୁରୋଧ କରିଥିଲେ। ସ୍ୱାଧୀନତାର ୭୫ତମ ବର୍ଷ ଉପଲକ୍ଷେ ସାରା ଦେଶରେ ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଫେରିଥିବା ଅଲିମ୍ପିଆନମାନଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନା କରିଛନ୍ତି ଏବଂ ପ୍ରତ୍ୟେକଙ୍କୁ ୭୫ଟି ଲେଖାଏଁ ବିଦ୍ୟାଳୟ ବୁଲିବା ଲାଗି ନିବେଦନ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଭାରତ ଚମତ୍କାର ପ୍ରଦର୍ଶନ କରିଛି। ସାରା ଦେଶରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଛି। କ୍ରୀଡ଼ା ପ୍ରତି ରହିଥିବା ମାନସିକତାରେ ପରିବର୍ତ୍ତନ ଆସିଛି ଏବଂ ମାତାପିତାମାନେ ଏବେ କ୍ରୀଡ଼ା କ୍ଷେତ୍ରକୁ ଯିବା ଲାଗି ସେମାନଙ୍କର ପିଲାମାନଙ୍କୁ ଅନୁପ୍ରାଣିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, କୁପୋଷଣ ବିରୋଧରେ ସଚେତନତା ସୃଷ୍ଟି କରିବା ଲାଗି ଅଲିମ୍ପିଆନମାନେ ବିଦ୍ୟାଳୟ ପରିଦର୍ଶନ କଲେ ପିଲାମାନେ ଅନୁପ୍ରାଣିତ ହେବେ।



## ବୁଣାକାରଙ୍କ ସଶକ୍ତିକରଣ ପାଇଁ ଆହୁରି ୧୦ଟି ସହରରେ ପ୍ରତିଷ୍ଠା କରାଯିବ ହସ୍ତତନ୍ତ ଡିଜାଇନ ସମ୍ବଳ କେନ୍ଦ୍ର

ଆଜକୁ ପ୍ରାୟ ୧୧୬ ବର୍ଷ ପୂର୍ବେ ଅଗଷ୍ଟ ୭, ୧୯୦୫ରେ ଭାରତରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଲୋକମାନେ ଆଗ୍ରହର ସହିତ ସ୍ୱଦେଶୀ ହସ୍ତତନ୍ତ ଉତ୍ପାଦକୁ ଗ୍ରହଣ କରିଥିଲେ। କିନ୍ତୁ ସ୍ୱାଧୀନତା ପରେ, ଏହାର ଗୁରୁତ୍ୱ ଧୀରେ ଧୀରେ ହ୍ରାସ ପାଇଲା। ଅତୀତର ସେହି ଗୌରବକୁ ଫେରାଇ ଆଣିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିବର୍ଷ ଅଗଷ୍ଟ ୭ ତାରିଖକୁ ହସ୍ତତନ୍ତ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରିଛନ୍ତି। ବିଗତ ୭ ବର୍ଷ ଧରି ଲୋକମାନେ "ଭୋକାଲ ଫର ଲୋକାଲ" (ସ୍ଥାନୀୟ ଉତ୍ପାଦ ପ୍ରତି ଆଗ୍ରହୀ) ହୋଇଥିବାରୁ ହସ୍ତତନ୍ତ କ୍ଷେତ୍ରରେ ବୃହତ ଅଭିବୃଦ୍ଧି ଦେଖିବାକୁ ମିଳିଛି। ବୁଣାକାର, ରପ୍ତାନିକାରୀ, ଉତ୍ପାଦନକାରୀ ଏବଂ ଡିଜାଇନରମାନଙ୍କୁ ଡିଜାଇନ ଷ୍ଟୋର ସୁବିଧା ପ୍ରଦାନ କରିବା ଲାଗି ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଦେଶର ଅଧିକ ୧୦ଟି ସହରରେ ଡିଜାଇନ ସମ୍ବଳ କେନ୍ଦ୍ର ପ୍ରତିଷ୍ଠା କରାଯିବ। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ଫ୍ୟାସନ ଟେକ୍ନୋଲୋଜି (ଏନଆଇଏଫଟି) ର ସହାୟତାରେ ଏହିସବୁ କେନ୍ଦ୍ର ସ୍ଥାପନ କରାଯିବ। କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, କନ୍ନୁର, ଇନ୍ଦୋର, ନାଗପୁର, ମେରଟ, ଭାଗଲପୁର ଏବଂ ପାନିପତରେ ଥିବା ବୁଣାକାର ସେବା କେନ୍ଦ୍ର ଠାରେ ଏହିସବୁ କେନ୍ଦ୍ରଗୁଡ଼ିକ ସ୍ଥାପନ କରାଯାଉଛି।



## ଭାରତ ହେଲା ଦୁନିଆର ଦ୍ୱିତୀୟ ସର୍ବାଧିକ ପସନ୍ଦଯୋଗ୍ୟ ଉତ୍ପାଦନ କେନ୍ଦ୍ର



ଗତ ବର୍ଷ କୋଭିଡ କାଳରେ ଯେତେବେଳେ ଭାରତର ଅର୍ଥବ୍ୟବସ୍ଥା ନିମ୍ନଗାମୀ ହୋଇ ଯାଇଥିଲା, ଦେଶର ଅର୍ଥବ୍ୟବସ୍ଥାର ସ୍ଥିତିକୁ ନେଇ ସେତେବେଳେ ଅନେକ ପ୍ରଶ୍ନ ଉଠିଥିଲା। ଏହାପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମନିର୍ଭର ଭାରତ ସଂକଳ୍ପ ସହିତ ଆଗକୁ ଆସିଥିଲେ। ଯାହାଫଳରେ ଦେଶ ଉତ୍ପାଦନ କ୍ଷେତ୍ରରେ ଏକ ସଫଳ କାହାଣୀ ସୃଷ୍ଟି କରୁଛି। ରିଅଲ ଇଷ୍ଟେଟ କନସଲ୍ଟାଣ୍ଟ କସମ୍ୟାନ ଏବଂ ୱାକଫିଲ୍ଡ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଗ୍ଲୋବାଲ ମ୍ୟାନୁଫାକ୍ଚରିଂ ରିସ୍କ ଇଣ୍ଡେକ୍ସ-୨୦୨୧ ରିପୋର୍ଟ ଅନୁସାରେ, ଚୀନ ପରେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବାଧିକ ପସନ୍ଦଯୋଗ୍ୟ ଉତ୍ପାଦନ କେନ୍ଦ୍ର ହୋଇପାରିଛି। ଏହି ସୂଚକାଙ୍କ ଅନୁଯାୟୀ, ଆମେରିକା ଠାରୁ ଭାରତ ଆଗରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ଆମେରିକା ଏବଂ ଏସୀୟ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ତୁଳନାରେ ଉତ୍ପାଦନକାରୀମାନେ ଭାରତ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ପରିଚାଳନାଗତ ପରିସ୍ଥିତି ଏବଂ ଖର୍ଚ୍ଚ-ଦକ୍ଷତା କାରଣରୁ ଉତ୍ପାଦନର କେନ୍ଦ୍ରସ୍ଥଳୀ ଭାବେ ଭାରତର ଆକର୍ଷଣୀୟ କ୍ଷମତା ବୃଦ୍ଧି ପାଇଛି। ମେକ ଇନ ଇଣ୍ଡିଆ, ଆତ୍ମନିର୍ଭର ଭାରତ ଭଳି ଅଭିଯାନ ଏବଂ ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ (ପିଏଲଆଇ) ଭଳି ପଦକ୍ଷେପ ଭାରତର ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହନ ଯୋଗାଇଛି, ଏହାକୁ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ପାଇଁ ଏକ ଆକର୍ଷଣୀୟ ସ୍ଥଳୀରେ ପରିଣତ କରିଛି।

## ସ୍ଥାନୀୟ ଉତ୍ପାଦନ ପାଇଁ ବାରାଣସୀ ବନ୍ଦର ବରଦାନ ସଦୃଶ ହୋଇଛି




ତିନି ବର୍ଷ ପୂର୍ବେ, ଗଙ୍ଗା ନଦୀରେ ନିର୍ମିତ ଭାରତର ପ୍ରଥମ ଅନ୍ତର୍ଦେଶୀୟ ଜଳପଥ ଦେଇ କୋଲକାତାରୁ ପ୍ରଥମ କଣ୍ଟେନର ବାରାଣସୀରେ ପହଞ୍ଚିଥିଲା। ଏହା କେବଳ ପରିବହନ ସୁବିଧା ଆରମ୍ଭ କରିନଥିଲା ବରଂ ସାତ ଦଶନ୍ଧି ଧରି ଦୁରବସ୍ଥା ମଧ ଦେଇ ଗତି କରୁଥିବା ଜଳପଥର ବ୍ୟାପକ ସମ୍ଭାବନାକୁ ଉଜ୍ଜ୍ୱିବିତ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁହନ୍ତି, "ଏକଦା ଆମ ଦେଶର ନଦୀଗୁଡ଼ିକରେ ବଡ଼ ବଡ଼ ଜାହାଜ ଚଳାଚଳ କରୁଥିଲା, କିନ୍ତୁ ସ୍ୱାଧୀନତା ପରେ ଏଥିପ୍ରତି ଧ୍ୟାନ ଦେବା ପରିବର୍ତ୍ତେ, ଅବହେଳା କରାଗଲା। ଆମେ ଏହି ଅନ୍ୟାୟକୁ ସମାପ୍ତ କରିଛୁ।" ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନର ପ୍ରକଳ୍ପ ବାରାଣସୀ ବନ୍ଦର କାର୍ଯ୍ୟକ୍ଷମ ହେବା ପରେ ଜଳମାର୍ଗରେ କମ ଖର୍ଚ୍ଚ ଓ ସମୟରେ ବାରାଣସୀକୁ ଖେଳନା, ସ୍ଥାନୀୟ ହସ୍ତଶିଳ୍ପ ଏବଂ ଅନ୍ୟ ସାମଗ୍ରୀ ପରିବହନ ପାଇଁ ସହାୟତା ମିଳିପାରିଛି। ଏହା ସ୍ଥାନୀୟ ବ୍ୟବସାୟ ଏବଂ ରୋଜଗାର ପାଇଁ ନୂଆ ମାର୍ଗ ପ୍ରଶସ୍ତ କରିଛି। ବର୍ତ୍ତମାନ, କୋଲକାତା, ଝାଡ଼ଖଣ୍ଡ, ବିହାର ଏବଂ ଉତ୍ତର ପ୍ରଦେଶ ଜାତୀୟ ଜଳମାର୍ଗ-୧ ସହିତ ଯୋଡ଼ି ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚମତ୍କାର ଚିନ୍ତାଧାରା ଫଳରେ ଦେଶରେ ସଂଖ୍ୟାଧିକ ଜଳମାର୍ଗ ଖୋଲିପାରିଛି, ୨୦୧୪ ସୁଦ୍ଧା ଏପରି ମାତ୍ର ୪ଟି ମାର୍ଗ ଥିବା ବେଳେ ଏବେ ଏହା ୧୧୧ ହୋଇପାରିଛି।

## ୧ କୋଟିରୁ ଅଧିକ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଛି ଇ-ସଞ୍ଜିବନୀ

'ଆୟୁଷ୍ମାନ ଭାରତ' ଅନ୍ତର୍ଗତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦ୍ୱାରା ଇ-ସଞ୍ଜିବନୀ ନାମକ ଏକ ଟେଲି-ପରାମର୍ଶ ସୁବିଧା ଆରମ୍ଭ କରାଯାଇଥିଲା। ଏହା କୋଭିଡ କାଳରେ ମଧ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଦେବା ଲାଗି ସକ୍ଷମ କରିଥିଲା। ଏହି ଅନଲାଇନ ସୁବିଧା ମାଧ୍ୟମରେ, ବର୍ତ୍ତମାନ ସୁଦ୍ଧା ଏକ କୋଟିରୁ ଅଧିକ ଲୋକଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇସାରିଛି। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଇ-ସଞ୍ଜିବନୀ ମାଧ୍ୟମରେ ଦୈନିକ ୭୫ ହଜାରରୁ ଅଧିକ ଲୋକଙ୍କୁ ଚିକିତ୍ସା ପରାମର୍ଶ ଦିଆଯାଉଛି। ଗତ ୧୦ ମାସ ମଧ୍ୟରେ ଏହି ସୁବିଧା ୧,୦୦୦ ପ୍ରତିଶତ ବୃଦ୍ଧି ପାଇଛି। 2020ରେ, ସେପ୍ଟେମ୍ବର ସୁଦ୍ଧା ୧୭୦,୮୦୭ ଟେଲି ପରାମର୍ଶ ସେବା ପ୍ରଦାନ କରାଯାଇଥିଲା, ଅନ୍ୟପଟେ ଜୁଲାଇ ୨୦୨୧ ସୁଦ୍ଧା, ଇ-ସଞ୍ଜିବନୀ ୧୭,୫୦,୮୨୨ ଟେଲି ପରାମର୍ଶ ସେବା ଯୋଗାଇ ଦେଇଛି। ଏହି ସୁବିଧା ବର୍ତ୍ତମାନ ଦେଶର ୭୦୧ଟି ଜିଲ୍ଲାରେ ଉପଲବ୍ଧ ରହିଛି। ଏହାର ଲାଭ ପାଇଥିବା ୫୬ ପ୍ରତିଶତ ହିତାଧିକାରୀ ମହିଳା ହୋଇଥିବା ବେଳେ ୦.୫ ପ୍ରତିଶତ ୮୦ ବର୍ଷରୁ ଅଧିକ ଏବଂ ୧୮ ପ୍ରତିଶତରୁ ଅଧିକ ରୋଗୀଙ୍କ ବୟସ ୨୦ ବର୍ଷରୁ ଅଧିକ ରହିଛି। ■

### ଆପଣମାନେ ମଧ ଏହାର ଲାଭ ପାଇପାରିବେ...

ଇ-ସଞ୍ଜିବନୀ ସେବାର ଲାଭ ପାଇବାକୁ ହେଲେ, ରୋଗୀଙ୍କୁ ଗୁଗଲ ପ୍ଲେ ଷ୍ଟୋରରୁ ଇ-ସଞ୍ଜିବନୀ ଆପ୍ ଡାଉନଲୋଡ୍ କରିବାକୁ ପଡ଼ିବ। ଏହାପରେ ତିନୋଟି ବିକଳ୍ପ ଆସିବ। ପ୍ରଥମ ରୋଗୀଙ୍କ ପଞ୍ଜୀକରଣ ଏବଂ ଟୋକନ, ଦ୍ୱିତୀୟଟି ଲଗଇନ ଏବଂ ତୃତୀୟଟି ପ୍ରେସକ୍ରିପ୍ସନ ପାଇଁ ବିକଳ୍ପ। ଏହି ଆପ୍‌ରେ ପଞ୍ଜୀକରଣ କରି ଟୋକନ ପାଇବା ପରେ, ମୋବାଇଲ ନମ୍ବର ଦାଖଲ କରିବାକୁ ହେବ। ଏବେ ୟୁଜର ତାଙ୍କ ମୋବାଇଲରେ ଏକ ଓଟିପି ପାଇବେ। ଓଟିପି ଦାଖଲ କରିବା ପରେ ୟୁଜର ଫର୍ମ ପୂରଣ କରିବାକୁ ସକ୍ଷମ ହେବେ। ଇ-ସଞ୍ଜିବନୀ ଦୁଇ ପ୍ରକାରର ଟେଲି-ମେଡ଼ିସିନ ପରାମର୍ଶ ଦେଇଥାଏ। ଏହି ପ୍ଲାଟଫର୍ମ ଡାକ୍ତରଙ୍କ ଠାରୁ ଡାକ୍ତର ଏବଂ ରୋଗୀଙ୍କ ଠାରୁ ଡାକ୍ତରଙ୍କ ପର୍ଯ୍ୟନ୍ତ ପରାମର୍ଶ ସେବା ପ୍ରଦାନ କରିଥାଏ।



# ଅନ୍ତ୍ୟୋଦୟର ପ୍ରଣେତା

**କଥାରେ ଅଛି, କେହି କେହି ଜନ୍ମରୁ ମହାନ ହୋଇଥାନ୍ତି, କେହି ମହାନତା ହାସଲ କରନ୍ତି ଏବଂ ଆଉ କେତେକଙ୍କୁ ମହାନ କରି ଦିଆଯାଏ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏପରି ଜଣେ ବ୍ୟକ୍ତି ଥିଲେ ଯିଏକି ମହାନତା ହାସଲ କରିଥିଲେ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅଭିନ୍ନ ମାନବବାଦ ଏବଂ ଅନ୍ତ୍ୟୋଦୟର ପ୍ରଣେତା ଥିଲେ। ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ କେନ୍ଦ୍ର ସରକାର ସମାଜର ପ୍ରତ୍ୟେକ ବର୍ଗଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ଏକ ଆତ୍ମନିର୍ଭର ଭାରତ ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି। ତାଙ୍କର ନୀତି ଓ ଆଦର୍ଶ ରାଷ୍ଟ୍ରର ପୁନଃନିର୍ମାଣ ଲାଗି ଲୋକମାନଙ୍କୁ ଅନୁପ୍ରାଣିତ କରିଛି।**

ଦଳିତ, ବଞ୍ଚିତ, ଅବହେଳିତ, ନିର୍ଯାତିତ, ଗ୍ରାମବାସୀ, ଗରିବ, ଚାଷୀ... ଆଦି ସମାଜର ପ୍ରତ୍ୟେକ ବଞ୍ଚିତ ବର୍ଗଙ୍କ ଉନ୍ନତି ପ୍ରତି ପ୍ରଥମେ ଧ୍ୟାନ ଦିଆଯିବା ଆବଶ୍ୟକ। ରାଷ୍ଟ୍ରକୁ ଦୃଢ଼ ଏବଂ ଆତ୍ମନିର୍ଭରଶୀଳ କରିବାକୁ ହେଲେ ସମାଜର ଅନ୍ତିମ ଭାଗରେ ରହିଥିବା ଲୋକମାନଙ୍କର ସାମାଜିକ, ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେବା ଜରୁରି। ଅନ୍ତ୍ୟୋଦୟର ଉଦ୍ଭବ ପ୍ରତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ସର୍ବଦା ଗୁରୁତ୍ୱାରୋପ କରୁଥିଲେ, ଏହା ସବକା ସାଥ, ସବକା ବିକାଶ ଏବଂ ସବକା ବିଶ୍ୱାସ ପାଇଁ ଆଧାର ସୃଷ୍ଟି କରିଥାଏ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ସେପ୍ଟେମ୍ବର ୨୫ ତାରିଖ, ୧୯୧୬ ମସିହାରେ ତାଙ୍କ ଅଜା ଚୁନିଲାଲ ଶୁକ୍ଳାଙ୍କ ଘରେ ହୋଇଥିଲା। ପଣ୍ଡିତଜୀଙ୍କ ଅଜା ରାଜସ୍ଥାନର ଧଙ୍କିୟା ଗ୍ରାମରେ ରହୁଥିଲେ। ସେଠାରେ ତାଙ୍କର ଜନ୍ମ ହୋଇଥିଲା। କିନ୍ତୁ ଦୀନଦୟାଲଙ୍କ ପୈତୃକ ବାସସ୍ଥାନ ଥିଲା ଉତ୍ତରପ୍ରଦେଶର ମଥୁରା ଜିଲ୍ଲାର ନାଗଲା ଚନ୍ଦ୍ରଭାନ ଗ୍ରାମ । ମଥୁରାର ଜାଲେସାର ରେଳପଥରେ ଥିବା ଏକ ଷ୍ଟେସନରେ ଦୀନଦୟାଲଙ୍କ ପିତା ଭଗବତୀ ପ୍ରସାଦ ଉପାଧ୍ୟାୟ ଜଣେ ଷ୍ଟେସନ ମାଷ୍ଟର ଥିଲେ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପିଲା ଦିନ ଖୁବ୍ କଷ୍ଟରେ କଟିଥିଲା। ମାତ୍ର ତିନି ବର୍ଷ ବୟସରେ ସେ ନିଜ ପିତାଙ୍କୁ ହରାଇଥିଲେ। ଦୀନଦୟାଲଙ୍କୁ ମାତ୍ର ସାତ ବର୍ଷ ହୋଇଥିବା ବେଳେ ମାତା ରାମପ୍ୟାରୀ ଦେବୀ ତାଙ୍କୁ ଛାଡ଼ି ଆରପାରିକୁ ଚାଲିଯାଇଥିଲେ। ଶିଶୁଟିଏ ଯେଉଁ ବୟସରେ ପିତାଙ୍କ ସୁରକ୍ଷା ଓ ମା'ର ସ୍ନେହ ବେଶୀ ଆବଶ୍ୟକ କରେ ଠିକ ସେହି ସମୟରେ ସେ ତାଙ୍କର ମାତାପିତାଙ୍କୁ ହରାଇଥିଲେ। ତେବେ ପିଲାଟି ଦିନୁ ପଣ୍ଡିତଜୀ ଅସାଧାରଣ ପ୍ରତିଭା ଓ ଧୀଶକ୍ତିର ଅଧିକାରୀ ଥିଲେ। ସିକାରର କଲ୍ୟାଣ ଉଚ୍ଚ ବିଦ୍ୟାଳୟରୁ ସେ ପ୍ରଥମ ଶ୍ରେଣୀରେ ମାଟ୍ରିକ ଉତ୍ତୀର୍ଣ୍ଣ ହୋଇଥିଲେ। ଅଜମେର ବୋର୍ଡ ଏବଂ ସ୍କୁଲ ଫର ଏକାଡେମିକ ଏକ୍ସେଲେନ୍ସ ପକ୍ଷରୁ ତାଙ୍କୁ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଏହାର ଦୁଇ ବର୍ଷ ପରେ ସେ ବିର୍ଲା ପିଲାନୀ କଲେଜରୁ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏଥିରେ ମଧ୍ୟ ସେ ଦୁଇଟି ସ୍ୱର୍ଣ୍ଣ ପଦକ ପାଇଥିଲେ। କାନପୁରର ସନାତନ ଧର୍ମ କଲେଜରୁ ୧୯୩୯ରେ, ସେ ଗଣିତ ବିଷୟରେ ବିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏଠାରେ ହିଁ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତାମାନଙ୍କୁ ଭେଟିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତାମାନଙ୍କର ତପସ୍ୱୀ ଜୀବନ ଦ୍ୱାରା ସେ ବିଶେଷ ପ୍ରଭାବିତ ହୋଇଥିଲେ, ଏହି ସମୟରେ ରାଷ୍ଟ୍ର ସେବା କରିବା ଲାଗି ତାଙ୍କ ମନରେ ଆଗ୍ରହ ଜନ୍ମିଥିଲା। ଆଗ୍ରାର ସେଣ୍ଟ ଜନ୍ସ କଲେଜରେ ଏମ.ଏ. ପଢ଼ିବା ଲାଗି ପଣ୍ଡିତଜୀ ନାମ ଲେଖାଇଥିଲେ କିନ୍ତୁ କେତେକ କାରଣରୁ ତାଙ୍କୁ ପାଠପଢ଼ା ଅଧାରୁ ଛାଡ଼ିବାକୁ ପଡ଼ିଥିଲା। ଅନ୍ୟ କୌଣସି କ୍ୟାରିଅର ବାଛିବା ପରିବର୍ତ୍ତେ ଆଜୀବନ ନିଜକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପାଇଁ ସମର୍ପି ଦେବେ ବୋଲି ଠିକ୍ ଏହି ସମୟରେ ହିଁ ସେ ନିଷ୍ପତ୍ତି ନେଲେ। ସେତେବେଳକୁ ରାଷ୍ଟ୍ର ଜାଗରଣ ଏବଂ ରାଷ୍ଟ୍ରୀୟ ଅଖଣ୍ଡତା ପାଇଁ ନିରବିଚ୍ଛିନ୍ନ ଭାବେ ସଂଘ କାର୍ଯ୍ୟ କରୁଥାଏ। ୧୯୫୧ ପର୍ଯ୍ୟନ୍ତ, ସଂଘର ବିଭିନ୍ନ ପଦପଦବୀରେ ସେ ସାମାଜିକ ସଚେତନତା ପାଇଁ କାର୍ଯ୍ୟ କରିଥିଲେ। ଆରଏସଏସର ରାଜନୈତିକ ଶାଖା ଜନ ସଂଘ ୧୯୫୧ରେ ଗଠନ ହେବାପରେ

## ଅସାଧାରଣ ରାଜନୈତିକ ଓ ସାଂଗଠନିକ ଦକ୍ଷତା ଥିବା ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ । ଏକାଧାରରେ ସେ ଥିଲେ ଜଣେ ଓଜସ୍ୱୀ ବକ୍ତା, ମହାନ ସମାଜ ଚିନ୍ତକ, ଅର୍ଥଶାସ୍ତ୍ରୀ, ଶିକ୍ଷାବିତ, ଲେଖକ ଓ ସାମ୍ବାଦିକ ।

ସେଥିରେ ସେ ଯୋଗ ଦେଇଥିଲେ। କାନପୁର ଅଧିବେଶନ ପରେ ତାଙ୍କର ସାଂଗଠନିକ ସାମର୍ଥ୍ୟ ଦ୍ୱାରା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ। ତାଙ୍କୁ ପ୍ରଶଂସା କରି ସେ କହିଥିଲେ ଯେ ଯଦି ତାଙ୍କ ପାଖରେ ଆଉ ଦୁଇ ଜଣ ଦୀନଦୟାଲ ଥାଆନ୍ତେ ତା'ହେଲେ ସେ ଭାରତର ରାଜନୈତିକ ଦୃଶ୍ୟପଟକୁ ସମ୍ପୂର୍ଣ୍ଣ ବଦଳାଇ ଦେଇ ପାରିଥାନ୍ତେ। ଦୁର୍ଭାଗ୍ୟବଶତଃ, ଡ. ମୁଖାର୍ଜୀ ୧୯୫୩ରେ ପ୍ରାଣ ହରାଇଥିଲେ, ଏହା ପରେ ଜନ ସଂଘର ମଶାଲ ଦୀନଦୟାଲ ଜୀଙ୍କ ହାତକୁ ଯାଇଥିଲା। ଏତେ ସମର୍ପିତ ଏବଂ ନୀରବ ଭାବେ ସେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ ଯେ 1967 ସାଧାରଣ ନିର୍ବାଚନର ପରିଣାମ ସମସ୍ତଙ୍କୁ ଚକିତ କରି ଦେଇଥିଲା। ଭୋଟ ଭାଗ ଦୃଷ୍ଟିରୁ ଜନ ସଂଘ ଦେଶର ଦ୍ୱିତୀୟ ବୃହତ୍ତମ ଦଳ ହୋଇପାରିଥିଲା। ଏହି ସମୟ ସୁଦ୍ଧା ଦୀନଦୟାଲଜୀ ଦେଶର ଜଣେ ଶୀର୍ଷ ନେତା ହୋଇସାରିଥିଲେ, ସେ ଅତ୍ୟନ୍ତ ସରଳ ଜୀବନଯାପନ କରୁଥିଲେ। ସେ ନିଜେ ନିଜ ପୋଷାକ ସଫା କରୁଥିଲେ ଏବଂ କେବେ ବି ବିଦେଶୀ ସାମଗ୍ରୀ ବ୍ୟବହାର କରୁନଥିଲେ।

ସ୍ୱାଧୀନତା ଆନ୍ଦୋଳନ କାଳରେ, ଦେଶାତ୍ମବୋଧର ଭାବନା ଜାଗ୍ରତ କରିବା ଲାଗି ବହୁ ନେତା ସାମ୍ବାଦିକତାକୁ ମାଧ୍ୟମ କରିଥିଲେ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏପରି ଜଣେ ନେତା ଥିଲେ ଯିଏ ମସୀର ଶକ୍ତି ବଳରେ ବୈପ୍ଲବିକ ପରିବର୍ତ୍ତନ ଆଣିପାରିଥିଲେ। ଜଣେ ପୁରୁଖା ରାଜନେତା ହେବା ସହିତ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ଜ୍ଞାନ ରହିଥିଲା। ହିନ୍ଦୀ ଓ ଇଂରାଜୀରେ ତାଙ୍କର ଲେଖାଗୁଡ଼ିକ ବିଭିନ୍ନ ପତ୍ରପତ୍ରିକାରେ ନିୟମିତ ପ୍ରକାଶ ପାଉଥିଲା। ସେ ଉଚ୍ଚ ବୌଦ୍ଧିକତା ସମ୍ପନ୍ନ ଥିଲେ। 'ଚନ୍ଦ୍ରଗୁପ୍ତ ମୌର୍ଯ୍ୟ' ଉପରେ ଏକ ଛୋଟ ଉପନ୍ୟାସ ମାତ୍ର ୧୬ ଘଣ୍ଟା ମଧ୍ୟରେ ସେ ଲେଖି ଦେଇଥିଲେ। ଦୀନଦୟାଲଜୀ ଲକ୍ଷ୍ନୌରେ ରାଷ୍ଟ୍ରଧର୍ମ ପ୍ରକାଶନ ପ୍ରତିଷ୍ଠା କରିଥିଲେ। ମାସିକ ପତ୍ରିକା 'ରାଷ୍ଟ୍ରଧର୍ମ' ଜାତୀୟତାବାଦ ବିଚାରର ପ୍ରଚାରପ୍ରସାର ଆରମ୍ଭ କରିଥିଲା। ପରେ ସେ 'ପାଞ୍ଚଜନ୍ୟ' (ସାପ୍ତାହିକୀ) ଏବଂ 'ସ୍ୱଦେଶ' (ଦୈନିକ) ଆରମ୍ଭ କରିଥିଲେ। ସେ ଜଣେ ଅସାଧାରଣ ବୁଦ୍ଧିମତ୍ତା ସମ୍ପନ୍ନ ସାମ୍ବାଦିକ ଥିଲେ। ଫେବୃଆରୀ ୧୧, ୧୯୬୮ରେ ତାଙ୍କର ମୃତ୍ୟୁ ଖବର ଶୁଣି ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା, ମୁଗଲସରାଇ ରେଳ ୟାର୍ଡରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କର ହତ୍ୟା ଘଟଣା ଭାରତରେ ସବୁଠୁ ଘୃଣ୍ୟ ଅପରାଧ ଭାବେ ବିବେଚନା କରାଯାଇଥିଲା। ପଣ୍ଡିତ ଦୀନଦୟାଲଜୀଙ୍କ ହତ୍ୟା ପଛରେ ଥିବା ରହସ୍ୟ ଆଜିଯାଏଁ ଉନ୍ମୋଚିତ ହୋଇପାରିନାହିଁ। ଭାରତରେ



"

ଦୀନଦୟାଲ ଉପାଧ୍ୟାୟ ଜୀ ଆମକୁ ଅନ୍ତ୍ୟୋଦୟର ମାର୍ଗ ଦେଖାଇଛନ୍ତି। ଏହା ହେଉଛି ସମାଜର ଅନ୍ତିମ ସୋପାନରେ ଛିଡ଼ା ହୋଇଥିବା ଲୋକମାନଙ୍କର ଉତ୍ଥାନ । ଏକବିଂଶ ଶତାବ୍ଦୀରେ ଭାରତ ଏହି ବିଚାରରୁ ପ୍ରେରଣା ନେଇ ଅନ୍ତ୍ୟୋଦୟ ପାଇଁ ଚେଷ୍ଟା କରୁଛି। ବିକାଶର ସର୍ବନିମ୍ନ ସୋପାନରେ ଥିବା ଲୋକମାନଙ୍କୁ ସର୍ବୋଚ୍ଚ ସୋପାନକୁ ଆଣିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବାଞ୍ଚଳ, ପୂର୍ବ ଭାରତ, ଉତ୍ତର ଭାରତ କିମ୍ବା ଦେଶରେ ଥିବା ୧୦୦ରୁ ଅଧିକ ଆକାଂକ୍ଷୀ ଜିଲ୍ଲାରେ ଅଭୂତପୂର୍ବ ବିକାଶମୂଳକ କାର୍ଯ୍ୟ କରାଯାଉଛି।

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଗଣତନ୍ତ୍ରର ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ । ସେ ଏହାର ଉଦାରବାଦୀ ଏବଂ ସ୍ୱଦେଶୀ ଚରିତ୍ରକୁ ରୂପ ଦେଇଥିଲେ। ସେ କ୍ଷମତା ହାସଲ କରିବାକୁ ନୁହେଁ ବରଂ ରାଷ୍ଟ୍ରସେବା କରିବା ଲାଗି ରାଜନୀତିକୁ ଆସିଥିଲେ। ଚମତ୍କାର ରାଜନୈତିକ, ସାଂଗଠନିକ କୌଶଳ ସହିତ ଜଣେ ଅସାଧାରଣ ବକ୍ତା ଭାବେ ସେ ଥିଲେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ। ସେ ଏକାଧାରରେ ଥିଲେ ଜଣେ ଅସାଧାରଣ ଅର୍ଥଶାସ୍ତ୍ରୀ, ଶିକ୍ଷାବିତ, ଲେଖକ ଓ ସାମ୍ବାଦିକ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ରାଜନୈତିକ ପରିଚୟ ସମସ୍ତଙ୍କୁ ଜଣାଥିଲା। ଦକ୍ଷତାର ସହିତ ସେ ଜନ ସଂଘର ନେତୃତ୍ୱ ନେଇଥିଲେ, ଦଳ ପାଇଁ ନୀତି ପ୍ରଣୟନ କରିଥିଲେ ଏବଂ ଉଚ୍ଚ ନୈତିକ ମୂଲ୍ୟବୋଧ ନିର୍ଦ୍ଧାରଣ କରିଥିଲେ।■

# ସାଙ୍କେତିକ ଭାଷା

## ମୂକ ଓ ବଧିରଙ୍କୁ କରୁଛି ସଶକ୍ତ



**ଦେଶରେ ମୂକ-ବଧିର ଲୋକମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟ ନେଇ ସାଙ୍କେତିକ ଭାଷାକୁ ସରକାରୀ ବିଷୟ ମାନ୍ୟତା ପ୍ରଦାନ କରାଯାଇଛି। ଆହୁରି, ଦେଶରେ ପ୍ରଥମ ଥର ପାଇଁ ସାଧାରଣ ଶବ୍ଦକୋଷ ତିଆରି କରାଯାଇଛି। ମୂକ-ବଧିର ଲୋକମାନେ ହାତ, ମୁଖମଣ୍ଡଳ ଏବଂ ଶରୀରର ଅଙ୍ଗଭଙ୍ଗୀ ଜରିଆରେ ସେମାନଙ୍କର ଭାବ ବ୍ୟକ୍ତ କରିଥାନ୍ତି।**

ଜଣେ ମୂକ-ବଧିର ଚିତ୍ରକର ନିଜର ଏକ ଚିତ୍ରକଳା ପ୍ରଧାନମନ୍ତ୍ରୀଙ୍କୁ ପଠାଇଥିଲେ। ତାଙ୍କୁ ଲେଖିଥିବା ଏକ ପତ୍ରରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଆତ୍ମବିଶ୍ୱାସର ସହିତ କଷ୍ଟକର ଆହ୍ୱାନର ମୁକାବିଲା କରିବା ଏବଂ ସକାରାତ୍ମକ ଚିନ୍ତାଧାରା ଦ୍ୱାରା ପ୍ରତିବନ୍ଧକ ଦୂର କରିପାରିଲେ ଜଣେ ବ୍ୟକ୍ତି ଜୀବନରେ ଶୀର୍ଷସ୍ତରକୁ ଯାଇପାରିଥାଏ। ପିଲାଦିନେ ଏକ ଦୁର୍ଘଟଣା କାରଣରୁ ଜୟପୁରର ଅଜୟ ଗର୍ଗ ମୂକ-ବଧିର ପାଲଟି ଯାଇଥିଲେ। ସାଧାରଣତଃ, ଏପରି ସମୟ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥାଏ, କିନ୍ତୁ ଅକ୍ଷମତା ସତ୍ତ୍ୱେ ଗର୍ଗ କେବେ ବି ଆଶା ହରାଇନଥିଲେ ଏବଂ ନିଜ ଦୁର୍ବଳତାକୁ ସାମର୍ଥ୍ୟରେ ପରିବର୍ତ୍ତନ କରି ଦେଇଥିଲେ। ସମର୍ପଣ, ଶ୍ରମ ଏବଂ ନିରନ୍ତର ଅଭ୍ୟାସ ବଳରେ ସେ ଚିତ୍ରର ଦୁନିଆରେ ନିଜ ପାଇଁ ସ୍ଥାନ ସୃଷ୍ଟି କରିଥିଲେ । ଆଉ ଆଜି ତାଙ୍କ ଚିତ୍ରକଳାକୁ ନେଇ ଅନେକ ପ୍ରଦର୍ଶନୀ କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ଆୟୋଜିତ ହୋଇସାରିଛି। ଗର୍ଗ ଏବେ ମୂକ ଓ ବଧିର ପିଲାମାନଙ୍କୁ ମାଗଣାରେ ଚିତ୍ରାଙ୍କନ ତାଲିମ ଦେଉଛନ୍ତି।

ଗର୍ଗଙ୍କୁ ଲେଖିଥିବା ପତ୍ରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, "ଜୀବନର କୌଣସି ନା କୌଣସି ମୁହୂର୍ତ୍ତରେ ବାଧାବିଘ୍ନର ସମ୍ମୁଖିନ ହୋଇଥିବା ଲୋକମାନଙ୍କ ପାଇଁ ଆପଣଙ୍କ ଜୀବନ ଏକ ପ୍ରେରଣା।" ଗର୍ଗ ଆଜିର ସମାଜରେ ଏକ ସମ୍ମାନଜନକ ସ୍ଥାନରେ ରହିପାରିଛନ୍ତି ଏଥିପାଇଁ ଆତ୍ମ ବିଶ୍ୱାସ ସହିତ ପ୍ରିୟଜନଙ୍କ ବିଶ୍ୱାସ ଏବଂ ସମର୍ଥନର ଆବଶ୍ୟକତା ରହିଛି। ୨୦୧୧ର ଜନଗଣନା ଅନୁଯାୟୀ, ଭାରତରେ ଏପରି ପ୍ରାୟ ୫୦ ଲକ୍ଷ ଲୋକ ଅଛନ୍ତି, ଯେଉଁମାନେ କଥା କହିପାରନ୍ତି ନାହିଁ କିମ୍ବା ଶୁଣି ପାରନ୍ତି ନାହିଁ।

### ଭାରତୀୟ ସାଙ୍କେତିକ ଭାଷା ଗବେଷଣା ଏବଂ ପ୍ରଶିକ୍ଷଣ କେନ୍ଦ୍ର

୨୦୧୬ରେ ଭାରତୀୟ ସାଙ୍କେତିକ ଭାଷା ଗବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବା ଥିଲା ମୂକ-ବଧିରଙ୍କ ସଶକ୍ତିକରଣ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଅଧୀନରେ ପ୍ରତିଷ୍ଠା ହୋଇଥିବା ଏହି କେନ୍ଦ୍ର ମୁଖ୍ୟତଃ ସାଙ୍କେତିକ ଭାଷା ଅନୁବାଦକମାନଙ୍କର ପ୍ରଶିକ୍ଷଣ ଓ ପ୍ରୋତ୍ସାହନ, ଗବେଷଣା ଓ ବିକାଶ ସମେତ ଶିକ୍ଷା, କାର୍ଯ୍ୟସ୍ଥଳୀ ଓ ସାଧାରଣ ଜୀବନରେ ୫୦ ଲକ୍ଷରୁ ଅଧିକ ମୂକ-ବଧିର ଲୋକମାନଙ୍କୁ ସମାନ ସୁଯୋଗ ଦେବା ଲାଗି ନୂତନ ପ୍ରଯୁକ୍ତିର ପ୍ରୋତ୍ସାହନ ପାଇଁ କାର୍ଯ୍ୟ କରିଥାଏ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଯୋଜନା ଅନ୍ତର୍ଗତ ବଧିର ଲୋକମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ଏନଜିଓଗୁଡ଼ିକୁ ମଧ୍ୟ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି। ଦିବ୍ୟାଙ୍ଗଜନ ଅଧିକାର ଆଇନ ୨୦୧୬ ଅନ୍ତର୍ଗତ ବଧିର ମାନଙ୍କୁ ମଧ୍ୟ ପୂର୍ବାପେକ୍ଷା ଅଧିକ ସୁବିଧା ଯୋଗାଇ ଦିଆଯାଉଛି।

ମାସିକ ୧୫,୦୦୦ ଟଙ୍କାରୁ କମ ଆୟ ଥିବା ଏକ ପରିବାରର ଜଣେ ଶିଶୁର ବୟସ ଯଦି ୫ ବର୍ଷରୁ କମ ହୋଇଥିବ ଏବଂ ସେହି



## ସଚେତନତା ସୃଷ୍ଟି ଲାଗି ବିଶ୍ୱ ସାଙ୍କେତିକ ଭାଷା ଦିବସ ପାଳନ

ବିଶ୍ୱ ବଧିର ମହାସଂଘର ତଥ୍ୟ ଅନୁଯାୟୀ, ସାରା ବିଶ୍ୱରେ ପାଖାପାଖି ୭୨୦ ନିୟୁତ ବଧିର ରହିଛନ୍ତି। ଏମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ବିକଶିତ ରାଷ୍ଟ୍ରରେ ରୁହନ୍ତି। ସେମାନେ ୩୦୦ଟି ଭିନ୍ନ ଭିନ୍ନ ସାଙ୍କେତିକ ଭାଷା ବ୍ୟବହାର କରିଥାନ୍ତି। ଯେଉଁମାନେ ଶୁଣିପାରନ୍ତି ନାହିଁ କିମ୍ବା ଯେଉଁମାନେ ଶ୍ରବଣ ବାଧିତ ସେମାନଙ୍କ ପାଇଁ ସାଙ୍କେତିକ ଭାଷା ହେଉଛି କଥାବାର୍ତ୍ତାର ଏକମାତ୍ର ମାଧ୍ୟମ। ଅନ୍ୟ ଭାଷା ଭଳି ସାଙ୍କେତିକ ଭାଷାର ମଧ୍ୟ ନିଜସ୍ୱ ବ୍ୟାକରଣ ଏବଂ ନିୟମ ରହିଛି। ବଧିର ଲୋକମାନଙ୍କର ପ୍ରଗତି ପାଇଁ ସାଙ୍କେତିକ ଭାଷା ଅତ୍ୟନ୍ତ ଜରୁରି। ଏହାକୁ ମଧ୍ୟ ବଧିର ଲୋକମାନଙ୍କର ମାତୃଭାଷା କୁହାଯାଇପାରିବ। ସେପ୍ଟେମ୍ବର ୨୩, ୧୯୫୧ରେ ବିଶ୍ୱ ମୂକ ମହାସଂଘ ପ୍ରତିଷ୍ଠା କରାଯାଇଥିଲା। ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ 2018 ପରଠାରୁ ସବୁବର୍ଷ ପାଳିତ ହୋଇ ଆସୁଛି। ଏହାର ଉଦ୍ଦେଶ୍ୟ ହେଉଛି ସାଙ୍କେତିକ ଭାଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା।



ଶିଶୁଟିର କୋକ୍ଲିୟର (କର୍ଣ୍ଣରେ ଲାଗୁଥିବା ଶ୍ରବଣଶକ୍ତି ବୃଦ୍ଧି ଯନ୍ତ୍ର) ପ୍ରତିରୋପଣ କରିବାର ଆବଶ୍ୟକତା ଥିବ ତା'ହେଲେ କେନ୍ଦ୍ର ସରକାର ଏହାର ସମସ୍ତ ଖର୍ଚ୍ଚ ବହନ କରିବେ। ଦୁଇ ବର୍ଷର ଏପରି ପିଲାମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ସ୍ପିଚ୍ ଥେରାପି ଦିଆଯାଉଛି। ଏପରି ଲୋକମାନଙ୍କର ଦକ୍ଷତା ବିକାଶ ଲାଗି ମଧ୍ୟ ପ୍ରଶିକ୍ଷଣ ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଛି।

**ସାଙ୍କେତିକ ଭାଷାରେ ଦେଶର ପ୍ରଥମ ଶବ୍ଦକୋଷ**

ଶହ ଶହ ବର୍ଷ ଧରି ଭାରତରେ ସାଙ୍କେତିକ ଭାଷାର ପ୍ରଚଳନ ରହି ଆସିଛି। କିନ୍ତୁ ସମାନ କଥା 'ସଙ୍କେତ' ମାଧ୍ୟମରେ କହିବା ଲାଗି ଭିନ୍ନ ଭିନ୍ନ ମାର୍ଗ ପ୍ରଚଳନ ଥିବାରୁ ସାରା ଦେଶରେ ଏହାର କୌଣସି ନିର୍ଦ୍ଦିଷ୍ଟ ରୂପ ନଥିଲା। ଉଦାହରଣ ସ୍ୱରୂପ ଯଦି ଦୁଇ ହାତକୁ ଗୋଟିଏ ସହ ଆଉ ଗୋଟିଏ ଛନ୍ଦି ରଖାଯାଏ, ଦକ୍ଷିଣ ଭାରତରେ ଏହା 'ବିବାହ'ର 'ସଙ୍କେତ' ହେବ, କିନ୍ତୁ ଉତ୍ତର ଭାରତର କେତେକ ଭାଗରେ ଏହି 'ସଙ୍କେତ'କୁ ଜେଲ ବୋଲି ବୁଝାଯିବ। ତେଣୁ ଏକକ ଶବ୍ଦକୋଷର ଆବଶ୍ୟକତା ସବୁବେଳେ ଦେଖାଦେଇଥିଲା ଯାହା ଭାଷା ଏବଂ ଆଞ୍ଚଳିକତା ମଧ୍ୟରେ ଏକ ସେତୁ ଭାବେ କାମ କରିବ। ଭାରତୀୟ ସାଙ୍କେତିକ ଭାଷା ଗବେଷଣା ଏବଂ ପ୍ରଶିକ୍ଷଣ କେନ୍ଦ୍ର ବ୍ୟାପକ ଗବେଷଣା ଓ ଅଧ୍ୟୟନ କରିବା ପରେ ଭାରତର ପ୍ରଥମ ସାଙ୍କେତିକ ଭାଷା ଶବ୍ଦକୋଷ ପ୍ରସ୍ତୁତ କରିଛି। ତିନୋଟି ଖଣ୍ଡରେ ପ୍ରକାଶିତ ଏହି ଶବ୍ଦକୋଷରେ ପାଖାପାଖି ୧୦ ହଜାର ଶବ୍ଦ ରହିଛି। ଏହି ଶବ୍ଦକୋଷର ପ୍ରଥମ ସଂସ୍କରଣ ମାର୍ଚ୍ଚ ୨୩, ୨୦୧୮ରେ ପ୍ରକାଶ ପାଇଥିଲା ଏବଂ ଏଥିରେ ୩୦୦୦ ଶବ୍ଦ ରହିଥିଲା। ପରେ ପ୍ରକାଶ ପାଇଥିବା ଦ୍ୱିତୀୟ ସଂସ୍କରଣରେ ପୂର୍ବର ୩୦୦୦ ଶବ୍ଦ ମିଶାଇ ୬୦୦୦ ଶବ୍ଦ ସ୍ଥାନିତ ହେଲା। ଏହା ଫେବୃଆରୀ ୨୭, ୨୦୧୯ରେ ପ୍ରକାଶ ପାଇଥିଲା। ଏହାର ତୃତୀୟ ସଂସ୍କରଣ ଫେବୃଆରୀ ୧୭, ୨୦୨୧ରେ ପ୍ରକାଶ ପାଇଛି। ଏହି ଶବ୍ଦକୋଷରେ ମଧ୍ୟ ଭିଡିଓ ରହିଛି ଯେଉଁଥିରେ ସଙ୍କେତ, ସଙ୍କେତର ଇଂରାଜୀ ଅର୍ଥ ଏବଂ ଯେଉଁଠି ଆବଶ୍ୟକ ଛବି ରହିଛି। ଦେଶର ବିଭିନ୍ନ ଭାଗରେ ବ୍ୟବହାର ହେଉଥିବା ଆଞ୍ଚଳିକ ସଙ୍କେତ ମଧ୍ୟ ଏହି ଶବ୍ଦକୋଷରେ ରହିଛି।

**ପ୍ରଥମ ଥର ପାଇଁ ସାଙ୍କେତିକ ଭାଷାକୁ ଏକ ଭାଷାର ମାନ୍ୟତା ମିଳିଛି**

ଭାରତରେ ପ୍ରଥମ ଥର ଲାଗି ସାଙ୍କେତିକ ଭାଷାକୁ ଏକ ବିଷୟ ଭାବେ ମାନ୍ୟତା ମିଳିଛି। ନୂଆ ଜାତୀୟ ଶିକ୍ଷା ନୀତିର ଗୋଟିଏ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବିଶେଷ କାର୍ଯ୍ୟକ୍ରମରେ ନିଜେ ଏହାର ଘୋଷଣା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, "ବର୍ତ୍ତମାନ ଏହାକୁ ଏକ ଭାଷା ଭାବେ ମଧ୍ୟ ଛାତ୍ରଛାତ୍ରୀ ପଢ଼ିପାରିବେ। ଏହା ଭାରତୀୟ ସାଙ୍କେତିକ ଭାଷାକୁ ପ୍ରୋତ୍ସାହନ ଦେବ ଏବଂ ଦିବ୍ୟାଙ୍ଗ ସାଥୀମାନଙ୍କୁ ବିଶେଷ ସହାୟକ ହେବ।" ଏନସିଇଆରଟି ଏବଂ ଭାରତୀୟ ସାଙ୍କେତିକ ଭାଷା ଗବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟରେ ହୋଇଥିବା ଏକ ରାଜିନାମା ଅନୁଯାୟୀ, ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏନସିଇଆରଟିର ସମସ୍ତ ପାଠ୍ୟପୁସ୍ତକ, ଶିକ୍ଷକ ମାନୁଆଲ ଏବଂ ଅନ୍ୟ ସହାୟକ ପାଠ୍ୟପୁସ୍ତକ ଏବଂ ପାଠ୍ୟଉତ୍ସଗୁଡ଼ିକୁ ଭାରତୀୟ ସାଙ୍କେତିକ ଭାଷାରେ ରୂପାନ୍ତରିତ କରାଯିବ। ଏହି ପଦକ୍ଷେପ ଦ୍ୱାରା ସମସ୍ତ ଶ୍ରବଣବାଧିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଉପକୃତ ହେବେ।

ସମସ୍ତଙ୍କୁ ସମାନ ସୁଯୋଗ ଦେବା ସରକାରଙ୍କ ଦାୟିତ୍ୱ । ଏହା ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଦର୍ଶନରୁ ଆସିଛି। ସରକାର ସମସ୍ତ କଲ୍ୟାଣକାରୀ ଯୋଜନାର ଲାଭ ବରିଷ୍ଠ ନାଗରିକ, ମହିଳା, ଛାତ୍ରଛାତ୍ରୀ, ଜନଜାତି ଏବଂ ଦିବ୍ୟାଙ୍ଗଙ୍କ ସମେତ ସମସ୍ତ ନାଗରିକମାନଙ୍କୁ ପ୍ରଦାନ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି। ୨୦୧୪ ପୂର୍ବରୁ ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗ ସବୁପ୍ରକାର ସରକାରୀ ନୀତି ଓ ଯୋଜନାରୁ ବଞ୍ଚିତ ହୋଇ ରହୁଥିଲେ। ଏବେ ଏହି ବଞ୍ଚିତମାନଙ୍କୁ ସମସ୍ତ ସରକାରୀ ଯୋଜନାର ଲାଭ ଯୋଗାଇ ଦିଆଯାଉଛି। ଦିବ୍ୟାଙ୍ଗମାନଙ୍କ କୌଶଳ ବିକାଶ ସହିତ ସେମାନଙ୍କ ପାଇଁ ସଂରକ୍ଷଣର ଅଂଶ ୩ରୁ ୪ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏସବୁ ପଦକ୍ଷେପ ଜରିଆରେ ସରକାର ସେମାନଙ୍କର ସଶକ୍ତିକରଣ ପାଇଁ ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି। ପ୍ରଶିକ୍ଷଣ, ଶିକ୍ଷା, ଗବେଷଣା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେଇ ସରକାର ସେମାନଙ୍କୁ ମୁଖ୍ୟଧାରାକୁ ଆଣିବା ଲାଗି ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ସରକାରଙ୍କ ବିଭିନ୍ନ ଯୋଜନାରେ ମୂକ ଓ ବଧିରମାନଙ୍କୁ ପ୍ରାଥମିକତା ଦିଆଯାଉଛି। ■

# ଉତଥାନ ଅଭିମୁଖେ ନବଭାରତର ନୂତନ ପରମ୍ପରା

**ଜନସାଧାରଣଙ୍କ ମଧ୍ୟରେ ଉନ୍ନତ ଅଭ୍ୟାସ ସୃଷ୍ଟି କରିବା ନିମନ୍ତେ ଦୃଢ ସଂକଳ୍ପ ଓ ପ୍ରତିଜ୍ଞା ଆବଶ୍ୟକ ହୋଇଥାଏ । ଦେଶକୁ ବଦଳାଇବା ପାଇଁ ଏହିଭଳି ଦୂରଦୃଷ୍ଟି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ ଇଚ୍ଛାଶକ୍ତିରେ ଦୃଶ୍ୟମାନ। କେହି କେବେ କ'ଣ କଳ୍ପନା କରିଥିଲା କି ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଦେଶରେ ଶୌଚାଳୟ ନିର୍ମାଣ ବିଷୟରେ କହିବେ ? କିମ୍ବା ଅନାମଧେୟ ଓ ଲୋକଲୋଚନର ଅନ୍ତରାଳରେ ଥିବା ଜାତୀୟ ବୀର ପଦ୍ମ ସମ୍ମାନ ପାଇବେ ?**

ଭାରତୀୟ ରାଜନୀତିରେ ବର୍ଷ ୨୦୧୪ ଥିଲା ଏକ ନିର୍ଣ୍ଣାୟକ କ୍ଷଣ, ଯେତେବେଳେ ପ୍ରକୃତ ପ୍ରଥା ଓ ପରମ୍ପରାରୁ ଉଦ୍‌ଜୀବିତ ହୋଇ ଆମର ଜାତୀୟ ଇଚ୍ଛା ଶକ୍ତି ଜାଗରିତ ହେଲା । ଆମର ପରମ୍ପରା ଓ ନୀତି ବଦଳିଲା ନାହିଁ ବରଂ ପ୍ରଥମଥର ନିମନ୍ତେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମକୁ ସଫଳତାର ସହ ତ୍ୱରାନ୍ୱିତ କରିବା ଦିଗରେ ସାଧାରଣ ଜନତାଙ୍କ ଭାଗିଦାରୀ ଏକ ମୁଖ୍ୟ ଭୂମିକା ଗ୍ରହଣ କଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାର ପ୍ରାଚୀର ଉପରୁ ଅଭିଭାଷଣ ଦେବା ସମୟରେ କହିଥିଲେ ଯେ, ଆମର ଉତ୍ତମ ପ୍ରଥା ଓ ପରମ୍ପରାକୁ ଆଗରୁ କାର୍ଯ୍ୟରେ ଲଗାଯାଇ ପାରିଥାନ୍ତ । ମାତ୍ର ତାହା ଉପଯୁକ୍ତ ଗୁରୁତ୍ୱ ପାଇପାରି ନ ଥିଲା । ବର୍ତ୍ତମାନ ଏହି ଭାବନାତ୍ମକ ପରିବର୍ତ୍ତନ ଦେଶର ଆକାଂକ୍ଷା ପୂରଣ ଦିଗରେ ସହାୟକ ହେବ ।



" ଆପଣମାନେ ଭାବୁଥିବେ ଏ କିଭଳି ପ୍ରଧାନମନ୍ତ୍ରୀ, ଯିଏକି ଲାଲକିଲ୍ଲାରୁ ସ୍ୱଚ୍ଛତା ଓ ଶୌଚାଳୟ ସମ୍ପର୍କରେ କହୁଛନ୍ତି । ମୁଁ ସମାଲୋଚନାକୁ ଭ୍ରୁକ୍ଷେପ କରେ ନାହିଁ ମାତ୍ର ମୁଁ ମୋର ହୃଦୟ ସହ ଏକମତ । ମୁଁ ଏକ ଗରିବ ପରିବାରରୁ ଆସିଛି ଏବଂ ଗରିବ ସମ୍ମାନ ପାଇବା ଉଚିତ, ଏହା ହିଁ ପ୍ରାଥମିକତା । "

" ଆସନ୍ତୁ ଏହି ଛାଡିଦେବା ଆନ୍ଦୋଳନରେ ସାମିଲ ହୋଇଯିବା ଓ ଗ୍ୟାସ ରିହାତି ଅର୍ଥ ଛାଡିଦେବା । ମୁଁ ପ୍ରତିଶ୍ରୁତି ଦେଉଛି ଯେ ଆପଣ ଛାଡି ଦେଇଥିବା ରିହାତି କୌଣସି ଗରିବର କାମରେ ଆସିବ। ସରକାର ନିଜର କୋଷାଗାର ଏହି ରିହାତି ଅର୍ଥରେ ପୂରଣ କରିବାକୁ ଅଭିପ୍ରାୟ ରଖିନାହାନ୍ତି । କୁହନ୍ତୁ ତ ଦେଖି ଏଇଟା କ'ଣ ଗୋଟେ ସେବା ନୁହଁ ? "

" ଆମେ ବର୍ତ୍ତମାନ ବଜେଟ ଗୋଟେ ମାସ ଆଗକୁ ନେଇ ଆସିଛୁ। ମାସେ ଆଗକୁ ନେବା ଅର୍ଥ ହେଲା ଏଥର ଅର୍ଥନୀତିକୁ ମାସେ ଆଗେଇ ନେବା । କେବଳ ସେତିକି ନୁହଁ, ଆମେ ବଜେଟ ପରେ ଅଂଶୀଦାରଙ୍କ ସହ ମତବିନିମୟ ପାଇଁ ପଦକ୍ଷେପ ନେବୁ ଓ ମୁଁ ଭାବୁଚି ଏହା ବେଶ୍ ଫଳପ୍ରଦ ହେବ । "

" "ଆମ ଦେଶରେ ସରକାରଙ୍କ ମୂଲ୍ୟାୟନ, ସରକାରୀ କ୍ଷମତାର ଆକଳନ, ସରକାରୀଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋଚନା ଇତ୍ୟାଦି ମୁଖ୍ୟତଃ ସରକାରଙ୍କ ଦ୍ୱାରା କରାଯାଉଥିବା ବଡ ବଡ ଘୋଷଣା ଉପରେ ପର୍ଯ୍ୟବେସିତ ଥିଲା । ପ୍ରଥମ ଥର ପାଇଁ ଏଭଳି ମାନଦଣ୍ଡ ଓ କଳ୍ପନା ପରିବର୍ତ୍ତିତ ହୋଇଛି । ଆମ ସରକାର କ'ଣ ଦେଇଛି ତାହା ଉପରେ ତାହାର ମୂଲ୍ୟାୟନ ହେଉଛି । "

**-ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ଆସନ୍ତା ୨୫ବର୍ଷ ମଧ୍ୟରେ ଭାରତକୁ ଏକ ଉନ୍ନତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସରକାର ଆଗେଇ ଚାଲିଛନ୍ତି । ସେ ଭବିଷ୍ୟତକୁ ଆଖିଆଗରେ ରଖି ଅମୃତ କାଳ ହେଉ ବା ସ୍ୱଚ୍ଛତା ବା ସାନିଟାରୀ ପ୍ୟାଡ, ଲାଲକିଲ୍ଲା ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କୌଣସି ବିଷୟ ବାଦ ଦେଇ ନାହାନ୍ତି । ପ୍ରଗତି ମଂଚ ଜରିଆରେ ଯୁଗ ଯୁଗ ଧରି ପଡି ରହିଥିବା ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ସାଧାରଣ ବଜେଟ୍‌ର ବ୍ୟବସ୍ଥା କରାଯିବା ସହ ସରକାର ଅନେକ ଯୁଗଉପଯୋଗୀ ପରିବର୍ତ୍ତନ ଆଣିଛନ୍ତି । ପଦ୍ମ ସମ୍ମାନ କ୍ଷେତ୍ରରେ ଅନେକ ସଂସ୍କାର ଅଣାଯିବା ସହ, ବ୍ୟାବସାୟିକ ଓ ଜୀବନ ଧାରଣମାନ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ଅନେକ ସାହସିକ ପଦକ୍ଷେପ ଯେପରିକି ଜମ୍ମୁ ଓ କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କିମ୍ବା ବସ୍ତୁ ଓ ସେବାକରରେ (ଜିଏସ୍‌ଟି) ପ୍ରବର୍ତ୍ତନ ଇତ୍ୟାଦି ନୂତନ ଭାରତର ଆକାଂକ୍ଷା ପୂରଣର ରୂପ ଦେଉଛି ।

ସରକାର ନବଭାରତର ଯାତ୍ରା ପଥକୁ ସୁଗମ କରିବା ପାଇଁ ଅନେକ ଗଠନାତ୍ମକ ପଦକ୍ଷେପ ନେଇଛନ୍ତି । ଭାରତ

**ଆତ୍ମନିର୍ଭର ଭାରତ ଏବଂ ଭୋକାଲ ଫର ଲୋକାଲ ଅଭିଯାନ ଗୋଟିଏ ମାତ୍ର ଡାକରାରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ।**

ଯେତେବେଳେ ୨୦୪୭ ମସିହାରେ ଏହାର ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ, ସେତେବେଳେ ବର୍ତ୍ତମାନର ସଂକଳ୍ପ ଦେଶକୁ ଶକ୍ତିଶାଳୀ କରି ଗଢି ତୋଳିସାରିଥିବ ।

ବାସ୍ତବିକ କହିବାକୁ ଗଲେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏହା ହେଉଛି ବ୍ୟକ୍ତିତ୍ୱର ମହାନ ଗୁଣ ଯେକି ନିଜର ଭାବାତ୍ମକ ଶକ୍ତିକୁ ମଧ୍ୟ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ଯେପରିକି ସ୍ୱାଧୀନତାର ସଂଗ୍ରାମ କାଳରେ



ଅମୃତକାଳ

# ସ୍ୱାଧୀନତା ଦିବସରେ ନୂତନ ସଂକଳ୍ପ

Azadi Ka Amrit Mahotsav

**ଅଗଷ୍ଟ ୧୫ ଆଉ କେବଳ ଆମର ସ୍ୱାଧୀନତା ଦିବସ ହୋଇ ରହିନାହିଁ । ଏହା ନବଭାରତ ଗଠନ ପାଇଁ ନୂତନ ସଂକଳ୍ପ ଦିବସ ହୋଇଯାଇଛି । ଏବେ ଲାଲକିଲ୍ଲାର ପ୍ରାଚୀର ଉପରୁ କେବଳ ମାମୁଲି ଘୋଷଣା କରାଯାଉନାହିଁ । ଏହାକୁ ଜନ ଆନ୍ଦୋଳନରେ ପରିଣତ କରି ଘୋଷଣାଗୁଡିକୁ ଫଳପ୍ରଦ କରାଯାଇଛି ।**



- ସ୍ୱାଧୀନତାର ୭୫ତମ ବାର୍ଷିକୀକୁ ଅମୃତ ମହୋତ୍ସବଭାବେ ନାମିତ କରାଯାଇଛି। ଏହାକୁ ସଂଗଠିତ କରିବାକୁ ସ୍ୱତନ୍ତ୍ର କମିଟି ଗଠିତ ହୋଇଛି ।
- ଲୋକଲୋଚନ ଅନ୍ତରାଳରେ ରହିଯାଇଥିବା ବୀରମାନଙ୍କୁ ନେଇ ପ୍ରେରଣା ଉଦ୍‌ବୃଦ୍ଧ ଯୁବକଯୁବତୀ କାହାଣୀମାନ ଲେଖୁଛନ୍ତି ।
- ଆଗାମୀ ୨୫ବର୍ଷ ମଧ୍ୟରେ ଭାରତକୁ ଏକ ଉନ୍ନତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସଂକଳ୍ପ ନିଆଯାଇଛି ।
- ଜାତୀୟ ସଙ୍ଗୀତରେ ଭିଡିଓ ଅପ୍‌ଲୋଡ କରିବାକୁ ପଦକ୍ଷେପ ନିଆଯାଉଛି । ୩୦ବର୍ଷର୍ କମ୍ ଯୁବ ଲେଖକମାନଙ୍କ ପାଇଁ ଯୁବ ଯୋଜନା ଆରମ୍ଭ କରାଯାଇଛି ।
- ଲାଲକିଲ୍ଲାରୁ ସମସ୍ତ ଘୋଷଣା ବାସ୍ତବରେ ପରିଣତ ହେଉଛି ।



ଲୋକମାନ୍ୟ ବାଳ ଗଙ୍ଗାଧାର ତିଳକ ଗଣେଶ ଚତୁର୍ଥୀକୁ ଗଣଚେତନାର ମାଧ୍ୟମରେ ପରିଣତ କରିଦେଇଥିଲେ । ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ୧୮୫୭ରେ 'ରୁଟି ଓ ପଦ୍ମ' ଆମ ସହନଶୀଳତାର ପ୍ରତୀକ ପାଲଟିଥିଲା । ନାଗରିକମାନଙ୍କ ସାମୂହିକ ଶକ୍ତି ବରଂ ଆମ ସ୍ୱାଧୀନତାର ମାଧ୍ୟମ ହୋଇଥିଲା। ଚରଖା ଓ ଖଦୀ ପ୍ରବର୍ତ୍ତନ କରି ମହାତ୍ମାଗାନ୍ଧୀ ଏକ ଗଣ ଆନ୍ଦୋଳନ ଜରିଆରେ ଦେଶକୁ ଜାଗ୍ରତ କରାଇଥିଲେ । ସ୍ୱାଧୀନତା ସଂଗ୍ରାମରୁ ପ୍ରେରଣା ପାଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅମୃତ ମହୋତ୍ସବ ବର୍ଷକୁ ଏକ ସଂକଳ୍ପ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ତାଙ୍କର କଠୋର ପ୍ରତିଜ୍ଞା ଯୋଗୁଁ ଲାଲକିଲ୍ଲା ପ୍ରାଚୀର ଉପରୁ କରିଥିବା ଘୋଷଣାଗୁଡିକ ତୃଣମୂଳସ୍ତରରେ କାର୍ଯ୍ୟ କରୁଛି ଓ ଦେଶର ବଂଚିତ ଲୋକମାନଙ୍କ ସୁବିଧା ସୁନିଶ୍ଚିତ କରୁଛି ।

**ସାମଗ୍ରୀକ ଓ ବିଶ୍ୱ କଲ୍ୟାଣ କାର୍ଯ୍ୟରେ ଜନସାଧାରଣଙ୍କ ଯୋଗଦାନ**

> ପୂର୍ବରୁ ପ୍ରତିଶ୍ରୁତିର ଅଭାବ ନ ଥିଲା, ଅଭାବ ଥିଲା ଉଦ୍ଦେଶ୍ୟର, ଅର୍ଥର ଅଭାବ ନ ଥିଲା, ଅଭାବ ଥିଲା ଅନୁରାଗର, ସମାଧାନରେ ଅଭାବ ନ ଥିଲା, ଅଭାବ ଥିଲା ସାମର୍ଥ୍ୟ ଓ କର୍ମସଂସ୍କୃତିର। ଖୁବ୍ ସହଜରେ ଲୋକେ କବୀର ଦାସ ମହାଶୟଙ୍କ ରୂଢି ପ୍ରୟୋଗ କରୁଥିଲେ । ଯେଉଁଠି ସେ କହିଛନ୍ତି " କାଲ୍ କରେ ସୋ ଆଜ କର, ଆଜ କରେ ସୋ ଅବ୍" ତାହା ହେଲା ବର୍ତ୍ତମାନ ପରି ଆଉ ସମୟ ନାହିଁ । କଳ୍ପନା କରନ୍ତୁ ତ ଦେଖି ଯଦି ଏହି ଉକ୍ତି ଆମ କର୍ମସଂସ୍କୃତି ଭିତରକୁ କେତେ ଯୁଗ ଆଗରୁ ଆସିଥାନ୍ତା, ତାହା ହେଲେ କ'ଣ ହୋଇଥାନ୍ତା ?
>
> ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଜନ ସହଭାଗିତା

# ଦେଶର ଲକ୍ଷ୍ୟ ଏବେ ସ୍ୱଚ୍ଛତା ଉପରେ



**"ଆମେ ଏକ ବିଂଶ ଶତାବ୍ଦୀରେ ବାସ କରୁଛନ୍ତି,ଏକଥା ଆମକୁ କେବେ ବ୍ୟଥିତ କରିଛ କି ଆମର ମା-ଭଉଣୀ ବାହାରକୁ ମଳତ୍ୟାଗ କରିବାକୁ ଯାଉଛନ୍ତି ବୋଲି ? ସେମାନଙ୍କୁ କେତେ କଷ୍ଟ ସହିବାକୁ ପଡୁଥିବ ? ଆମ ମାଆ-ଉଭଣୀଙ୍କ ସମ୍ମାନ ରକ୍ଷା ଲାଗି ଆମେ ଅନ୍ତତଃ ଶୌଚାଳୟ ବନେଇ ପାରିବା କି ?"**

୨୦୧୪ ମସିହା ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାର ପ୍ରାଚୀର ଉପରୁ ସେ ଦେଶକୁ କେବଳ ଏହି ପ୍ରଶ୍ନ ପଚାରି ନ ଥିଲେ, ବରଂ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ବେଳକୁ ଦେଶକୁ ସ୍ୱଚ୍ଛ ଦେଖିବାକୁ ନୂତନ ପରମ୍ପରା ମଧ୍ୟ ଆରମ୍ଭ କରିବାକୁ ମନସ୍ଥ କଲେ ।

- ପାଞ୍ଚବର୍ଷ ମଧ୍ୟରେ ୫୫କୋଟି ଲୋକ ବାହାରେ ମଳତ୍ୟାଗ ଅଭ୍ୟାସ ପରିତ୍ୟାଗ କରି ଶୌଚାଳୟ ବ୍ୟବହାର କରୁଛନ୍ତି । ଏହିପରି ଦେଖିବାକୁ ଗଲେ ଭାରତ ଜାତିସଂଘ ପକ୍ଷରୁ ଘୋଷିତ ସମସ୍ତଙ୍କ ପାଇଁ ଶୌଚାଳୟ ସୁବିଧା ଲକ୍ଷ୍ୟକୁ ନିର୍ଦ୍ଧାରିତ ସମୟର ଏଗାରବର୍ଷ ଆଗରୁ ହାସଲ କରିପାରିଛି ।
- ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଭିଯାନ ଏବେ କାର୍ଯ୍ୟ କରୁଥିବାବେଳେ, ଏହା ପ୍ରତ୍ୟେକ ଗ୍ରାମରୁ କଠିନ ଓ ତରଳ ବର୍ଜ୍ୟବସ୍ତୁ ଉପଯୁକ୍ତ ପରିଚାଳନା ଉପରେ ଲକ୍ଷ୍ୟ ରଖିଛି । ଏଥିପାଇଁ ସରକାର ପାଂଚବର୍ଷ ପାଇଁ ୧, ୪୦, ୮୮୧ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି ।

**100 %**

୨୦୨୧ ମସିହା ଅଗଷ୍ଟ ୩୦ ସୁଦ୍ଧା ଶତପ୍ରତିଶତ ଲକ୍ଷ୍ୟ ହାସଲ ହୋଇଥିବା ବେଳେ ୨୦୧୪ରେ ଏହା ଥିଲା ମାତ୍ର ୩୮.୭୦ ପ୍ରତିଶତ ।

**10.71**

ଅଗଷ୍ଟ ୩୦ ସୁଦ୍ଧା ୧୦.୭୧ କୋଟି ଶୌଚାଳୟ ନିର୍ମାଣ କରାଯାଇଛି ।

ଦେଶରେ ଅଧିକାଂଶ ଗ୍ରାମ ବାହ୍ୟ ମଳମୂତ୍ର ତ୍ୟାଗ ଗ୍ରାମ ଘୋଷିତ ହୋଇଛି ।



ନେତୃତ୍ୱ ମୁଖ୍ୟଙ୍କ ବିକାଶ ଦିଗରେ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରଧାନମନ୍ତ୍ରୀଙ୍କ ଲାଲକିଲ୍ଲା ପ୍ରାଚୀର ଉପରୁ ପ୍ରଦାନ କରାଯାଉଥିବା ଭାଷଣରେ ପ୍ରତିଫଳିତ ହୋଇଛି। ଜନସାଧାରଣଙ୍କ ସହ ପରାମର୍ଶ କରି ସେଗୁଡିକୁ ବିକାଶ କାର୍ଯ୍ୟରେ ତ୍ୱରାନ୍ୱିତ କରିବା ଏକ ଶକ୍ତିଶାଳୀ ମାଧ୍ୟମ ହୋଇଛି। ଲାଲକିଲ୍ଲା ପ୍ରାଚୀର ଉପରୁ ତାଙ୍କ ପ୍ରଥମ ଭାଷଣରେ ସେ ପ୍ରତି ଘରେ ଶୌଚାଳୟ ସ୍ଥାପନ କରାଇବା ନେଇ ଶପଥ ନେଇଥିଲେ । ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହାକୁ ପ୍ରକୃତପକ୍ଷେ ଏକ ଜନ ଆନ୍ଦୋଳନର ରୂପ ଦେଇ ପାରିଲେ । ପ୍ରଥମ ଥର ପାଇଁ ଲାଲକିଲ୍ଲା ପ୍ରାଚୀରରୁ ଭାଷଣ ଜରିଆରେ ସମସ୍ତ ସାମାଜିକ ବିଧିନିଷେଧ ବନ୍ଧନ ତୁଟାଇ ପ୍ରଧାନମନ୍ତ୍ରୀ ମହିଳାଙ୍କ ପାଇଁ ସାନିଟାରୀ ପ୍ୟାଡର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଅକ୍ଟୋବର ୨, ୨୦୧୪ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ ଘୋଷଣା କଲେ ।

**ସନ୍ଦେଶ-୨ ସୈନିକ ଅଭିଯାନ ଜରିଆରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଦିପାବଳୀରେ ଦେଶର ସେବାରେ ନିୟୋଜିତ ସୈନିକମାନଙ୍କୁ ଧନ୍ୟବାଦ ଦେବା ପାଇଁ ଆହ୍ୱାନ ଜଣାଇଛନ୍ତି ।**

ଦେଶ ସାରା ପରିମଳ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ କରାଯାଇଥିବା ଏହି ଅଭିଯାନ ବେଶ୍ ପ୍ରଭାବ ପକାଇଥିଲା। ୨୦୧୪ ମସିହାରେ ପରିମଳ ବ୍ୟବସ୍ଥା ଶତକଡା ୩୮ଭାଗ ଥିବାବେଳେ, ଆଜି ଏହା ଶତକଡା ୯୯ ଭାଗକୁ ବୃଦ୍ଧି ପାଇଛି। ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ବାହ୍ୟ ମଳମୂତ୍ର ତ୍ୟାଗମୁକ୍ତ (ଓଡିଏଫ) ଘୋଷିତ ହୋଇଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ୱଚ୍ଛ ଭାରତ ମିଶନକୁ ପ୍ରଶଂସା କରିବା ସହ ଏହା ତିନିଲକ୍ଷ ଜୀବନ ବଂଚାଇବାରେ ସହାୟକ ହେବ ବୋଲି କହିଛନ୍ତି । କେବଳ ସ୍ୱଚ୍ଛତା ନୁହଁ ପ୍ରଥମ ଥର ନିମନ୍ତେ କେନ୍ଦ୍ର ସରକାର ହିତାଧିକାରୀମାନଙ୍କୁ ସିଧାସଳଖ ଅଂଶଗ୍ରହଣକାରୀ



**ସୁବିଧା ସୁଯୋଗ ବୃଦ୍ଧି**

# ଜୀବନ ଧାରଣ ମାନରେ ଉନ୍ନତି ସହ ବ୍ୟାବସାୟିକ ସୁଗମତା

**ଶିଳ୍ପ ଉପରେ ଦେଶର ଆସ୍ଥା ବୃଦ୍ଧି ଯୋଗୁଁ ଜୀବନଧାରଣ ମାନରେ ଉନ୍ନତି ଘଟିବା ସହ ବ୍ୟାବସାୟିକ ପ୍ରଗତି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତି ଦେଶର ସମ୍ପଦ ଉପରେ ଅଧିକାର ପାଇଛନ୍ତି ।**

- କୋଭିଡ କାଳରେ ଦୁଇଲକ୍ଷ କୋଟି ଟଙ୍କା ବ୍ୟୟରେ ୮୦କୋଟି ଲୋକଙ୍କୁ ମାଗଣା ରାସନ ।
- ସମସ୍ତଙ୍କୁ ମାଗଣା ଟିକା ଯୋଜନାରେ ୭୫.୪୧କୋଟି ଲୋକଙ୍କୁ କୋଭିଡ ଟୀକା ।
- ଆଠ କୋଟିରୁ ଅଧିକ ପରିବାରକୁ ମାଗଣା ଏଲପିଜି ସଂଯୋଗ ।
- ଦୁଇକୋଟିରୁ ଅଧିକ ପରିବାରକୁ ପକ୍କା ଘର ।
- ୨୦୨୪ ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳ ପରିବାରକୁ ପାଇପ ଯୋଗେ ପାଣି। ଏହି ଯୋଜନା ଅଧୀନରେ ଆଠ କୋଟି ପରିବାର ସୁବିଧା ପାଇଛନ୍ତି ।
- ପ୍ରଥମଥର ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରକୁ





**43** | ସାମାଜିକ ଓ ଆର୍ଥିକ ସୁରକ୍ଷା ଯୋଗାଉଥିବା ୪୩କୋଟି ଜନଧନ ଖାତା ଖୋଲାଯାଇଛି ।

**2300** ସ୍ୱନିଧି ଯୋଜନା ଅଧୀନରେ ୨୩ ଲକ୍ଷ ରାସ୍ତାକଡ ବିକ୍ରେତାଙ୍କୁ ୨୩୦୦କୋଟି ଟଙ୍କା ପ୍ରଦାନ କରାଯାଇଛି ।

- କୋଭିଡ ମହାମାରୀ କାଳରେ ୩୦ହଜାର କୋଟିରୁ ଅଧିକ ଟଙ୍କା ୨୦କୋଟି ମହିଳାଙ୍କ ଖାତାକୁ ପଠାଯାଇଛି ।
- କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ୧୧. ୪କୋଟି ଚାଷୀଙ୍କୁ ୧. ୫ ଲକ୍ଷ କୋଟିରୁ ଅଧିକ ଟଙ୍କା ଦିଆଯାଇଛି ।
- ପିଏମ୍‌ଜେଏୱାଇ ଆୟୁଷ୍ମାନ ଭାରତ ଅଧୀନରେ ୫୦କୋଟିରୁ ଅଧିକ ବ୍ୟକ୍ତି ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ପାଇଛନ୍ତି ।

ରଖିଛନ୍ତି । ଏହା ଫଳରେ ଦୁର୍ନୀତି ମୁକ୍ତ ସୁବିଧା ପ୍ରଦାନ କରାଯାଇପାରିବ । ସେଥିପାଇଁ ପ୍ରଧାନମନ୍ତ୍ରୀ ଦେଶର ଜନସାଧାରଣଙ୍କ ମନରେ ନୂତନ ଆଶା ଓ ଶକ୍ତି ସଂଚାର କରାଇଥିଲେ, ଯାହା ଫଳରେ ସେମାନେ ପ୍ରତ୍ୟେକଟି ଯୋଜନା ଓ ଭାବନା ସହ ଯୋଡି ହୋଇପାରିବେ। ବାସ୍ତବପକ୍ଷେ କହିବାକୁ ଗଲେ ସବକାସାଥ,ସବକା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ ଚିନ୍ତାଧାରା ଦ୍ୱାରା ଉଦ୍‌ବୃଦ୍ଧ ହୋଇ ପ୍ରଶାସନିକ ପଦ୍ଧତିରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଘଟିଛି । ଏହା ଅନ୍ତର୍ଭୁକ୍ତୀକରଣ, ବିକାଶ ଧର୍ମୀ ଓ ଦୁର୍ନୀତି ମୁକ୍ତ ପ୍ରଶାସନକୁ ସୁନିଶ୍ଚିତ କରିଛି । ପ୍ରଧାନମନ୍ତ୍ରୀ ଉନ୍ନୟନ ପ୍ରକଳ୍ପଗୁଡିକ ଯେତେ ଶୀଘ୍ର ଯେପରି ଶେଷ ହେବ, ତା'ର ଉଦ୍ୟମ କରୁଛନ୍ତି। ତାହେଲେ ଯାଇ ଅନ୍ତ୍ୟୋଦୟର ଲକ୍ଷ୍ୟ ହାସଲ ହେବା ସହ ସମାଜର ସବା ପଛରେ ଥିବା ବ୍ୟକ୍ତି ସରକାରଙ୍କ ବିଭିନ୍ନ ଯୋଜନାରୁ ସୁବିଧା ପାଇପାରିବେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଯୋଗୁଁ ଭାରତ ରେକର୍ଡ ଗତି ଓ ସମୟ ମଧ୍ୟରେ ଦାରିଦ୍ର୍ୟ ଦୂର କରୁଛି ବୋଲି କେତେକ ଆନ୍ତର୍ଜାତିକ ସଂସ୍ଥା ମଧ୍ୟ ଏବେ ମତ ଦେଉଛନ୍ତି । ଭାରତ ବର୍ତ୍ତମାନ ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ରକ୍ଷା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତରେ ଅଗ୍ରଣୀ ରହିଛି । ଆୟୁଷ୍ମାନ ଭାରତ ଅଧୀନରେ ୫୦କୋଟି ଭାରତୀୟ ରହିଥିବାବେଳେ, ଗରିବ ଓ ନବ ମଧ୍ୟବିତ୍ତ ଶ୍ରେଣୀୟ ଜନସାଧାରଣ କମ୍ ମୂଲ୍ୟରେ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ବିଶ୍ୱର ସବୁଠାରୁ ଲୋକପ୍ରିୟ ସ୍ୱାସ୍ଥ୍ୟପତ୍ରିକା ଦି ଲାନସେଟ୍ ମଧ୍ୟ ଆୟୁଷ୍ମାନ ଭାରତ ଯୋଜନାର ପ୍ରଶଂସା କରିବା ସହ ଭାରତୀୟ ସ୍ୱାସ୍ଥ୍ୟକ୍ଷେତ୍ରରେ ଥିବା ଭୁଲ ଭଟକା ଏହି ଯୋଜନା ଦ୍ୱାରା ସୁଧୁରିଛି ବୋଲି ପ୍ରକାଶ କରିଛି । କୃଷିକୁ ଏକ ଲାଭଜନକ ବୃତ୍ତିରେ ପରିଣତ କରି କୃଷକମାନଙ୍କ ଆୟଦ୍ୱିଗୁଣିତ କରିବା ଯୋଜନା ହେଉ ବା ଚାଷୀମାନଙ୍କ ଋଣମୁକ୍ତ କରିବା ପଦକ୍ଷେପ କେନ୍ଦ୍ର ସରକାରଙ୍କ ନୂତନ ନୀତିର ଫଳ ବେଶ ସ୍ପ ଷ୍ଟ ହୋଇଛି।




ଅଗ୍ରାଧିକାର ଦେଉଛନ୍ତି । ବଜେଟ୍‌ରେ ୧୩୭ ପ୍ରତିଶତ ଅଧିକ ବ୍ୟୟବରାଦ ହୋଇଛି ।

- ଏକ ଦେଶ, ଏକ ରାସନ କାର୍ଡ ଯୋଜନା ଅଧୀନରେ ରାଜ୍ୟ ବାହାରକୁ ଯାଇଥିବା ଶ୍ରମଜୀବୀମାନେ ଦେଶର ଯେକୌଣସି ସ୍ଥାନରୁ ରାସନ ସାମଗ୍ରୀ କ୍ରୟ କରିପାରିବେ ।
- ଦେଶରେ ପ୍ରଥମ ଥର ପାଇଁ ଆର୍ଥିକ ଦୁର୍ବଳ ଉଚ୍ଚଜାତିର ପିଲାଙ୍କୁ ଶତକଡା ଦଶଭାଗ ଆରକ୍ଷଣ ସୁବିଧା।
- ଉଡାଣ ଯୋଜନା ଅଧୀନରେ ସାଧାରଣ ବ୍ୟକ୍ତିର ଉଡାଜାହାଜ ଯାତ୍ରା ସ୍ୱପ୍ନ ସାର୍ଥକ ହୋଇଛି । ମାତ୍ର ୨୫ଶହ ଟଙ୍କାରେ ପାଂଚ ଶହ କିଲୋମିଟର ପର୍ଯ୍ୟନ୍ତ ବିମାନ ଯାତ୍ରା ।
- ବ୍ୟାବସାୟିକ ସୁଗମତାରେ ଭାରତର ସ୍ଥାନ ୨୦୧୪ରୁ ୭୯ଟି ସ୍ଥାନର ଉନ୍ନତି ଘଟି ୬୩ରେ ପହଁଚିଛି ।
- ସାମଗ୍ରୀକ ଘରୋଇ ଉତ୍ପାଦନର ଶତକଡା୨୯ ଭାଗ ପ୍ରଦାନ କରୁଥିବା ଏମଏସଏମଇ କ୍ଷେତ୍ରରେ ୧୧କୋଟି ଲୋକଙ୍କୁ ନିଯୁକ୍ତି । ଏହି କ୍ଷେତ୍ର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷିତ ।
- ୧୩ଟି କ୍ଷେତ୍ର ପାଇଁ ପିଏଲଆଇ ଯୋଜନାରେ ବଜେଟ ୧.୭୯ ଲକ୍ଷ କୋଟିର ବ୍ୟବସ୍ଥା ।

**ସାଧାରଣ ବଜେଟ**

# ଏକ ବାସ୍ତବ ଦୃଷ୍ଟିକୋଣ ଅଭିମୁଖୀ ବଜେଟ୍

- ସାଧାରଣ ବଜେଟ ଯାହା ଆଗରୁ ଫେବୃୟାରୀ ମାସ ଶେଷବେଳକୁ ଉପସ୍ଥାପିତ ହେଉଥିଲା ତାହା ଏବେ ଫେବୃୟାରୀ ପହିଲାରେ ହେଉଛି । ଏହାର ସୁବିଧା ହେଲା ବଜେଟ୍ ବ୍ୟବସ୍ଥା ବର୍ତ୍ତମାନ ଏକ ସମୟରେ ସମ୍ପାଦିତ ହେଉଛି ।
- ପ୍ରଥମ ଥର ନିମନ୍ତେ ସାଧାରଣ ବଜେଟ ଉପସ୍ଥାପନ ପରେ ପରେ ଅଂଶୀଦାରମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମତବିନିମୟ ହେଉଛି । ଫଳରେ ସମୟଭିତ୍ତିକ ଯୋଜନା ଓ ବଜେଟ ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରୁଛି ।
- ସାଧାରଣ ବଜେଟ ଦୀର୍ଘମିଆଦି ଯୋଜନାକୁ ଭିତ୍ତିକରି କରାଯାଇଛି, ଯାହାଫଳରେ ଦେଶ ପାଂଚ ଟ୍ରିଲିୟନ ଡଲାର ଅର୍ଥନୈତିକ ବ୍ୟବସ୍ଥାରେ ପହଂଚିପାରିବ ।
- ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ ଚାପମୁକ୍ତ କରିବା ପାଇଁ ସେମାନଙ୍କ ସହ ମତବିନିମୟ କରିଛନ୍ତି । ଯୁବା ସଂସଦ ଜରିଆରେ ସରକାରୀ କାର୍ଯ୍ୟକଳାପ ସମ୍ପର୍କରେ ଜ୍ଞାନ ବର୍ଦ୍ଧନ ପାଇଁ ପଦକ୍ଷେପ ନିଆଯାଉଛି ।
- ଦେଶରେ କ୍ରୀଡା ସଂସ୍କୃତିର ବିକାଶ ନିମନ୍ତେ ପ୍ରଥମ ଥର ପାଇଁ ଖେଳାଳୀମାନଙ୍କ ସହ ସିଧାସଳଖ ବାର୍ତ୍ତାଳାପ ।
- ସରକାରୀ ଯୋଜନାର ସବୁଠାରୁ ଆଗରେ ଅଛନ୍ତି ହିତାଧିକାରୀ । ସେମାନେ ଏକ ଦୁର୍ନୀତିମୁକ୍ତ ସରକାରଙ୍କ ସମସ୍ତ ସୁବିଧା ପାଉଛନ୍ତି ।



ଏପର୍ଯ୍ୟନ୍ତ ୧ଲକ୍ଷ ୬୦ହଜାର କୋଟି ଟଙ୍କା ସିଧାସଳଖ ୧୧କୋଟିରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର ହୋଇଛି ଯାହାକି ଚାଷୀମାନଙ୍କ ପାଇଁ ବରଦାନ ସଦୃଶ । ଦେଶର ପ୍ରତ୍ୟେକ ବ୍ୟକ୍ତିର ସମ୍ପତ୍ତି ଉପରେ ସମାନ ଅଧିକାର ଅଛି, ଏହା ଏବେ ସୁନିଶ୍ଚିତ ହୋଇଛି ।

**ଏକ ନୂତନ ଚିନ୍ତାଧାରା ସହ ଦେଶର ପରିବର୍ତ୍ତନ**

ବିଶ୍ୱସ୍ତରୀୟ କାର୍ଯ୍ୟସୂଚୀରେ ନିଜ ପକ୍ଷ ରଖିବାକୁ ଭାରତ ପାଇଁ ଏକ ଅନନ୍ୟ ସୁଯୋଗ ଆସିଛି । ସୁଯୋଗର ସଦ୍‌ବ୍ୟବହାର କରି ବିଶ୍ୱରେ ଭାରତ ନିଜକୁ ଅନ୍ୟମାନଙ୍କ ନିମନ୍ତେ ଆଦର୍ଶ ବା ପ୍ରେରଣାର ଉତ୍ସ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ମାତ୍ର ସ୍ୱାଧୀନତା ପରେ ଏ ଦିଗରେ କୌଣସି ମଜବୁତ ପଦକ୍ଷେପ ନିଆଯାଇପାରିନାହିଁ । ଏହାକୁ ସଠିକ ପଦକ୍ଷେପ ନେବାରେ ବିଫଳତା ମଧ୍ୟ କୁହାଯାଇପାରେ । ମାତ୍ର ଏ ଦିଗରେ ବର୍ତ୍ତମାନରେ କେନ୍ଦ୍ର ସରକାରଙ୍କ ନୂତନ ଚିନ୍ତାଧାରା ଦୁଇଟି ଉଦାହରଣରୁ ବେଶ୍ ସ୍ପଷ୍ଟ ହୋଇଯିବ । ପୂର୍ବରୁ ଯେଉଁ ରାଜ୍ୟ ଓ ଜିଲ୍ଲାକୁ ଅନଗ୍ରସର କୁହାଯାଉଥିଲା, ତାକୁ ଏବେ ଆକାଂକ୍ଷିତ ଜିଲ୍ଲା ବୋଲି ପ୍ରଧାନମନ୍ତ୍ରୀ ଆଖ୍ୟା ଦେଇଛନ୍ତି । ତାହା ହେଲା ଯେଉଁମାନେ ବିକାଶଧାରାରେ ଯୋଗଦେବା ପାଇଁ ଉତ୍ସାହୀ, ସେଥିପାଇଁ ସୁଯୋଗର ଆବଶ୍ୟକତା ରହିଛି । ସେହିପରି ଆଜି ଟୋକିଓ ପାରା ଅଲିମ୍ପିକ୍ସରେ ଭାରତୀୟ ଖେଳାଳୀମାନେ ସେମାନଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି । କେବଳ ଚିନ୍ତାଧାରାରେ ପରିବର୍ତ୍ତନ ଯୋଗୁଁ ଏହା ସମ୍ଭବ ହୋଇଛି । ଦିନେ ସେମାନଙ୍କୁ ଦୁର୍ବଳ ଓ ଆକର୍ମଣ୍ୟ କୁହାଯାଉଥିଲା । ମାତ୍ର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହାକୁ ଐଶ୍ୱରିକ ଶକ୍ତି ସହ ଯୋଡି ସେମାନଙ୍କୁ ଦିବ୍ୟାଙ୍ଗ ନାମ ଦେଲେ । ଯାହା ହେଲା

> **ସାଧାରଣ ଲୋକଙ୍କ ସହ ଭାବ ବିନିମୟ ପାଇଁ ପ୍ରତି ମାସର ଶେଷ ରବିବାରରେ ମନ କୀ ବାତ ହେଉଛି ଏକ ଅସାଧାରଣ ଉଦ୍ୟମ**



**ପ୍ରଗତିଶୀଳ ପଦକ୍ଷେପ**

# ବିକାଶ ସୁନିଶ୍ଚିତ କରିବା ପାଇଁ ଦୃଢ ସଂକଳ୍ପ

- ସମୟ ଥିଲା ଯେତେବେଳେ ବିକାଶ ପ୍ରକଳ୍ପ ତ୍ୱରାନ୍ୱିତ ଅବସ୍ଥାରେ ହିଁ ଅଟକି ରହିଯାଉଥିଲା । କେରଳର କୋଲାମରେ ସାଢେ ତେର କିଲୋମିଟର ଦୀର୍ଘ ଏକ ବାଇପାସ ନିର୍ମାଣ ପାଇଁ ପାଂଚ ଦଶନ୍ଧିରୁ ଅଧିକ ସମୟ ଲାଗିଯାଇଥିବାବେଳେ ଓଡିଶାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ପାଇଁ ୨୫ ବର୍ଷରୁ ଅଧିକ ସମୟ ଅତିବାହିତ ହେଇଛି ।
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦୀ ଶାସନଭାର ସମ୍ଭାଳିବା ପରେ ଏସବୁ ସମସ୍ୟାର ସମାଧାନ ପାଇଁ ସେ 'ପ୍ରଗତି' ନାମକ ଏକ ମଞ୍ଚ ଗଠନ କରିଛନ୍ତି । ସେ ନିଜେ ଆଗକୁ ଆସୁଥିବା ପ୍ରକଳ୍ପଗୁଡିକର ସମୀକ୍ଷା କରୁଛନ୍ତି ।
- ପ୍ରଗତି ସୂଚନା ଯୋଗାଯୋଗ ଓ ପ୍ରଯୁକ୍ତି (ଆଇସିଟି) କୁ ନେଇ ଗଠିତ ବହୁମୁଖୀ ଆଦର୍ଶ ପ୍ଲାଟଫର୍ମ ମଞ୍ଚର ଉଦ୍ଦେଶ୍ୟ ହେଉଛି ପ୍ରକଳ୍ପଗୁଡିକର ସମୀକ୍ଷା କରି ସେଥିରେ ଥିବା ବାଧାବିଘ୍ନ ଗୁଡିକୁ ଦୂର କରିବା ।
- 'ପ୍ରଗତି'ର ୩୭ଟି ବୈଠକରେ ପ୍ରଧାନମନ୍ତ୍ରୀ ୧୪ଲକ୍ଷ କୋଟି ଟଙ୍କାର ୩୦୦ପ୍ରକଳ୍ପର ସମୀକ୍ଷା କରିଛନ୍ତି ।




## ଯୁଗର ଅବସାନ

- ଜମ୍ମୁ ଓ କାଶ୍ମୀରରୁ ୩୭୦ଧାରା ଉଚ୍ଛେଦ କରି ରାଜ୍ୟକୁ ବିକାଶ ରାସ୍ତାକୁ ଫେରାଇ ଆଣାଯାଇଛି ।
- ଗୋଟିଏ ଦେଶ, ଗୋଟିଏ ଟିକସ ବା ଜିଏସ୍‌ଟି ସହ ଆରମ୍ଭ ହୋଇଛି ଏକ ଆର୍ଥିକ ବିପ୍ଳବ । କୋଲାମ ବାଇପାସ, ଚେନାବ ସେତୁ, ଅଟଳ ଟନେଲ, ଯୋଜିଲା ଟନେଲ, ବୋଗିବିଲ ସେତୁ, ପମନ ସେତୁ ଭଳି ଅନେକ ପ୍ରକଳ୍ପ ବିକାଶଗତିକୁ ଦୃଢ କରିବା ପାଇଁ ସମ୍ପୂର୍ଣ୍ଣ ହୋଇଛି ।



ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ଭୂମିପୂଜନ । କର୍ତ୍ତାରପୁର କରିଡର ଉଦ୍‌ଘାଟିତ ।

- ନାଗରିକ ଆଇନ ସଂଶୋଧନ କରି ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶର ସଂଖ୍ୟାଲଘୁ ମାନେ ପାଇଲେ ନ୍ୟାୟ । ତିନି ତଲାକ ଆଇନରୁ ଶହ ଶହ ବର୍ଷ ପରେ ମୁସଲମାନ ମହିଳା ପାଇଲେ ନ୍ୟାୟ ।
- ପାଞ୍ଚ ଦଶନ୍ଧିର ଦୀର୍ଘ ପ୍ରତୀକ୍ଷା ପରେ ବଡୋ ରାଜିନାମା ଫଳରେ ଶାନ୍ତି ଫେରିଲା ଓ ବ୍ରୁରିଆଙ୍ଗ ଶରଣାର୍ଥୀ ସମସ୍ୟା ସମାଧନ ।

**ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ବର୍ତ୍ତମାନ ନୂଆ ଭାରତ ଗଠନ ଦିଗରେ ସମସ୍ତଙ୍କ ମୂଳମନ୍ତ୍ର ପାଲଟିଛି ।**

ଈଶ୍ୱର କେତେକଙ୍କୁ ଭିନ୍ନ ଶକ୍ତି ଦେଇଛନ୍ତି ଯାହା ସାଧାରଣ ମାନବଠାରୁ ଅଲଗା ।

ଏହି ଚିନ୍ତାଧାରା ଯୋଗୁଁ ଦିବ୍ୟାଙ୍ଗମାନେ ସମସ୍ତ ବାଧାବିଘ୍ନର ଊର୍ଦ୍ଧ୍ୱକୁ ଯାଇ ନିଜର ଶ୍ରେଷ୍ଠତା ପ୍ରତିପାଦିତ କରିପାରିଛନ୍ତି । ପ୍ରଥମ ଥର ନିମନ୍ତେ ଦେଶର ଜଣେ ପ୍ରଧାନମନ୍ତ୍ରୀ ସେମାନଙ୍କ ସହ ସିଧାସଳଖ କେବଳ କଥାବାର୍ତ୍ତା କରିନାହାନ୍ତି, ବରଂ ସେମାନଙ୍କ ସହ ଅଣ ଆନୁଷ୍ଠାନିକ ଭାବ ବିନିମୟ ମଧ୍ୟ କରିଛନ୍ତି । ଆଗରୁ କେବଳ ସର୍ବୋଚ୍ଚ ନେତୃତ୍ୱ ପକ୍ଷରୁ ଖେଳାଳୀମାନେ ବିଜୟୀ ହେଲେ ଅଭିନନ୍ଦନ ବାର୍ତ୍ତା ଗଣମାଧ୍ୟମ ଜରିଆରେ ପାଉଥିଲେ। ମାତ୍ର ବର୍ତ୍ତମାନ କ୍ଷେତ୍ରରେ ଭିନ୍ନତା ବେଶ୍ ପରିଲକ୍ଷିତ । ଯୁବଗୋଷ୍ଠୀ ସହ ଯୋଗାଯୋଗର ନୂତନ ପରମ୍ପରା ଆରମ୍ଭ ହୋଇଯାଇଛି । ପରୀକ୍ଷାର୍ଥୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଳାପ ଦେଶକୁ ଏକତାସୂତ୍ରରେ ବାନ୍ଧିବାରେ ସହାୟକ ହୋଇଛି । ଏ ପ୍ରକାର ଚିନ୍ତାଧାରା କେବଳ ସାମାଜିକ ଓ ମାନବିକ ଦୃଷ୍ଟିକୋଣରୁ ନୁହେଁ, ବରଂ ଆର୍ଥିକ କ୍ଷେତ୍ର ମଧ୍ୟ ବେଶ୍ ଲାଭବାନ ହେଉଛି ।

ପୂର୍ବରୁ ସାଧାରଣ ବଜେଟ୍ ଗୋଟେ ନିର୍ଦ୍ଦିଷ୍ଟ ଦିବସ ନିମନ୍ତେ ଥିଲା ବିରକ୍ତିକର ଅଧିବେଶନ ଓ କେବଳ ଆର୍ଥିକ ଆବଶ୍ୟକତାର ଗୋଟେ ଦଲିଲି ଭଳି । ମାତ୍ର ଏହି ପରମ୍ପରା ଭାଙ୍ଗିବା ପାଇଁ ପ୍ରଥମ ପଦକ୍ଷେପ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସମୟରେ ନିଆଗଲା । ନୂତନ ପ୍ରୋଟୋକଲ ଅନୁସାରେ ବଜେଟ୍ ଅପରାହ୍ନ ଚାରିଟା ପରିବର୍ତ୍ତେ ଏଗାରଟା ବେଳେ ଉପସ୍ଥାପିତ ହେଲା । ବ୍ରିଟିଶ ଶାସନ କାଳରେ ଏହା ଅପରାହ୍ନ ଚାରିଟା କରାଯାଇଥିଲା, ଯାହାକି ବ୍ରିଟେନରେ ପୂର୍ବାହ୍ନ ସମୟ । ଅଟଳ ଜୀଙ୍କ ପଦାଙ୍କ ଅନୁସରଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରେଳବଜେଟକୁ ସାଧାରଣ





ଇ-ପ୍ରଶାସନ

# ବିଭିନ୍ନ ସଂସ୍କାର ଜରିଆରେ ନାଗରିକଙ୍କ ସଶକ୍ତିକରଣ

**ସବ୍‌କା ସାଥ, ସବ୍‌କା ବିକାଶ ଏବଂ ସବ୍‌କା ବିଶ୍ୱାସର ମୌଳିକ ମନ୍ତ୍ରକୁ ଆଧାର କରି ଉତ୍ତମ ପ୍ରଶାସନ ଯୋଗୁଁ ୧୩୦କୋଟି ଦେଶବାସୀଙ୍କ ଜୀବନ ଧାରଣ ସହଜ ହେବାସହ ସେମାନେ ସରକାରୀ କଳର ବିଭିନ୍ନ ବାଧାବିଘ୍ନରୁ ନିଜକୁ ମୁକ୍ତ କରିପାରିଛନ୍ତି ।**

- ସବକା ସାଥ, ସବକା ବିକାଶ ଏବଂ ସବକା ବିଶ୍ୱାସ ମନ୍ତ୍ରକୁ ନେଇ ୧୩୦ କୋଟି ଦେଶବାସୀଙ୍କୁ ବାଧାବିଘ୍ନମୁକ୍ତ ସରକାରୀ କଳ ଏବଂ ଉତ୍ତମ ପ୍ରଶାସନ ସୁଖକର ଜୀବନ ଦେଇଛି ।
- ପ୍ରଶାସନକୁ ଅଧିକ ଲୋକାଭିମୁଖୀ ଓ ବନ୍ଧୁ ବତ୍ସଳ କରିବା ଲକ୍ଷ୍ୟ ନେଇ ଅମଲାତନ୍ତ୍ରରେ ନୂତନ ପଦକ୍ଷେପ ସ୍ୱରୂପ ମିଶନ କର୍ମଯୋଗୀ ଆରମ୍ଭ ହୋଇଛି । ଏକ ଉତ୍ସର୍ଗୀକୃତ ମାନବସମ୍ବଳ ଜନ ସେବା ଲାଗି ସୃଷ୍ଟି ହେଲେ ସମାଜର କଲ୍ୟାଣ ହେବ ।
- କାର୍ଯ୍ୟଦକ୍ଷତା ନ ଥିବା ଅଧିକାରୀମାନଙ୍କୁ ଚାକିରିରୁ ଅବ୍ୟାହତି ।
- ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରଶଂସନୀୟ କାର୍ଯ୍ୟ ଜାତୀୟ 'ଜୀବନ ପ୍ରମାଣନ'କମ୍ପ୍ୟୁଟରରେ ଉପଲବ୍ଧ । ନଥିପତ୍ରଗୁଡିକର ଆତ୍ମ ପ୍ରମାଣନ ସୁବିଧା ।
- ତଳସ୍ତରରେ ଚାକିରୀ ସାକ୍ଷାତାକର ବନ୍ଦ । ଅନଲାଇନ ଆରଟିଆଇ ସୁବିଧା ଆରମ୍ଭ । ଡିଜି ଲକର ସୁବିଧା ଆରମ୍ଭ । ଉମଙ୍ଗ, ଜାତୀୟ ଡିଜିଟାଲ ସାକ୍ଷରତା ମିଶନ, ଇ-ଡାକ ଇତ୍ୟାଦି ।



ବିଦେଶରେ ରହିଯାଇଥିବା ଭାରତୀୟମାନଙ୍କ ସହାୟତା ନିମନ୍ତେ ସାମାଜିକ ଗଣମାଧ୍ୟମ । ଏହି ମାଧ୍ୟମ ଜରିଆରେ ଆଶୁ ସହାୟତା ପ୍ରଦାନ ।

"

ଆସନ୍ତୁ ଆମେ ଯେଉଁଭଳି ବିଭିନ୍ନ ବିଷୟକୁ ଦେଖୁଛୁ, ସେଥିରେ ପରିବର୍ତ୍ତନ ଆଣିବ । ଏପରିକି ଶବ୍ଦାବଳୀ ପରିବର୍ତ୍ତନରେ ମଧ୍ୟ ବେଳେ ବେଳେ ସମସ୍ୟାର ସମାଧାନ ହୋଇଯାଏ । ଆଗରୁ ଜନସାଧାରଣ ଏ ଏହାକୁ ଅନଗ୍ରସର କହୁଥିଲେ, ଆମେ ଏବେ ତାକୁ ଆକାଂକ୍ଷିତ ଜିଲ୍ଲା ବୋଲି କହୁଛୁ । କାହିଁକି କୌଣସି ସ୍ଥାନାନ୍ତରଣ ଦଣ୍ଡ ପ୍ରଦାନକାରୀହେବ ? ଏହାକୁ ଏକ ସୁଯୋଗ ଭାବେ ବିବେଚନା କରାଯିବା ଦରକାର ।



ବଜେଟ ସହ ମିଶାଇଦେଲେ । ଏହିଠାରୁ ବୈପ୍ଳବିକ ପରିବର୍ତ୍ତନ ହେଲା- ବଜେଟର ମାସକ ପୂର୍ବରୁ ଉପସ୍ଥାପନ । କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ସାଧାରଣ ବଜେଟ୍ ଉପସ୍ଥାପନ ପରେ ସମସ୍ତ ଅଂଶୀଦାରଙ୍କ ସହ ପ୍ରତ୍ୟକ୍ଷଭାବେ ମତ ବିନିମୟ ମଧ୍ୟ କଲେ । ଏହା ଦେଶଗଠନର ଏକ ନୂତନ ଦିଗନ୍ତ ଉନ୍ମୋଚନ କଲା । ଇତିହାସରେ ପ୍ରଥମ ଥର ନିମନ୍ତେ ପ୍ରଧାନମନ୍ତ୍ରୀ ସାଧାରଣ ବଜେଟ ଉପସ୍ଥାପନ ସହ ଅଂଶୀଦାରମାନଙ୍କ ସହ ମତ ବିନିମୟ ପରେ ବଜେଟ ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେଇ ଯେପରି ତାର ସୁବିଧା ସମସ୍ତଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ଚେଷ୍ଟା କଲେ । ସରକାର କାର୍ଯ୍ୟକାରୀତାର ଦିଗ ମଧ୍ୟ ପରିବର୍ତ୍ତିତ ହୋଇଛି। ସେଥିପାଇଁ ନୂତନ ସଂସ୍କୃତିର ମଧ୍ୟ ଉଦ୍‌ଭବ ହୋଇଛି । ପୂର୍ବରୁ ପଦ୍ମ ସମ୍ମାନ ସରକାର ଓ ନେତାମାନଙ୍କ ସୁପାରିଶ ଅନୁସାରେ ବଂଟା ଯାଉଥିଲା । ମାତ୍ର କେନ୍ଦ୍ର ସରକାରଙ୍କ ନୂତନ ନୀତି ଯୋଗୁଁ ସମ୍ପୂର୍ଣ୍ଣ ପ୍ରକ୍ରିୟା ଅନଲାଇନରେ ହେଉଛି ଓ ଯେକୌଣସି ବ୍ୟକ୍ତି ଏଥିପାଇଁ ଆବେଦନ ବା ମନୋନୟନ କରିପାରିବେ। ସେଥିପାଇଁ ଅନେକ ଲୋକଲୋଚନ ଅନ୍ତରାଳରେ ରହିଯାଉଥିବା ମହାନ ବ୍ୟକ୍ତି ଏହି ସର୍ବୋଚ୍ଚ ବେସାମରିକ ସମ୍ମାନ ପାଇବାରେ ସକ୍ଷମ ହୋଇଛନ୍ତି । କେବଳ ସେତିକି ନୁହେଁ ଦେଶର ଅନେକ ମହାନ୍ ବ୍ୟକ୍ତି ଯେଉଁମାନେ ଯୁଗ ଯୁଗ ଧରି ଅନାଲୋଚିତ ଥିଲେ ସମାନେ ପ୍ରକୃତ ସ୍ୱୀକୃତି ପାଇବା ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଶେଷତ୍ୱ ଏପରି ଯେ ସେ ମହାପୁରୁଷ ମାନଙ୍କୁ ଏପରି ଗୋଟେ ଗୋଟେ ଘଟଣା ସହ ଯୋଡନ୍ତି ଯେପରିକି ଲୋକମାନେ ସ୍ୱତସ୍ଫୁର୍ତ୍ତ ଭାବେ ସେମାନଙ୍କ ସହ ଯୋଡି ହୋଇଯାଆନ୍ତି । ଉଦାହରଣ ସ୍ୱରୂପ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀକୁ ସେ ସ୍ୱଚ୍ଛଭାରତ ଲକ୍ଷ୍ୟ ସହ ସଂଯୋଗ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅନୁରୋଧକୁ ଜାତିସଂଘ ପକ୍ଷରୁ ସମର୍ଥନ ମିଳିଥିଲା । ମୋଟ ୧୭୭ଟି ଦେଶ ମିଳିମିଶି ଜୁନ ୨୧କୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳନ କରିବାକୁ



ପ୍ରକୃତ ମହାନ ବ୍ୟକ୍ତିଙ୍କୁ ସମ୍ମାନ

# ଲୋକଲୋଚନ ଅନ୍ତରାଳରେ ରହିଯାଉଥିବା ମହାନବ୍ୟକ୍ତିଙ୍କୁ ସମ୍ମାନ

- ନବଭାରତ ଗଠନ ପାଇଁ ଦେଶର ପ୍ରତ୍ୟେକ ନାଗରିକଙ୍କ ଅବଦାନକୁ ସ୍ୱୀକୃତି ଦେବା ପାଇଁ ସରକାର ପଦ୍ମ ସମ୍ମାନ ପ୍ରଦାନ ପଦ୍ଧତିର ପୁନର୍ବିନ୍ୟାସ କରିଛନ୍ତି ।
- ଏବେ ପଦ୍ମସମ୍ମାନ ଯୋଗ୍ୟତା ଭିତ୍ତିରେ ପ୍ରଦାନ କରାଯାଉଛି, ସାମାଜିକ ପ୍ରତିଷ୍ଠାକୁ ଭିତ୍ତିକରି ନୁହଁ । ନବ ଭାରତରେ ଯେକୌଣସି ସାଧାରଣ ବ୍ୟକ୍ତି ଅସାଧାରଣ କାର୍ଯ୍ୟ ବଳରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପାଇପାରିବେ ।
- ପଦ୍ମ ଆୱାର୍ଡସ, ଜିଓଭି.ଇନ ୱେବସାଇଟ୍ ଯୋଗେ ଯେକୌଣସି ବ୍ୟକ୍ତି କାହାରିକୁ ମଧ୍ୟ ମନୋନୀତ କରିପାରିବେ । ଅନଲାଇନ ପଦ୍ମ ସମ୍ମାନ ଆବେଦନ ପୁରା ପ୍ରକ୍ରିୟାକୁ ସ୍ୱଚ୍ଛ କରିଛି ।
- ଆଜି ଦେଶର ସାଧାରଣ ନାଗରିକ ମଧ୍ୟ ଯେଉଁମାନେ ଗଣମାଧ୍ୟମ ଦ୍ୱାରା ଚର୍ଚ୍ଚିତ ନୁହଁନ୍ତି, ସେମାନେ ମଧ୍ୟ ପଦ୍ମ ସମ୍ମାନ ପାଉଛନ୍ତି ।

ବର୍ତ୍ତମାନର ଅନେକ ପଦ୍ମ ସମ୍ମାନଧାରୀ ବ୍ୟକ୍ତି ନିଜର କାର୍ଯ୍ୟ ପରିସର ବ୍ୟତୀତ ବାହାରେ ଲୋକପ୍ରିୟ ନୁହଁନ୍ତି । ମାତ୍ର ପଦ୍ମ ପୁରସ୍କାର ପ୍ରକୃତ ମହାନ୍ ବ୍ୟକ୍ତିଙ୍କୁ ଚିହ୍ନଟ କରୁଛି ।

"

ଆମ ଦେଶର ପଦ୍ମ ପୁରସ୍କାର କିପରି ଦିଆଯାଉଥିଲା ? କେତେକ ନେତା ସୁପାରିଶ କରିପାରନ୍ତି, ସରକାର ବି ସୁପାରିଶ କରିପାରନ୍ତି। ମାତ୍ର ଆମେ କେତେକ କ୍ଷୁଦ୍ର ପରିବର୍ତ୍ତନ କଲୁ, ଆମେ କହିଲୁ ସୁପାରିଶ ଦରକାର ନାହିଁ। ଯେକୌଣସି ବ୍ୟକ୍ତି ସବିଶେଷ ଅନଲାଇନ ଯୋଗେ ପଠାଇପାରିବେ । ଆପଣମାନେ ଏବେ ନିଶ୍ଚୟ ଦେଖୁଥିବେ କେତେକ ଅନାମଧେୟ ମାତ୍ର ମହାନ ବ୍ୟକ୍ତି ଏବେ ପଦ୍ମ ପୁରସ୍କାର ସମ୍ମାନୀତ ହେଉଛନ୍ତି ।

-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଜାତିସଂଘରେ ସଂକଳ୍ପ ଅନୁମୋଦନ କରାଇଥିଲେ । ଆଜି ଯୋଗ ଜନମାନସ ସହ ସଂଶ୍ଳିଷ୍ଟ ହୋଇଯାଇଛି ।

**ଆତ୍ମ ନିର୍ଭରଶୀଳତା ନୂତନ ବିଶ୍ୱାସ ଆଣିଦିଏ**

ଅନେକ ସମୟରେ ଖୁବ କ୍ଷୁଦ୍ର ଲାଗୁଥିବା ଜିନିଷଟି ଦେଶର ବହୁତ ବଡ କାମରେ ଆସେ । ଏହାର ଶ୍ରେଷ୍ଠ ଉଦାହରଣ ହେଲା ଭୋକାଲ ଫର ଲୋକାଲ ଏବଂ ଆତ୍ମନିର୍ଭର ଭାରତ ପାଇଁ ଆହ୍ୱାନ ।

କୋଭିଡ ବିଶ୍ୱ ମହାମାରୀ କାଳରେ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭରଶୀଳତାକୁ ଏକ ସୁଯୋଗ ଭାବେ ବିବେଚନା କରିବା ପରେ ଲୋକେ ମଧ୍ୟ ଏହାକୁ ଖୁସିରେ ଗ୍ରହଣ କରିନେଲେ। ଏକ ଅଭୂତପୂର୍ବ ଘଟଣା କ୍ରମରେ ବ୍ୟାବସାୟିକ ବିଶ୍ୱାସ ଖେଳନା ମାଧ୍ୟମରେ ଆତ୍ମନିର୍ଭଶୀଳତା ଓ ସଂସ୍କୃତି ସହିତ ଯୋଡି ହୋଇଗଲା । କିନ୍ତୁ ସାମଗ୍ରିକ ଭାବନା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚିନ୍ତାଧାରା ଆଜି ଏକ ଭାରତ, ଶ୍ରେଷ୍ଠ ଭାରତ ସ୍ୱପ୍ନକୁ ସାକାର କରିବାରେ ସମର୍ଥ ହେବାକୁ ଯାଉଛି । ଗୁଜରାତର କେଭାଡିଆ ଠାରେ ଥିବା ଏକତାର ପ୍ରତିମୂର୍ତ୍ତି ଆଜି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ପାର୍ବଣ ଋତୁରେ ସ୍ଥାନୀୟ ସାମଗ୍ରୀ କିଣିବା ପାଇଁ ନୂତନ ଆଗ୍ରହ ପରିଲକ୍ଷିତ ହେଉଛି ।

ପ୍ରଯୁକ୍ତି ଜ୍ଞାନ ଉତ୍ତମ ପ୍ରଶାସନର ଏକ ଭିତ୍ତି ହୋଇଛି ।

ପ୍ରଯୁକ୍ତି ସହ ଜନସାଧାରଣଙ୍କ ସମ୍ପର୍କ ଯୋଡା ଯାଏ ଓ ଉତ୍ତମ ପ୍ରଶାସନ ପାଇଁ ଏହା ଯେ ଏକ ଅମୋଘ ଅସ୍ତ୍ର ଏକଥାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବେଶ୍ ଭଲଭାବେ ଜଣା। ତାଙ୍କର ତୃଣମୂଳ ସ୍ତରରେ ଜନସାଧାରଣ ସହ ନିବିଡ ବ୍ୟକ୍ତିଗତ ସମ୍ପର୍କ ରହିବା ସହ ସାମାଜିକ, ଗଣମାଧ୍ୟମରେ ମଧ୍ୟ ତାଙ୍କର ବଳିଷ୍ଠ ଉପସ୍ଥିତି ରହିଛି । ସେ ମଧ୍ୟ ଭାରତର ସର୍ବାଧିକ ବୈଷୟିକ ଦୃଷ୍ଟିରୁ ଜଣାଶୁଣା ନେତା । ସେ ସାମାଜିକ ଗଣମାଧ୍ୟମ ଜରିଆରେ ଜନସାଧାରଙ୍କ ନିକଟରେ ପହଂଚିବା ସହ ସେମାନଙ୍କ ଜୀବନର ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଅନ୍ତି । ଡିଜିଟାଲ ପ୍ଲାଟଫର୍ମ ଜରିଆରେ ସେ ବହୁଦିନ ଧରି ପଡିରହିଥିବା ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ କରାଇବା ସହ ରାଜ୍ୟ



গৌরবর পুনরুদ্ধার

# ଗୌରବମୟ ଐତିହ୍ୟର ସମ୍ମାନ

**ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପୂର୍ବ ପ୍ରଶାସକଙ୍କ ଦ୍ୱାରା ଦେଶର ମହାନ୍ ବ୍ୟକ୍ତିଗଣଙ୍କ ପ୍ରତି ଅବହେଳାର ପରିସମାପ୍ତି ଘଟାଇଛନ୍ତି । 'ଭାରତ ଆଗ' ପ୍ରତ୍ୟେକ ଦଳ, ଆଦର୍ଶ ବା ପରିବାରର ଉର୍ଦ୍ଧ୍ୱରେ ରହିବ । ସରକାର ଏଥିପାଇଁ ଆନୁଷ୍ଠାନିକ ସମର୍ଥନ ଦେବାକୁ ସୁନିଶ୍ଚିତ କରିଛନ୍ତି ।**

- ପ୍ରଧାନମନ୍ତ୍ରୀ ମୋଦୀ ମହାନ୍ ବ୍ୟକ୍ତି ଯଥା ଛତ୍ରପତି ଶିବାଜୀ ମହାରାଜ, ବିର୍ସା ମୁଣ୍ଡା, ଦିନବନ୍ଧୁ ସାର ଛୋଟୁରାମ ଏବଂଦେଶବ୍ୟାପୀ ଅନେକ ବ୍ୟକ୍ତିତ୍ୱଙ୍କ ମହାନତାର ପୁନରୁଦ୍ଧାର କରିଛନ୍ତି ।
- ଦେଶକୁ ଏକତାସୂତ୍ରରେ ବାନ୍ଧି ରଖିବା ପାଇଁ କଠୋର ପରିଶ୍ରମ କରିଥିବା ମହାନ୍ ଦେଶଭକ୍ତ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସ୍ୱରୂପ 'ଏକତାର ପ୍ରତିମୂର୍ତ୍ତି' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉନ୍ମୋଚନ କରିଛନ୍ତି । ଛଅ ଶହ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପ୍ରତିମୂର୍ତ୍ତି ବିଶ୍ୱର ଉଚ୍ଚତମ ପ୍ରତିମୂର୍ତ୍ତି ।
- ନେତାଜୀଙ୍କ ଦ୍ୱାରା ଗଠିତ ଆଜାଦ ହିନ୍ଦ୍ ସରକାର ସ୍ମରଣାର୍ଥେ ପ୍ରଧାନମନ୍ତ୍ରୀ ଦିଲ୍ଲୀର ଲାଲ କିଲ୍ଲାରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଛନ୍ତି ।
- ସମଗ୍ର ଦେଶ ପାଇଁ ଏହା ଏକ ଗର୍ବର ସମୟ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନ ସେନାନୀଙ୍କୁ ସ୍ୱାଧୀନତା ପରେ ମଧ୍ୟ ସମ୍ମାନ ଦିଆଯାଇଛି ।
- ୨୦୧୯ ମସିହାରେ ଆଜାଦ୍ ହିନ୍ଦ୍ ଫୌଜର ଚାରିଜଣ ସଦସ୍ୟ ଗଣତନ୍ତ୍ର ଦିବସ ପ୍ୟାରେଡରେ ଅଂଶଗ୍ରହଣ କରିଥିଲେ । ନେତାଜୀଙ୍କ ପରିବାରଙ୍କ ଦୀର୍ଘଦିନର ଦାବି କ୍ରମେ ମୋଦୀ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କୀତ ଗୋପନୀୟ ଦସ୍ତାବିଜକୁ ଲୋକଲୋଚନକୁ ଆଣିଥିଲେ ।
- ସେପ୍ଟେମ୍ବର ୨୦୧୪ରେ ଜାପାନ ଗସ୍ତ କାଳରେ ଶ୍ରୀ ମୋଦୀ ନେତାଜୀଙ୍କ ବୟୋଜ୍ୟେଷ୍ଠ ସାଥୀ ଟାଇଚିରୋ ମିସୁମୀଙ୍କୁ ସାକ୍ଷାତ କରିଥିଲେ ।
- ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ସମ୍ମାନାର୍ଥେ ନଭେମ୍ବର ୨୬ତାରିଖରକୁ 'ସମ୍ବିଧାନ ଦିବସ' ଘୋଷଣା କରାଯାଇଛି । ତାଙ୍କର ୧୨୫ତମ ଜନ୍ମବାର୍ଷିକୀ ଅବସରରେ ସଂସଦରେ ଏକ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା।



ସରକାର ଓ ମନ୍ତ୍ରଣାଳୟଗୁଡିକର ସହଯୋଗରେ ଏହାକୁ ସୁଚାରୁଭାବେ ଶେଷ କରାଇବାରେ ରାସ୍ତା ଖୋଜି ବାହାର କରନ୍ତି । ଯେତେବେଳେ ବିଦେଶରେ ଥିବା କୌଣସି ଭାରତୀୟ ସରକାରଙ୍କ ଠାରୁ ସାମାଜିକ ଗଣମାଧ୍ୟମ ଯୋଗେ ସାହାଯ୍ୟ ଲୋଡ଼େ, ସେତେବେଳେ ସେ ତୁରନ୍ତ ତାକୁ ସହାୟତା କରନ୍ତି । ଦେଶରେ ଟ୍ରେନ ଯାତ୍ରା କାଳରେ ଯଦି କେହି କ୍ଷୀର ବା ଔଷଧ ଦରକାର କରେ ତୁରନ୍ତ ତାକୁ ତାହା ମିଳିଥାଏ। ସାମାଜିକ ଗଣମାଧ୍ୟମ ଜରିଆରେ ସମସ୍ୟା ସମାଧାନ ମଧ୍ୟ ସହଜ ହେବାରେ ଲାଗିଛି ।

ମନ୍ତ୍ରଣାଳୟ ଓ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ବିଭିନ୍ନ ପ୍ରକଳ୍ପ ସମୟାନୁଭିତ୍ତିକ ଭାବେ ପରିଚାଳିତ ହେବା ସହ ପ୍ରଧାନମନ୍ତ୍ରୀ ଏହାକୁ ବ୍ୟକ୍ତିଗତଭାବେ ନିରୀକ୍ଷଣ କରିଥାନ୍ତି ଓ ତାଙ୍କ ମନ୍ତ୍ରିମଣ୍ଡଳରେ ବିଭାଗଗୁଡିକୁ ଏପରି ବାଣ୍ଟି ଥାନ୍ତି ଯେ ସମନ୍ୱୟ ସବୁବେଳେ ବଳବତ୍ତର ରହେ । ଦୀର୍ଘସ୍ଥାୟୀ ଜଳସମସ୍ୟାର ସମାଧାନ ନିମନ୍ତେ ସେ ୨୦୧୯ ମସିହାରେ ଜଳଶକ୍ତି ନାମକ ପୃଥକ୍ ମନ୍ତ୍ରଣାଳୟ ସୃଷ୍ଟି କରିଛନ୍ତି । ଅମଲାତାନ୍ତ୍ରିକ ଦକ୍ଷତା ବୃଦ୍ଧି ପାଇଁ ମିଶନ କର୍ମଯୋଗୀ ପଦକ୍ଷେପ ନିଆଯାଇଛି। ଆଇଏଏସ-ଆଇପିଏସ ତାଲିମ ଅଧିକାରୀଙ୍କ ସମ୍ମିଳନୀ ହେଉ ବା ପୁଲିସ ମହାନିର୍ଦ୍ଦେଶକମାନଙ୍କ ବାର୍ଷିକ ସମ୍ମିଳନୀ ଆଗରୁ ମନ୍ତ୍ରୀମାନେ ଉଦ୍‌ଘାଟନୀ ସମାରୋହ ପରେ ସ୍ଥାନ ଛାଡି ଯାଉଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ମାନବ ସମ୍ବଳ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶଭାବେ ପ୍ରତିଷ୍ଠା କରି ଏକ ଆନୁଷ୍ଠାନିକ ସ୍ୱୀକୃତି ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଏକ ନୂତନ ପରମ୍ପରାର ସୂତ୍ରଧର ହୋଇ ଦେଶକୁ ଏଭଳି ବିକଶିତ କରିବାରେ ସାହାଯ୍ୟ କରୁଛନ୍ତି, ଯାହା ଫଳରେ ନବଭାରତ ଗଠନର ସ୍ୱପ୍ନ ସାର୍ଥକ ହେବ । ■

**ବାବା ସାହେବ ଆମ୍ବେଦକରଙ୍କ ପରାକାଷ୍ଠାକୁ ସମ୍ମାନ ଜଣାଇ ତାଙ୍କ ଜୀବନ ସହ ସଂଶ୍ଳିଷ୍ଟ ସ୍ଥାନକୁ ପଞ୍ଚତୀର୍ଥରେ ପରିଣତ କରାଯାଇଛି ।**

ପାରାଅଲିମ୍ପିକ୍ସ




# ଅଲିମ୍ପିକ୍ସ ପରେ ଭାରତ ପାରାଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିଛି

ଟୋକିଓ ଅଲିମ୍ପିକ୍ସରେ ରେକର୍ଡ ସୃଷ୍ଟି କରିଥିବା ଭାରତୀୟ କ୍ରୀଡାବିତ୍ ମାନେ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାର ପ୍ରାଚୀର ଉପରେ ଦେଶବାସୀଙ୍କୁ ସମ୍ବୋଧନ କରୁଥିବାବେଳେ ସେଠାରେ ଉପସ୍ଥିତ ଥିଲେ । ଯେତେବେଳେ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଆହ୍ୱାନ କଲେ ସମବେତ ଜନତା କରତାଳି ଦେଇ ସେମାନଙ୍କୁ ସ୍ୱାଗତ ଜଣାଇବା ଥିଲା ଏକ ସ୍ମରଣୀୟ ମୁହୂର୍ତ୍ତ । ଭାରତରେ ପ୍ରଥମ ଥର ପାଇଁ କ୍ରୀଡାକୁ କିଭଳି ଢଙ୍ଗରେ ଗ୍ରହଣ କରାଯାଇଛି ଏହା ଥିଲା ତା'ର ପ୍ରତୀକ । ଟୋକିଓ ଅଲିମ୍ପିକ୍ସ ପରେ ଇତିହାସ ସୃଷ୍ଟି କରିବା ପାଳିଥିଲା ଆମର ପାରା ଅଲିମ୍ପିକ୍ସ ଖେଳାଳୀଙ୍କର । ଜୀବନର ସମସ୍ତ ଘାତ ପ୍ରତିଘାତ ଅତିକ୍ରମ କରି ଭାରତୀୟ ପାରା ଅଲିମ୍ପିକ୍ସ ଖେଳାଳୀମାନେ ରେକର୍ଡ ସଂଖ୍ୟକ ୧୯ଟି ପଦକ ଜିତିଛନ୍ତି । ତାହା ମଧ୍ୟରେ ରହିଛି ୫ଟି ସ୍ୱର୍ଣ୍ଣ , ୮ଟି ରୌପ୍ୟ ଓ ୬ଟି କଂସ୍ୟ ପଦକ । ପୂର୍ବରୁ ପାରା ଅଲିମ୍ପିକ୍ସରେ ଏଗାରଜଣ ଭାରତୀୟ କ୍ରୀଡାବିତ ଚାରିଟି ସ୍ୱର୍ଣ୍ଣ ସହ ମୋଟ ୧୨ଟି ପଦକ ହାସଲ କରିଥିଲେ ।

ଅବନୀ ଲୋଖେରା ଦୁର୍ଘଟଣାରେ ଦୁଇଟିଗୋଡ ହରାଇବା ପରେ ହତୋତ୍ସାହିତ ହୋଇପଡିଥିଲେ । ସେ ଏତେ ଦୁର୍ବଳ ହୋଇପଡିଥିଲେ ଯେ ନିଜେ କିଛି ବି କରିପାରୁ ନ ଥିଲେ । ତାଙ୍କ ବାପା ପ୍ରବୀଣ ଲୋଖେର ଝିଅର କ୍ରୀଡା ପ୍ରତି ଉତ୍ସାହ ଜାଗ୍ରତ କରିବାକୁ ଚେଷ୍ଟା କଲେ । ସେ ପ୍ରଥମେ ତୀରଚାଳନାରେ ମନୋନିବେଶ କରିଥିଲେ ମଧ୍ୟ ଧନୁର ତାର ଟାଣିବାରେ ଅସମର୍ଥ ଥିଲେ ।ତା' ପରେ ସେ ବନ୍ଧୁକ ଚାଳନାକୁ ଆଦରି ନେଇଥିଲେ ମଧ୍ୟ ପ୍ରଥମେ ପ୍ରଥମେ ବନ୍ଧୁକ ଉଠାଇପାରି ନ ଥିଲେ । ମାତ୍ର ସେଥିରେ ସେ ଲାଗି ରହିଲେ । ତାପରେ ଫଳାଫଳ ଆଜି ସମସ୍ତଙ୍କ ଆଗରେ । ଅବନୀ ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ଓ ୫୦ମିଟର ଏୟାର ରାଇଫଲରେ କଂସ୍ୟ ପଦକ ଟୋକିଓରେ ଜିତି ସମସ୍ତଙ୍କୁ ଚମତ୍କୃତ କରିଦେଇଛନ୍ତି । କୌଣସି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା । ଦେବେନ୍ଦ୍ର ଝାଝାରିଆଙ୍କ ଜୀବନ ମଧ୍ୟ ସେହିଭଳି ଖୁବ୍ ସଂଘର୍ଷପୂର୍ଣ୍ଣ । ଯେତେବେଳେ ନୀରଜ ଚୋପ୍ରା ଟୋକିଓ



## ପାରା ଅଲିମ୍ପିକ୍ସରେ ଭାରତ

- ପାରା ଅଲିମ୍ପିକ୍ସ ୧୯୬୦ମସିହାରେ ଆରମ୍ଭ ହୋଇଥିଲେ ମଧ୍ୟ, ଭାରତ ୧୯୬୮ ମସିହା ତେଲଆଭିଭ୍ ପାରା ଅଲିମ୍ପିକ୍ସରେ ପ୍ରଥମେ ଭାଗ ନେଲା । ମାତ୍ର ୧୯୮୪ ମସିହା ପରଠାରୁ ଭାରତ ନିରବଚ୍ଛିନ୍ନ ଭାବେ ଏଥିରେ ଭାଗ ନେଇ ଆସୁଛି ।
- ଭାରତ ଏପର୍ଯ୍ୟନ୍ତ ୧୧ଟି ପାରା ଅଲିମ୍ପିକ୍ସ କ୍ରୀଡା ପ୍ରତିଯୋଗିତାରେ ଯୋଗ ଦେଇଥିବାବେଳେ ଦେଶ ପାଇଁ ୧୨ଟି ପଦକ ହାସଲ କରିଛି। ଏଥିରେ ୪ଟି ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ।
- ୨୦୧୬ ରିଓ ପାରା ଅଲିମ୍ପିକ୍ସରେ ଭାରତ ପାଞ୍ଚଟି କ୍ରୀଡା ଶ୍ରେଣୀରେ ୧୯ଜଣ କ୍ରୀଡାବିତ୍‌ଙ୍କୁ ପଠାଇଥିଲା । ସେତେବେଳେ ଭାରତର ଏହା ସର୍ବୋଚ୍ଚ କୀଡାବିତ୍‌ଙ୍କ ଅଂଶଗ୍ରହଣ ଥିଲା । ଭାରତ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ମୋଟ ଚାରିଟି ପଦକ ହାସଲ କରିଥିଲା । ମାରିୟାପ୍ପାନ ଥଙ୍ଗାଭେଲୁ ଉଚ୍ଚଡିଆଁ ଓ ଦେବେନ୍ଦ୍ର ଝାଝାରିଆ ଜାଭେଲିନ ଥ୍ରୋରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ ।
- ଏଥର ଟୋକିଓ ପାରା ଅଲିମ୍ପିକ୍ସରେ ଭାରତରୁ ୫୪ଜଣ ଖେଳାଳୀ ମୋଟ ନଅଟି ଶ୍ରେଣୀରେ ଅଂଶଗ୍ରହଣ କରିଛନ୍ତି । ଏଥିରେ ବିରାଟ ସଫଳତା ପାଇବା ଆଶା ଅଯୌକ୍ତିକ ନୁହଁ, କାରଣ ଅନ୍ତତଃ ଚାରିଜଣ ଭାରତୀୟ କ୍ରୀଡାବିତ୍ ବିଶ୍ୱର ଏକନମ୍ବର ମାନ୍ୟତା ପାଇଥିବାବେଳେ ଛଅଜଣଙ୍କ ଦୁଇ ନମ୍ବର ରାଙ୍କ ରହିଛି । ପ୍ରାୟ ଦଶ ଜଣ ଖେଳାଳୀ ରାଙ୍କ ତାଲିକାରେ ତିନିନମ୍ବରରେ ଅଛନ୍ତି ।

ଅଲିମ୍ପିକ୍ସରେ ଅଗଷ୍ଟ ସାତ ତାରିଖ ଦିନ ଦେଶର ପ୍ରଥମ ସ୍ୱର୍ଣ୍ଣପଦକ ଜିତିଥିଲେ ।

ସମଗ୍ର ଭାରତରେ ବିସ୍ମୟ ଖେଳିଯାଇଥିଲା । ଏହା କେବଳ ପ୍ରଥମ ସ୍ୱର୍ଣ୍ଣପଦକ ଜାଭେଲିନ୍ ଥ୍ରୋରେ ନ ଥିଲା, ଥିଲା ଅଲିମ୍ପିକ୍ସ ଦୌଡକୁଦରେ ଭାରତରେ ପ୍ରଥମ ସ୍ୱର୍ଣ୍ଣ ପଦକ । ଦେବେନ୍ଦ୍ର ଝାଝାରିଆ ଟୋକିଓ ପାରାଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇ ରୌପ୍ୟପଦକ ହାସଲ କରିଥିଲେ । ଏଥର ତାଙ୍କ ଉପରେ ବହୁ ଆଶା ଥିଲା, କାରଣ ସେ ୨୦୦୪ରେ ଏଥେନ୍ସ ଓ ୨୦୧୬ରେ ରିଓ ରେ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ । ଦେବେନ୍ଦ୍ର ମାତ୍ର ନଅବର୍ଷ ବୟସରେ ବିଦ୍ୟୁତ ଆଘାତ ଯୋଗୁଁ ଗୋଟେ ହାତ ହରାଇବା ପରେ ତାଙ୍କ ଜୀବନ ଭୟଙ୍କର ସଂଘର୍ଷ ମଧ୍ୟକୁ ଠେଲି ହୋଇଯାଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥାବାର୍ତ୍ତା କାଳରେ ସେ କହିଥିଲେ ଯେ "ଯେତେବେଳେ ବିଦ୍ୟାଳୟରେ ମୁଁ ବର୍ଚ୍ଛା ଧରିଲି, ଉପହସିତ ହେଲି । ମୋତେ କୁହାଗଲା ଯେ ପାଠରେ ମନୋନିବେଶ ପାଇଁ ଓ ମୋ ପାଇଁ କ୍ରୀଡାରେ କୌଣସି ସ୍ଥାନ ନାହିଁ ବୋଲି । ମାତ୍ର ମୁଁ ତାକୁ ଜୀବନର ଆହ୍ୱାନ ଭାବେ ନେଲି। ମୋର ଜାଭେଲିନ ଥ୍ରୋ ପ୍ରତି ନିଷ୍ଠା ଅଛି ମୁଁ ଶୃଙ୍ଖଳିତ। ମୁଁ ମୋ ଶୋଇବା ଘରେ ମଧ୍ୟ ଏକ ବର୍ଚ୍ଛା ରଖିଛି ।"

ଟୋକିଓ ପାରା ଅଲିମ୍ପିକ୍ସରେ ଅବନୀ ୧୦ମିଟର ପିସ୍ତଲ ସୁଟିଂ, ସୁମିତ ଅନ୍ତିଲ ଜାଭେଲିନ ଥ୍ରୋ,ମନିଷ ନରୱାଲ ୫୦ମିଟର ପିସ୍ତଲ ସୁଟିଂ, ପ୍ରମୋଦ ଭଗତ ଓ କ୍ରିଷ୍ଣା ନାଗର ବ୍ୟାଡମିଂଟନରେ ସ୍ୱର୍ଣ୍ଣପଦକ ଜିତିଛନ୍ତି । ସେହିପରି ଭାବିନ ବେନ ପଟେଲ ଟେବୁଲ ଟେନିସ, ଉଚ୍ଚଡିଆଁରେ ନିଶାଦ କୁମାର, ଡିସ୍‌କସ୍ ଥ୍ରୋରେ ଯୋଗେଶ କାଥୁନିଆ, ଜାଭେଲିନ୍ ଥ୍ରୋରେ ଦେବେନ୍ଦ୍ର ଝାଝାରିଆ, ମାରିଆପ୍ପାନ ଥଙ୍ଗାଭେଲୁ ଓ ପ୍ରବୀଣ କୁମାର ଉଚ୍ଚ ଡିଆଁ, ସିଂରାଜ ଆଧାନା ୫୦ମିଟର ପିସ୍ତଲ ସୁଟିଂ, ନୋଏଡା ଜିଲ୍ଲା ମାଜିଷ୍ଟ୍ରେଟ ସୁହାସ ଏଲୱାଇ ବ୍ୟାଡମିଂଟନରେ ରୌପ୍ୟପଦକ ହାସଲ କରିଛନ୍ତି । କେବଳ ସେତିକି ନୁହଁ, ଜାଭେଲିନ ଥ୍ରୋରେ ସୁନ୍ଦର ଗୁର୍ଜର, ଦଶମିଟର ଏୟାର ପିସ୍ତଲ ସୁଟିଂରେ ସିଂରାଜ ଆଧାନା, ଉଚ୍ଚଡିଆଁରେ ଶରଦ କୁମାର, ତୀରନ୍ଦାଜୀରେ ହରବିନ୍ଦର ସିଂ ଓ ବ୍ୟାଡମିଂଟନରେ ମନୋଜ ସରକାର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

**ପାରା ଆଥଲେଟଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଭାବ ବିନିମୟ**

ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିବା କ୍ରୀଡାବିତ୍‌ମାନଙ୍କ ସହ ଭାବିବିନିମୟ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ପାରା ଅଲିମ୍ପିକ୍ସ ଟିମ୍ ସହ କଥାବାର୍ତ୍ତା କରିଥିଲେ । ପାରା ଆଥ୍‌ଲେଟମାନଙ୍କୁ ସାହସ ଦେଇ ସେ ସେ କହିଥିଲେ "ମୁଁ ତୁମମାନଙ୍କ ମଧ୍ୟରେ ଅସୀମ ଆତ୍ମବିଶ୍ୱାସ ଥିବା ଦେଖୁଛି ଓ ତୁମମାନଙ୍କଠାରେ ଯେକୌଣସି ଅସାଧ୍ୟ ସାଧନ କରିବାର ଶକ୍ତି ରହିଛି । ଆପଣମାନଙ୍କ କଠିନ ପରିଶ୍ରମ ଯୋଗୁଁ ଆଜି ଦେଶର ସବୁଠାରୁ ବୃହତ କ୍ରୀଡା ଦଳ ପାରା ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛି ।" ପ୍ରଧାନମନ୍ତ୍ରୀ ପୁଣି କହିଥିଲେ ଯେ, ଯେତେବେଳେ ଆପଣମାନେ ଟୋକିଓରେ ତ୍ରିରଙ୍ଗା ଧରିବେ, ଆପଣମାନେ କେବଳ ପଦକ ଜିତିବେ ନାହିଁ,



ଆପଣମାନେ ନବଭାରତକୁ ସଂକଳ୍ପ ପାଇଁ ନୂତନ ଶକ୍ତିଦେବେ । ସଂସ୍କୃତିର ବିକାଶ ନିମନ୍ତେ ପଦ୍ଧତି ଗତ ଉନ୍ନତି କରିବାକୁ ପଡିବ । ଆଜି ଆନ୍ତର୍ଜାତିକ କ୍ରୀଡା ସହ ପାରମ୍ପରିକ ଭାରତୀୟ କ୍ରୀଡାକୁ ମଧ୍ୟ ନୂତନ ପରିଚୟ ମିଳିଛି । ଯେଉଁଭଳି କ୍ରୀଡାରେ ଆପଣମାନେ ସଂଶ୍ଳିଷ୍ଟ ହେଲେ ମଧ୍ୟ ଆପଣମାନେ ଏକ ଭାରତ, ଶ୍ରେଷ୍ଠ ଭାରତ ଓ ଶକ୍ତିକୁ ମଜବୁତ କରିବେ । "ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆପଣମାନେ ହେଉଛନ୍ତି ପ୍ରକୃତ ଚାମ୍ପିୟନ । କ୍ରୀଡା ଜୀବନରେ ଆପଣମାନେ ଅନେକ ବାଧାବିଘ୍ନ ଅତିକ୍ରମ କରି ଆସିଛନ୍ତି । ଏପରିକି କରୋନା ମହାମାରୀ ମଧ୍ୟ ଆପଣମାନଙ୍କୁ ନିଜ ପ୍ରସ୍ତୁତିରୁ ନିବୃତ କରିପାରିନାହିଁ ।

ଆପଣମାନଙ୍କ ପଦକ ଖେଳାଳୀ ହିସାବରେ ଆପଣଙ୍କ ନିମନ୍ତେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମାତ୍ର ନବଭାରତ କ୍ରୀଡାମାନଙ୍କୁ ପଦକ ଜିତିବା ପାଇଁ କୌଣସି ଚାପ ଦିଏ ନାହିଁ ।

ଦୁଇଥର ଅଲିମ୍ପିକ ଜାଭେଲିନ ଥ୍ରୋ ସ୍ୱର୍ଣ୍ଣପଦକ ବିଜେତା ଦେବେନ୍ଦ୍ର ଝାଝାରିଆଙ୍କ ଝିଅକୁ ପ୍ରଧାନମନ୍ତ୍ରୀ ମୋଦୀ ସେ ଏକତାର ପ୍ରତିମୂର୍ତ୍ତି ଦେଖିବାକୁ ଯାଇଛି କି ନାହିଁ ପଚାରିଥିଲେ। ସେହିପରି ରିଓ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ମାଲିୟାପ୍ପାନ ଥଙ୍ଗାଭେଲୁଙ୍କ ମାଆ ତାଙ୍କ ପୁଅ କ'ଣ ଖାଇବାକୁ ଭଲପାଏ ବୋଲି ତାମିଲରେ ପଚାରିଥିଲେ । ପାରା ବ୍ୟାଡମିଣ୍ଟନ ଖେଳାଳି ପାରୁଲଙ୍କୁ ସେ ଗୁଜରାଟୀରେ ପଚାରିଥିବାବେଳେ ଭାର ଉତ୍ତୋଳନକାରୀ ସାକିନା ଖାତୁନ୍‌ଙ୍କୁ ବଙ୍ଗଳାରେ ପଚାରିଥିଲେ । ତୀରନ୍ଦାଜ ଜ୍ୟୋତି ବଲିୟାଙ୍କୁ ସେ ପଚାରିଥିଲେ "ଆପଣଙ୍କ ବାପାଙ୍କ ମୃତ୍ୟୁ ପରେ ଆପଣ ଉଭୟ ଘର ଓ ଖେଳର ଯତ୍ନ ନେଲେ, ଜଣେ ଭଲ କ୍ରୀଡାବିତ୍ ଛଡା, ଆପଣ ଜଣେ ଭଲ ଝିଅ ଓ ଭଉଣୀ ମଧ୍ୟ । ଆପଣଙ୍କ ସମ୍ପର୍କରେ ଜାଣିବା ପରେ ଦେଶ ଅଧିକାଂଶ ବ୍ୟକ୍ତିଙ୍କ ମନରେ ସକାରାତ୍ମକ ଭାବନା ଆସିବ ।"

ପ୍ରଧାନମନ୍ତ୍ରୀ କଟ୍ରାର ଜଣେ ଦିବ୍ୟାଙ୍ଗ ତୀରନ୍ଦାଜ ରାକେଶ କୁମାର ଯେ କି ୨୦୦୯ ମସିହାରେ ଦୁର୍ଘଟଣା ବଶତଃ ଏକ ଗୋଡ ହରାଇଥିଲେ । ତାଙ୍କ ସହ କଥାବାର୍ତ୍ତା ବେଳେ ଜୀବନର ଘାତ ପ୍ରତିଘାତ ତାଙ୍କୁ କିପରି ଜଣେ ଦକ୍ଷ ଖେଳୁଆଡଭାବେ ଗଢି ତୋଳିଛି ବୋଲି କହିଥିଲେ । ସେ କହିଥିଲେ "ଜୀବନରେ ଯେତେ ବାଧାବିଘ୍ନ ଥିଲେ ମଧ୍ୟ, ଜୀବନ ହେଉଛି ମୂଲ୍ୟବାନ । ଆପଣ ଦେଶର ପ୍ରତିନିଧିତ୍ୱ କରୁଛନ୍ତି ଓ ଭଲ ଖେଳିବେ । ଦେଶ ଓ ନିଜ ପରିବାର ନାମ ଉଜ୍ଜ୍ୱଳ କରିବେ ।"

୨୦୦୪ ଏଥେନ୍ସ ଓ ୨୦୧୬ ରିଓ ଅଲିମ୍ପିକ୍ସ ଜାଭେଲିନ ଥ୍ରୋ ସ୍ୱର୍ଣ୍ଣପଦକ ବିଜେତା ଦେବେନ୍ଦ୍ର ଝାଝାରିଆଙ୍କୁ ଏତେ ଦିନର ବ୍ୟବଧାନ ଓ ପରିଣତ ବୟସ ସତ୍ତ୍ୱେ ସେ କିପରି ପଦକ ଜିତିଲେ ବୋଲି ପଚାରିଥିଲେ । ସେ ଝାଝାରିଆଙ୍କ ପତ୍ନୀ ତଥା ପ୍ରାକ୍ତନ କବାଡି ଖେଳାଳି ମଞ୍ଜୁଙ୍କୁ ଏବେ ବି ଖେଳୁଛନ୍ତି କି ନାହିଁ ପଚାରିଥିଲେ । ସେ ଜିୟାଙ୍କୁ ଟୋକିଓ ଗେମ୍‌ସ ପରେ ପୁରା ପରିବାର ସହ ଯାଇ ଏକତାର ପ୍ରତିମୂର୍ତ୍ତି ପରିଦର୍ଶନ କରିବାକୁ କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ମତବିନିମୟକୁ ଲକ୍ଷ୍ୟ କରି ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ କପିଳ ଦେବ କହିଥିଲେ ଯେ "କେବେ କୌଣସି ପ୍ରଧାନମନ୍ତ୍ରୀ କହିଥିଲେ କି ସେ ଏକ କ୍ରୀଡା ସଂସ୍କୃତି ସୃଷ୍ଟି କରିବାକୁ ଯାଉଛନ୍ତି ବୋଲି ? ପ୍ରଧାନମନ୍ତ୍ରୀ ମୋଦୀ ବୋଧେ ଏହା କରିବାରେ ପ୍ରଥମ ପ୍ରଧାନମନ୍ତ୍ରୀ ।" ■



## ପ୍ରଧାନମନ୍ତ୍ରୀ ତାଙ୍କ କଥା ରଖିଲେ

ଅଗଷ୍ଟ ୧୬ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଅଲିମ୍ପିକ ଖେଳାଳୀମାନଙ୍କୁ ତାଙ୍କ ବାସଭବନରେ ସକାଳ ଜଳଖିଆ ପାଇ ଆମନ୍ତ୍ରଣ କରିଥିଲେ । ପୂର୍ବରୁ ଲାଲକିଲ୍ଲାର ପ୍ରାଚୀର ଉପରୁ ସେ ଖେଳାଳୀମାନଙ୍କୁ ଉନ୍ନତ ପ୍ରଦର୍ଶନ ପାଇ ଅଭିନନ୍ଦନ ଜଣାଇଥିଲେ । ଟୋକିଓ ଯାତ୍ରା ପୂର୍ବରୁ କଥାବାର୍ତ୍ତା ବେଳେ ଶ୍ରୀ ମୋଦୀ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ବ୍ୟାଡମିଣ୍ଟନ ଖେଳାଳି ପି.ଭି. ସିନ୍ଧୁଙ୍କୁ ପଦକ ବିଜୟୀ ହୋଇ ଫେରିଲେ ତାଙ୍କୁ ଆଇସ୍କ୍ରିମ ଖୁଆଇବେ ବୋଲି କହିଥିଲେ । ପୂର୍ବରୁ କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର ନୀରଜ ଚୋପ୍ରାଙ୍କୁ ପଦକ ବିଜୟୀ ହେଲେ ପ୍ରଧାନମନ୍ତ୍ରୀ ତାଙ୍କୁ ଚୁରମା ଖୁଆଇବେ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ସିନ୍ଧୁ ଓ ନୀରଜଙ୍କୁ ଦେଇଥିବା ତାଙ୍କ ପ୍ରତିଶ୍ରୁତି କେବଳ ରକ୍ଷା କରି ନ ଥିଲେ , ବରଂ ବ୍ୟକ୍ତିଗତ ଭାବେ ଅନ୍ୟାନ୍ୟ ଖେଳାଳୀମାନଙ୍କ ସହ କଥାବାର୍ତ୍ତା କରି ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ବୁଝିଥିଲେ ।

**ଟୋକିଓରୁ ପଦକ ଜିତି ଫେରିବା ପରେ ପ୍ରଧାନମନ୍ତ୍ରୀ ସିନ୍ଧୁଙ୍କୁ ଆଇସ୍କ୍ରିମ ଖାଇବାକୁ ଦେଉଛନ୍ତି**













# କ୍ଷୁଦ୍ର ଚାଷୀ ହେଉଛନ୍ତି ଦେଶର ଗର୍ବ

ଗତବର୍ଷ ସେପ୍ଟେମ୍ବର ୧୭ତାରିଖ ଦିନ ଲାଗୁ କରାଯାଇଥିବା କୃଷି ଆଇନର ଲକ୍ଷ୍ୟ ହେଉଛି କୃଷିର ଆଧୁନିକୀକରଣ ସହ ନାମମାତ୍ର ଚାଷୀଙ୍କୁ ସଶକ୍ତ କରିବା । କୃଷି ସଂସ୍କାର ଲାଗି ହୋଇଥିବା ତିନିଟି ଆଇନ କ୍ଷୁଦ୍ରଚାଷୀମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ଦଲାଲମାନଙ୍କ କବଳରୁ ମୁକ୍ତ କରି ସେମାନଙ୍କ ଉତ୍ପାଦିତ ଶସ୍ୟ ବଜାରରେ ବିନା ଅସୁବିଧାରେ  ବିକ୍ରି କରିପାରିବେ । । ବର୍ତ୍ତମାନ ସୁଦ୍ଧା ସର୍ବବୃହତ କୃଷି ସଂସ୍କାରହେଲା Bill on agreement on agricultural product Trade & Commerce (Promotion and Facilitation)  ଏବଂ କୃଷକ (ସଶକ୍ତିକରଣ ଓ ସୁରକ୍ଷା) ଆର୍ଥିକ ପ୍ରତିଶ୍ରୁତି ଏବଂ କୃଷି ସେବା । ଏହି ତିନିଟି ଯାକ ବିଲ ସଂସଦର ଅନୁମୋଦନ ଲାଭ କରିଛି ।



ଏହି ସବୁ ସଂସ୍କାର ଯୋଗୁଁ ପ୍ରଥମ ଥର ପାଇଁ ଭାରତ କୃଷିଜାତ ସାମଗ୍ରୀ ରପ୍ତାନୀରେ ବିଶ୍ୱର ପ୍ରମୁଖ ଦଶଟି ଦେଶ ମଧ୍ୟରେ ନିଜର ସ୍ଥାନ ପାଇପାରିଛି । କରୋନା ମହାମାରୀ କାଳରେ ଦେଶ କୃଷି ରପ୍ତାନୀ ଦିଗରେ ଏକ ନୂତନ ରେକର୍ଡ ଲକ୍ଷ୍ୟ ରଖିଥିଲା । ଭାରତ ବିଶ୍ୱରେ ବର୍ତ୍ତମାନ ଏକ ପ୍ରମୁଖ କୃଷିଜାତ ସାମଗ୍ରୀ ରପ୍ତାନୀକାରୀ ଦେଶଭାବେ ଉଭା ହୋଇଛି । ସେ କୃଷି ଭିତ୍ତିଭୂମି  ହେଉ ବା ଯୋଗାଯୋଗ ଭିତ୍ତିଭୂମି ବା ବୃହତ ଫୁଡ ପାର୍କ କ୍ଷୁଦ୍ର ଚାଷୀମାନେ ଏଥିରୁ ଅନେକ ସୁବିଧା ପାଉଛନ୍ତି । କୃଷି ଭିତ୍ତିଭୂମି ପାଣ୍ଠି ହେଉ ବା ଦଶହଜାର କୃଷକ ଉତ୍ପାଦକ ସଂଗଠନ, କ୍ଷୁଦ୍ର ଚାଷୀମାନଙ୍କ ସାମୂହିକ କ୍ଷମତା ବୃଦ୍ଧି ସରକାରଙ୍କ ଲକ୍ଷ୍ୟ ରହିଛି । ଏହା କ୍ଷୁଦ୍ର ଚାଷୀମାନଙ୍କୁ ବଜାରରେ ଅଧିକ ମୂଲଚାଲ କ୍ଷମତା ମଧ୍ୟ ପ୍ରଦାନ କରିଥାଏ । ଯେତେବେଳେ ଶତାଧିକ କ୍ଷୁଦ୍ର ଚାଷୀ ଏହି କୃଷକ ଉତ୍ପାଦକ ସଂଗଠନ ସହ ଏକାଠି ହୁଅନ୍ତି ସେତେବେଳେ ସେମାନଙ୍କ ସାମୂହିକ ଶକ୍ତି ଯଥେଷ୍ଟ ବୃଦ୍ଧି ପାଇଥାଏ । ସେ ଖାଦ୍ୟପ୍ରକ୍ରିୟାକରଣ ହେଉ ବା ରପ୍ତାନୀ ଏହା ଚାଷୀମାନଙ୍କ ଅନ୍ୟ ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ ।

ଦେଶର ଶତକଡା ୮୦ରୁ ଅଧିକ ଚାଷୀଙ୍କର ଦୁଇ ହେକ୍ଟରରୁ କମ୍ ଚାଷ ଜମି ଅଛି । ଆଗରୁ ନିର୍ଦ୍ଧାରିତ ନୀତିରେ ଏହି କ୍ଷୁଦ୍ରଚାଷୀମାନଙ୍କ ସମସ୍ୟା ଉପରେ  ଯଥେଷ୍ଟ ଧ୍ୟାନ ଦିଆଯାଉ ନ ଥିଲା । ବର୍ତ୍ତମାନ ଏହି କ୍ଷୁଦ୍ର ଚାଷୀମାନଙ୍କ ସମସ୍ୟାକୁ ଆଖିଆଗରେ ରଖି ନିଷ୍ପତ୍ତି ନିଆଯାଉଛି । ଭବିଷ୍ୟତରେ ସରକାର ସେମାନଙ୍କ ସାମୂହିକକ୍ଷମତା ବୃଦ୍ଧି ଦିଗରେ ସେମାନଙ୍କୁ ଅଧିକ ସଶକ୍ତ କରିବେ। ପରିବର୍ତ୍ତିତ ସମୟ ଅନୁସାରେ ନୂତନ ସୁବିଧା ସୁଯୋଗ ସହିତ ଚାଷୀମାନେ ନିଜକୁ ଖାପ ଖୁଆଇବେ । ଆଗାମୀ ୨୫ବର୍ଷ ମଧ୍ୟରେ ଏହି ଉତ୍ସାହ ଆହୁରି ବୃଦ୍ଧି କରିବାକୁ ପଡିବ । କ୍ଷୁଦ୍ର ଚାଷୀମାନେ ଦେଶର ଗର୍ବ ହୁଅନ୍ତୁ ଏହାହିଁ ନବଭାରତର ସ୍ୱପ୍ନ । ଏ ସମ୍ପର୍କରେ ଆମ ପରାମର୍ଶଦାତା ସମ୍ପାଦକ ସନ୍ତୋଷ କୁମାରଙ୍କ ଅଧିକସୂଚନା.....

କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଂସ୍କାର ଯୋଗୁଁ ଭାରତ ପ୍ରଥମ ଥର ନିମନ୍ତେ କୃଷିଜାତ ସାମଗ୍ରୀ ରପ୍ତାନୀରେ ବିଶ୍ୱର ଶ୍ରେଷ୍ଠ ଦଶଟି ଦେଶ ମଧ୍ୟରେ ସ୍ଥାନ ଅଧିକାର କରିଛି ।

# କୃଷକ ସଶକ୍ତିକରଣ












ସ୍ୱାଧୀନତାର ଶତବାର୍ଷିକୀ ପାଳନ ନିମନ୍ତେ ନୂତନ ସଂକଳ୍ପ ଓ ଆକାଂକ୍ଷା ନେଇ ଦେଶ ଅଗଷ୍ଟ ୧୫ତାରିଖଦିନ ତାହାର ୭୫ତମ ସ୍ୱାଧୀନତା ଦିବସ ପାଳନ କରିଛି । ଏହି ବିକାଶ ଯାତ୍ରାରେ କୃଷକମାନେ ମଧ ସମଭାଗୀ, ଯେତେବେଳେ ୧୯୪୭ମସିହାରେ ଭାରତ ସ୍ୱାଧୀନ ହେଲା ଓ ଦେଶକୁ ଖାଦ୍ୟ ସୁରକ୍ଷା ଆବଶ୍ୟକ ହେଉଥିଲା ଚାଷୀମାନେ ସବୁଜ ବିପ୍ଳବ ଜରିଆରେ ଏହା ସମ୍ଭବ କରି ଦେଖାଇଲେ । ମାତ୍ର କେତେକ ଅପରିଣାମଦର୍ଶୀ ନୀତି ଯୋଗୁଁ ଦେଶର ଅନ୍ନଦାତାଙ୍କ ଅବସ୍ଥାରେ ସାତଦଶନ୍ଧି ପରେ ବି ବିଶେଷ ପରିବର୍ତ୍ତନ ଘଟିଲା ନାହିଁ । ଗତ ସାତବର୍ଷ ମଧରେ ମୋଦୀ ସରକାର ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଅନେକ ଯୋଜନା କରିଛନ୍ତି । ସେମାନଙ୍କ ଉତ୍ପାଦନର ନ୍ୟୂନତମ ସହାୟକ ମୂଲ୍ୟ ଦେଢଗୁଣ ବୃଦ୍ଧି ହେଉ ବା ଚାଷୀମାନଙ୍କ ଆୟକୁ ୨୦୨୨ ସୁଦ୍ଧା ଦ୍ୱିଗୁଣିତ କରିବା ହେଉ କିମ୍ବା କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କ ଖାତାକୁ ସାତଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ ହସ୍ତାନ୍ତରଣ ହେଉ ସେମାନଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଛି ।

ଯୁଗଯୁଗର ଉଦାସୀନତାର ପରିସମାପ୍ତି ଘଟାଇ ସରକାର ଚାଷୀଙ୍କ କଲ୍ୟାଣ ପାଇଁ ଅନେକ ଯୁଗପୋଯୋଗୀ ସଂସ୍କାର ଆଣିଛନ୍ତି । କୃଷକମାନଙ୍କ ଅବସ୍ଥା ସୁଧାରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୧୭ ମସିହାରେ ଗୋଟିଏ ଦେଶ, ଗୋଟିଏ ବଜାର ସଂସ୍କାର ଆଣିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଦୂରଦୃଷ୍ଟି ହେଉଛି ଏକ ସନ୍ତୁଳିତ ବିକାଶ ଜରିଆରେ କ୍ଷୁଦ୍ରଚାଷୀମାନଙ୍କୁ ସରକାରୀ ଯୋଜନାର ସୁବିଧାପ୍ରଦାନ କରିବା। ଏ ପର୍ଯ୍ୟନ୍ତ କେବଳ କେତେକ ହାତଗଣତି ଚାଷୀ ଏହି ସୁବିଧା ପାଉଥିବାବେଳେ, ଶତକଡା ୮୬ଭାଗ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏଥିରୁ ବଞ୍ଚିତ ରହୁଥିଲେ। ଚାଷୀମାନେ ଏକ ଯୋଜନାବଦ୍ଧ ବିକାଶଦ୍ୱାରା ସଶକ୍ତ ହେଉଥିବାବେଳେ, ଚାଷୀମାନେ ଅମଳ ପୂର୍ବ ଓ ଅମଳ ପର ଅବସ୍ଥାରେ କିପରି ଲାଭବାନ ହେବେ ସେଥିପାଇଁ ସଂସ୍କାରମୂଳକ ପଦକ୍ଷେପମାନ ନିଆଯାଉଛି ।

ନ୍ୟୂନତମ ସହାୟକ ମୂଲ୍ୟ ବୃଦ୍ଧି ସହ ସରକାର କୃଷି କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଛନ୍ତି । ରବି ହେଉ ବା ଖରିଫ ଋତୁ ପ୍ରତ୍ୟେକ ସମୟରେ ସରକାର ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । ଧାନଚାଷୀଙ୍କ ଖାତାକୁ ୧ଲକ୍ଷ ୭୦ହଜାର କୋଟିଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତର କରାଯାଇଥିବାବେଳେ, ୮୫ ହଜାର କୋଟି ଟଙ୍କା ଗହମ ଚାଷୀଙ୍କ ଖାତାକୁ ହସ୍ତାନ୍ତର ହୋଇଛି । ସରକାରଙ୍କ ବୁଦ୍ଧିମତା ଯୋଗୁଁ ଆଜି ଭାରତରେ ଶସ୍ୟ ଭଣ୍ଡାରଗୁଡିକ ଭରପୁର ରହିଛି । କୃଷି ସଂସ୍କାର କୃଷକମାନଙ୍କୁ ମଣ୍ଡି ଟିକସ ଦେବା ନେଇ ସ୍ୱାଧୀନତା ଦେଇଛି ।

**ନିଜ ଇଚ୍ଛାରେ ଯେକୌଣସି ସ୍ଥାନରେ ଖାଦ୍ୟଶସ୍ୟ ବିକ୍ରି ସ୍ୱାଧୀନତା, କୃଷି ଭିତ୍ତିଭୂମି ପାଣ୍ଠି, କୃଷକ ସାମଗ୍ରୀ ସଂଘ, ଇ-ନାମ, କିଷାନ ରେଲ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ନୂତନ ଶସ୍ୟବୀମା ଯୋଜନା ବୃହତ ଚାଷୀ ନୁହେଁ ପରନ୍ତୁ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ମଧ୍ୟ ହିତକାରୀ ହୋଇଛି ।**



ଆଗରୁ ଚାଷୀ ଯେତେବେଳେ ତା'ର ସାମଗ୍ରୀ ବିକ୍ରୀ କରୁଥିଲା, ସେତେବେଳେ ତାଙ୍କୁ ଶତକଡା ଦୁଇରୁ ୮.୫ ପର୍ଯ୍ୟନ୍ତ ମଣ୍ଡି ଟିକସ ପଇଠ କରିବାକୁ ପଡୁଥିଲା ।

ଏବେ ଏହି ସ୍ୱାଧୀନତା ବଳରେ କୃଷକମାନେ ସେମାନଙ୍କ ଖାଦ୍ୟଶସ୍ୟ ବଜାର ବାହାରେ ମଧ୍ୟ ବିକ୍ରି କରିପାରିବେ । କୋଟି କୋଟି ଚାଷୀ ଟିକସ ଭାରରୁ ମୁକ୍ତି ପାଇବେ ।

ପ୍ରଥମଥର ପାଇଁ ଭାରତ ବିଶ୍ୱର ଦଶଟି କୃଷି ରପ୍ତାନୀକାରୀ ଦେଶ ମଧ୍ୟରେ ସ୍ଥାନ ପାଇଛି । କରୋନା କାଳରେ ଭାରତ ଏକ ରେକର୍ଡ ପରିମାଣ ରପ୍ତାନୀ ଲକ୍ଷ୍ୟ ଧାର୍ଯ୍ୟ ନିମନ୍ତେ ଏକ ବଡ ଭୂମିକା ରଖିଛି । ସରକାରଙ୍କ ଯୋଜନା ଓ ନୀତିରେ ପ୍ରଥମଥର ନିମନ୍ତେ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଦିଆଯାଇଛି । ଶତକଡା ୮୦ଭାଗରୁ ଅଧିକ କୃଷକଙ୍କର ଦୁଇ ହେକ୍ଟରରୁ କମ୍ ଜମି  ରହିଛି । କିଶାନ ସମ୍ମାନ ନିଧି ଯୋଜନାରେ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀମାନଙ୍କୁ ୧ଲକ୍ଷ ୭୦ହଜାର କୋଟିଟଙ୍କା ପ୍ରଦାନ କରାଯାଇଛି । କରୋନାର କଠିନ ପରିସ୍ଥିତିରେମଧ କ୍ଷୁଦ୍ର ଚାଷୀଙ୍କ ଖାତାକୁ ୧ଲକ୍ଷ କୋଟି ଟଙ୍କା ହସ୍ତାନ୍ତର ହୋଇଛି। କେବଳ ସେତିକି ନୁହଁ ୨କୋଟିରୁ ଅଧିକ କିଷାନ କ୍ରେଡିଟ କାର୍ଡ କରୋନା ମହାମାରୀ କାଳରେ କ୍ଷୁଦ୍ର ଚାଷୀମାନଙ୍କୁ ପ୍ରଦାନ କରାଯାଇଛି । ଏହାକୁ ମାଧମ କରି ଚାଷୀମାନେ ହଜାର ହଜାର କୋଟି ଟଙ୍କାର ଋଣ ମଧ ପାଉଛନ୍ତି ।

କୃଷି ଭିତ୍ତିଭୂମି ପାଣ୍ଠି କିମ୍ବା ଦଶହଜାର କୃଷକ ଉତ୍ପାଦକ ସଂଗଠନ ଚାଷୀମାନଙ୍କ ଆଶା ଆକାଂକ୍ଷା ପୂରଣ କରିବା ସହ କ୍ଷୁଦ୍ର ଚାଷୀମାନଙ୍କ ସାମୂହିକ ଶକ୍ତିର ବିକାଶ କରିଛି। ଦେଶର ବିକାଶ ଯାତ୍ରାରେ ଏବେ ସେମାନଙ୍କ ନ୍ୟାର୍ଯ୍ୟ ମୂଲ୍ୟ ପାଇପାରୁଛନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ସେମାନଙ୍କ ବଜାରରେ ପହଞ୍ଚିବା ଅଧିକ ସୁବିଧା ହେବାସହ ମୂଲଚାଲ କ୍ଷମତା ମଧ ବୃଦ୍ଧି ପାଇଛି । କୃଷକ ଉତ୍ପାଦକ ସଂଗଠନ (ଏଫପିଓ)ଗୁଡିକ କୃଷକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ସହ ସେମାନଙ୍କୁ ସ୍ୱାଧୀନ ମଧ କରିବାର ଆଶା ଅଛି । ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଉପରେ ସେମାନଙ୍କ ନିର୍ଭରଶୀଳତା ମଧ ହ୍ରାସ ପାଇବା ସାଙ୍ଗକୁ ସେମାନଙ୍କ ନିଜର ସାମଗ୍ରୀ ଇଚ୍ଛାନୁସାରେ ରପ୍ତାନୀ ମଧ କରିପାରିବେ ।

ମୋଦି ସରକାର ଚାଷୀମାନଙ୍କୁ ଉଦ୍ୟୋଗପତିରେ ପରିଣତ କରିବା ଲକ୍ଷ୍ୟ ନେଇ ବିହନସଂଗ୍ରହ ଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ବଜାରରେ ପହଞ୍ଚାଇବା ନେଇ ସମସ୍ତ ସୁବିଧା କରିଛନ୍ତି ।

କୃଷିକୁ ଛାଡି ଚାଷୀମାନଙ୍କ ପାଇଁ ଅନେକ ଆୟପନ୍ଥା ମଧ ବାହାର କରାଯାଇଛି । ପଶୁପାଳନ ଠାରୁ ଆରମ୍ଭ କରି ମହୁମାଛି ପାଳନ କିମ୍ବା ମାଛଚାଷଠାରୁ ଆରମ୍ଭ କରି ଜୈବିକ କୃଷି ପର୍ଯ୍ୟନ୍ତ କେନ୍ଦ୍ର ସରକାର ଦେଶରେ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ବର୍ତ୍ତମାନ ସରକାର ଗ୍ରାମାଞ୍ଚଳରେ ଖାଦ୍ୟ ପ୍ରକ୍ରିୟାକରଣ ସୁବିଧା ପାଇଁ ଶିଳ୍ପପୁଞ୍ଜ ମାନ ପ୍ରସ୍ତୁତ କରିବାକୁ ସ୍ଥିର କରିଛନ୍ତି । ଏହି ଶିଳ୍ପାନୁଷ୍ଠାନ ଗୁଡିକର ପ୍ରଗତି ପାଇଁ ଗବେଷଣା କେନ୍ଦ୍ରମାନ ମଧ ସ୍ଥାପନ କରିଛନ୍ତି । ଏକ ନବୀନ ଭାରତ ମୁଣ୍ଡ ଟେକୁଛି, ଯେଉଁଠି ଜୟ କିଶାନ, ଜୟ ବିଜ୍ଞାନ ଓ ଜୟ ଅନୁସନ୍ଧାନ ଏକ ବାସ୍ତବ ରୂପ ନେବାକୁ ଯାଉଛି । ■




**କ୍ୟାବିନେଟ୍ ନିଷ୍ପତ୍ତି**

# କୃଷିକ୍ଷେତ୍ରର ଅଗ୍ରଗତି ନିମନ୍ତେ ସରକାରଙ୍କ ଦ୍ୱାରା ବୈପ୍ଲବିକ ପଦକ୍ଷେପ ଗ୍ରହଣ

ବିଦେଶରୁ ଆମଦାନୀ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା ଏବଂ ଦେଶରେ କୃଷି ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସାମଗ୍ରିକ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଦେଶରେ ଖାଇବା ତେଲ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ଏବଂ ଏହାର ବିଦେଶରୁ ଆମଦାନୀକୁ କମାଇବା ନିମନ୍ତେ ସରକାର ଆତ୍ମନିର୍ଭରଶୀଳତା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ସେହିଭଳି, ପ୍ରଥମ ଥର ପାଇଁ, ସରକାର ଦେଶର ଆଖୁଚାଷୀମାନଙ୍କ ନିମନ୍ତେ ସରକାରଙ୍କ ନିମନ୍ତେ ପାରିତୋଷିକ ମୂଲ୍ୟ ଘୋଷଣା କରିଛନ୍ତି ଯଦ୍ୱାରା ସେମାନେ ଭାରତକୁ ସଂପୂର୍ଣ୍ଣ ରୂପେ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ନିଜକୁ ନିୟୋଜିତ କରିପାରିବେ ।

**ନିଷ୍ପତ୍ତି: କେନ୍ଦ୍ର କ୍ୟାବିନେଟ ରାଷ୍ଟ୍ରୀୟ ଖାଇବା ତେଲ - ପାମ୍ ତୈଳ ମିଶନକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ଯୋଜନା ଭାବେ ମଞ୍ଜୁରୀ ପ୍ରଦାନ କରିଛନ୍ତି ।**



ପ୍ରଭାବ: ଭାରତ ତା'ର ମୋଟ ପାମ୍ ତୈଳ ଆବଶ୍ୟକତାର ୯୮ ପ୍ରତିଶତ ବିଦେଶରୁ ଆମଦାନୀ କରିଥାଏ । ଏଭଳି ପରିସ୍ଥିତିରେ, ଏହି ରାଷ୍ଟ୍ରୀୟ ଅଭିଯାନ ମାଧ୍ୟମରେ ଦେଶରେ ତୈଳବୀଜ ଉତ୍ପାଦନର କ୍ଷେତ୍ର ଓ ପରିମାଣ ବୃଦ୍ଧି କରିବା ସକାଶେ ଏବଂ ଦେଶର ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର ଓ ଆଣ୍ଡାମାନ- ନିକୋବର ଦ୍ୱୀପପୁଂଜ କ୍ଷେତ୍ରରେ ପାମ୍ ତୈଳ ଉତ୍ପାଦନ ଉପରେ ବିଶେଷ ଧ୍ୟାନ ଦିଆଯିବ । ଦେଶରେ ଯେଉଁ ମୋଟ ୨୮ ଲକ୍ଷ ହେକ୍ଟର କ୍ଷେତ୍ରରେ ପାମ୍ ତୈଳ ଚାଷ କରାଯିବାଲାଗି ସ୍ଥିର କରାଯାଇଛି ସେଥି ମଧ୍ୟରୁ ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରର ୯ ଲକ୍ଷ ହେକ୍ଟରରୁ ଅଧିକ କ୍ଷେତ୍ର ପାମ୍ ତୈଳ ଚାଷ ଲାଗି ବେଶ୍ ଉପଯୁକ୍ତ ବୋଲି ଚିହ୍ନଟ କରାଯାଇଛି । ଦେଶର ୧୨ଟି ରାଜ୍ୟରେ ପାମ୍ ତୈଳ ଚାଷକୁ ପ୍ରୋତ୍ସାହନ ଯୋଗାଣ ନିମନ୍ତେ ସରକାର କାର୍ଯ୍ୟ କରୁଛନ୍ତି ।

- କୃଷି ଉତ୍ପାଦ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥାକୁ ଆତ୍ମ- ନିୟନ୍ତ୍ରିତ କରିବା ପ୍ରକ୍ରିୟାର ବିକାଶ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି । ଯଦି ବଜାରର ଅନିଶ୍ଚିତତା ଯୋଗୁ ସେହିସବୁ ଉତ୍ପାଦର ମୂଲ୍ୟ ହ୍ରାସ ଘଟେ ତେବେ ଡିବିଟି ମାଧ୍ୟମରେ କେନ୍ଦ୍ର ସରକାର କୃଷକମାନଙ୍କୁ ସହାୟତା ରାଶି ପ୍ରଦାନ କରିବେ ।
- ଦେଶର ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରରେ ଯେଉଁମାନେ ଶିଳ୍ପସଂସ୍ଥାମାନ ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିବେ ସେମାନଙ୍କୁ ଏହି ଦିଗରେ ଆକୃଷ୍ଟ କରିବା ନିମନ୍ତେ ସରକାର ୫ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଯୋଗାଇଦେବେ ।
- ପୂର୍ବରୁ ହେକ୍ଟର ପିଛା ସହାୟତା ୧୨ ହଜାର ଟଙ୍କା ଲେଖାଏଁ ଯୋଗାଇ ଦିଆଯାଉଥିବାବେଳେ ଏବେ ତାହାକୁ ୨୯ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ।
- ବର୍ତ୍ତମାନ ଦେଶରେ ୩.୫ ଲକ୍ଷ ହେକ୍ଟର କ୍ଷେତ୍ରରେ ପାମ୍ ତୈଳ ଚାଷ କରାଯାଉଛି ଯାହାକି ଆଗାମୀ ଦିନରେ ୧୦ ଲକ୍ଷ ହେକ୍ଟରକୁ ବୃଦ୍ଧି କରାଯିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି ।
- ୨୦୨୫-୨୬ ମସିହା ସୁଦ୍ଧା ଦେଶରେ ଖାଦ୍ୟ ତୈଳ ଉତ୍ପାଦନ ୧.୧ ନିୟୁତ ଟନକୁ ବୃଦ୍ଧି କରାଯିବ ଏବଂ ୨୦୨୯-୩୦ ମସିହା ସୁଦ୍ଧା ତାହା ୨.୮ ନିୟୁତ ଟନ ଛୁଇଁବ ବୋଲି ଆଶା କରାଯାଉଛି ।
- ଏହି ଉଦ୍ୟମ ମାଧ୍ୟମରେ ଦେଶର କୃଷକମାନଙ୍କୁ ୧୧,୦୪୦ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ । କୃଷକମାନଙ୍କ ଉପାର୍ଜନ ବୃଦ୍ଧି ମାଧ୍ୟମରେ ଏହି ମିଶନ ମୂଳଧନ ପୁଂଜିନିବେଶକୁ ସୁନିଶ୍ଚିତ କରିବ , ନିଯୁକ୍ତି ସୃଷ୍ଟିକରିବ ଏବଂ ବିଦେଶରୁ ଆମଦାନୀ ଉପରେ ନିର୍ଭରଶୀଳତାକୁ ମଧ୍ୟ କମାଇବ ।

Scan the QR code to watch the full video of the Cabinet Meeting on August 18.

Scan the QR code to watch the full video of the Cabinet Meeting on August 25.

## ନିଷ୍ପତ୍ତି: ୨୦୨୧-୨୨ କୃଷି ବର୍ଷ ନିମନ୍ତେ ସରକାର କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଖୁର ସହାୟକ ମୂଲ୍ୟକୁ ଅତି ଉଦାର ଭାବେ ବୃଦ୍ଧି କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।



**ପ୍ରଭାବ: ଆଖୁର ଉଚିତ ଏବଂ ପାରିତୋଷିକ ମୂଲ୍ୟ ପୂର୍ବରୁ କ୍ୱିଣ୍ଟାଲ ପିଛା ୨୯୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି ଯାହାକି ୨୦୧୩-୧୪ ବର୍ଷ ତୁଳନାରେ ୩୮ ପ୍ରତିଶତ ଅଧିକ ।**

- ଏଣିକି ଆଖୁଚାଷୀମାନଙ୍କୁ ସେମାନଙ୍କର କୃଷି ମୂଲ୍ୟ ତୁଳନାରେ ୫୦ ପ୍ରତିଶତ ଅଧିକ ଲାଭ ମିଳିବ । ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ଦେଶର ୫ କୋଟି ଆଖୁଚାଷୀ ଓ ସେମାନଙ୍କ ଉପରେ ନିର୍ଭର କରି ଚିନିକଳ ଓ ଅନ୍ୟାନ୍ୟ ତତ୍‌ସମ୍ପର୍କୀତ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତି ଉପକୃତ ହେବେ ।
- ୨୦୨୦- ୨୧ ଆର୍ଥିକ ବର୍ଷରେ, ଦେଶର ଆଖୁଚାଷୀମାନଙ୍କୁ ୨,୯୭୬ ଲକ୍ଷ ଟନ୍ ଆଖୁ ନିମନ୍ତେ ମୋଟ ୯୧ ହଜାର କୋଟି ଟଙ୍କା ଯୋଗାଇ ଦିଆଯାଇଛି, ଯାହାକି ପୂର୍ବର କୌଣସି ଥର ପ୍ରଦାନ କରାଯାଇଥିବା ସହାୟତା ରାଶି ତୁଳନାରେ ସର୍ବାଧିକ ।
- ସରକାର ଦେଶର ଚିନିକଳମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ସେମାନେ ଆଖୁକୁ ଅଧିକ ଇଥାନୋଲରେ ପରିବର୍ତ୍ତିତ କରନ୍ତୁ । ଏବେ ଇଥାନୋଲ ପେଟ୍ରୋଲ ସହିତ ମିଶ୍ରଣ କରାଯାଉଛି । ଏହା କେବଳ ସବୁଜ ଇନ୍ଧନ ରୂପେ କାର୍ଯ୍ୟ କରିନଥାଏ ବରଂ ବିଦେଶରୁ ଅଶୋଧିତ ତୈଳ ଆମଦାନି କରିବା କ୍ଷେତ୍ରରେ ଯେଉଁ ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିଥାଏ ତାହା ମଧ୍ୟ ବଞ୍ଚାଇଥାଏ ।
- ଆଗାମୀ ୨୦୨୧- ୨୨ ଆଖୁଚାଷ ବର୍ଷରେ, ୩୫ ଲକ୍ଷ ମେଟ୍ରିକ୍ ଟନ୍ ଚିନି ଇଥାନୋଲରେ ପରିବର୍ତ୍ତିତ ହେବାର ଆକଳନ କରାଯାଇଛି ଏବଂ ୨୦୨୪- ୨୫ ସୁଦ୍ଧା, ୬୦ ଲକ୍ଷ ମେଟ୍ରିକ୍ ଟନ୍ ଚିନି ଇଥାନୋଲରେ ପରିବର୍ତ୍ତିତ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା କେବଳ ଦେଶରେ ଉତ୍ପାଦିତ ହେଉଥିବା ଅତିରିକ୍ତ ଆଖୁ ସମସ୍ୟାର ସମାଧାନ କରିବ ନାହିଁ ଅପରପକ୍ଷେ, ଆଖୁଚାଷୀମାନଙ୍କୁ ନିର୍ଦ୍ଧାରିତ ସମୟରେ ମଧ୍ୟ ସେମାନଙ୍କ ପାଉଣା ପ୍ରଦାନ କରାଯାଇପାରିବ ।

## ନିଷ୍ପତ୍ତି: ଉତ୍ତର- ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ବିପଣନ ନିଗମ ଲିମିଟେଡ଼ର ପୁନରୁତ୍ଥାନ ନିମନ୍ତେ ଥିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟଙ୍କ ମଂଜୁରୀ ପ୍ରଦାନ ।

- ପ୍ରଭାବ: ଏଥି ନିମନ୍ତେ ୭୭. ୪୫ କୋଟି ଟଙ୍କାର ଏକ ପୁନରୁତ୍ଥାନ ପ୍ୟାକେଜକୁ ମଂଜୁରୀ ପ୍ରଦାନ କରାଯାଇଛି ।
- ଏହା ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରର କୃଷକମାନଙ୍କୁ ସେମାନଙ୍କର କୃଷିଜାତ ଦ୍ରବ୍ୟର ପାରିତୋଷିକ ମୂଲ୍ୟ ପ୍ରଦାନ କରିବା ଦିଗରେ ସହାୟକ ହୋଇପାରିବ ।
- ଏହା ନିଗମର ରାଜସ୍ୱ ବୃଦ୍ଧି କରିବା ଦିଗରେ ସହାୟକ ହେବ ।
- ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର ତଥା ଦେଶର ଅନ୍ୟାନ୍ୟ ଭାଗର ଜୈବ କୃଷି ଉତ୍ପାଦକୁ ଜିଆଇ ଟ୍ୟାଗିଂ କରିବା ଏବଂ ସେସବୁର ବିପଣନ ସକାଶେ ଏହା ବେଶ୍ ସହାୟକ ହୋଇପାରିବ ।
- ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରର କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟକୁ ବିଶ୍ୱ ବଜାରରେ ବିପଣନର ସୁବିଧା ମିଳିବ ।ଏହା କୃଷି କ୍ଷେତ୍ର ସକାଶେ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କର୍ମନିଯୁକ୍ତି ସୁଯୋଗ ସୃଷ୍ଟିରେ ମଧ୍ୟ ସହାୟକ ହେବ ।

## ନିଷ୍ପତ୍ତି: ଓଜୋନ ସ୍ତର ହ୍ରାସ ସଂପର୍କୀତ ପ୍ରସଙ୍ଗ ଉପରେ ମଣ୍ଟ୍ରିଲ୍ ପ୍ରୋଟୋକଲର କିଗାଲି ସଂଶୋଧନକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି ।



- ପ୍ରଭାବ: ୨୦୨୩ ମସିହା ସୁଦ୍ଧାଏ ଦିଗରେ ଏକ ଜାତୀୟ ରଣନୀତି ପ୍ରସ୍ତୁତ କରାଯିବ ଏହା ମାଧ୍ୟମରେ ହାଇଡ୍ରୋଫ୍ଲୁରୋକାର୍ବନକୁ ପର୍ଯ୍ୟାୟକ୍ରମେ ବିଲୋପ କରାଯିବ ।
- ବର୍ତ୍ତମାନର ଦେଶର ଯେଉଁ ବୈଧାନିକ ବ୍ୟବସ୍ଥା ପ୍ରଚଳିତ ରହିଛି ତାହା ୨୦୨୪ ମସିହା ମଧ୍ୟଭାଗ ସୁଦ୍ଧା ସଂଶୋଧିତ କରାଯିବ ଯଦ୍ୱାରା କିଗାଲି ସଂଶୋଧନକୁ ପ୍ରବର୍ତ୍ତନ କରିବା ସୁନିଶ୍ଚିତ ହୋଇପାରିବ ।
- ଭାରତ ପର୍ଯ୍ୟାୟକ୍ରମିକ ଭାବେ ହାଇଡ୍ରୋଫ୍ଲୁରୋକାର୍ବନ (ଏଚଏଫସି) କୁ ହ୍ରାସ କରିବ ।
- ଏହା ଦ୍ୱାରା ଦେଶରୁ ସବୁଜଗୃହ ବାଷ୍ପର ନିର୍ଗମନକୁ ପ୍ରତିହତ କରାଯାଇପାରିବ ଯାହାକି ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଆଧାର । ଏହାକୁ ମଧ୍ୟ ରୋକାଯାଇ ପାରିବ ।
- ଏହା ଫଳରେ ଦେଶରେ କର୍ମନିଯୁକ୍ତି ସୃଷ୍ଟି ତ୍ୱରାନ୍ୱିତ ହେବ ।ନୂତନ ପିଢ଼ିର ବିକଳ୍ପ ରେଫ୍ରିଜେରାଣ୍ଟ ଏବଂ ତତ୍‌ସଂପର୍କୀତ ପ୍ରଯୁକ୍ତି ସୃଷ୍ଟି ନିମନ୍ତେ ଘରୋଇ ନବସୃଜନକୁ ପ୍ରୋତ୍ସାହନ ମିଳିବ ।

## ନିଷ୍ପତ୍ତି: ମେସର୍ସ ଆଙ୍କୋରେଜ୍ ଇନଫ୍ରାଷ୍ଟ୍ରକଚର୍ ଇନଭେଷ୍ଟମେଣ୍ଟ ହୋଲ୍ଡିଂ ଲିମିଟେଡ଼ ପାଇଁ ୧୫୦୦୦ କୋଟି ଟଙ୍କା ଭାରତରେ ପ୍ରତ୍ୟକ୍ଷ ବିଦେଶୀ ପୁଂଜି ନିବେଶ (ଏଫଡ଼ିଆଇ) ନିମନ୍ତେ ଥିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି ।



- ପ୍ରଭାବ: ଏଭଳି ନିବେଶ ଦେଶର ଭିତ୍ତିଭୂମି ଏବଂ ଉତ୍ପାଦନ କ୍ଷେତ୍ର ତଥା ବିମାନବନ୍ଦର ନିର୍ମାଣ କ୍ଷେତ୍ରରେ ଅଧିକ ପୁଂଜି ନିବେଶ ସକାଶେ ପ୍ରୋତ୍ସାହନ ଯୋଗାଇବ । ଭାରତ ସରକାର ଦେଶରେ ଘରୋଇ ସହଯୋଗୀତାରେ ଯେଉଁ ବିଶ୍ୱସ୍ତରୀୟ ବିମାନ ବନ୍ଦରମାନଙ୍କ ବିକାଶ ତଥା ପରିବହନ ଭିତ୍ତିଭୂମିର ବିକାଶ ଘଟାଇବାକୁ ଲକ୍ଷ୍ୟ ରଖିଛନ୍ତି ତାହା ଯଥେଷ୍ଟ ମାତ୍ରାରେ ସୁଦୃଢ଼ ହୋଇପାରିବ ।
- ନିକଟରେ ସରକାରଙ୍କ ଦ୍ୱାରା କରାଯାଇଥିବା ରାଷ୍ଟ୍ରୀୟ ମୁଦ୍ରିକରଣ ପାଇପଲାଇନ (ଏନଏମପି)କୁ ମଧ୍ୟ ଏହା ଫଳରେ ଯଥେଷ୍ଟ ପ୍ରୋତ୍ସାହନ ମିଳିପାରିବ । ଏଥିରେ ସମସ୍ତ ପ୍ରକାର ସଂସାଧନ ଯଥା ସଡ଼କ, ରେଳବାଇ, କ୍ରୀଡ଼ା ଷ୍ଟାଡ଼ିୟମ୍, ଶକ୍ତି ସରବରାହ ଲାଇନ ଏବଂ ଗ୍ୟାସ ପାଇପଲାଇନର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଇପାରିବ । ଏହାଦ୍ୱାରା ଦେଶରେ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ■



# ଶ୍ରୀ ସୋମନାଥ ମନ୍ଦିର

## ଆତଙ୍କବାଦ ଉପରେ ଆସ୍ଥାର ବିଜୟର ଏକ ଅନନ୍ୟ ନମୁନା

ଶତାବ୍ଦୀ ଶତାବ୍ଦୀ ଧରି ମାନବୀୟ ମୂଲ୍ୟବୋଧର ମୂକସାକ୍ଷୀ ଭାବେ ସୋମନାଥ ମନ୍ଦିର ମୁଣ୍ଡ ଟେକି ଠିଆ ହୋଇରହିଛି । ଏହା ସମଗ୍ର ବିଶ୍ୱକୁ ଆଜି ଆହ୍ୱାନ ଜଣାଉଛି ଯେ ମିଥ୍ୟାଚାର ଦ୍ୱାରା ସତ୍ୟକୁ କେବେ ପରାସ୍ତ କରିହେବନାହିଁ ଏବଂ ଆତଙ୍କ ଦ୍ୱାରା ଆସ୍ଥା ଓ ବିଶ୍ୱାସକୁ କଦାଚିତ୍ ଦମନ କରାଯାଇ ପାରିବନାହିଁ । ଏହାକୁ ଧ୍ୱଂସ କରିଦେବା ଲାଗି ବାରମ୍ବାର କରାଯାଇଥିବା ଉଦ୍ୟମ ସତ୍ତ୍ୱେ ସୋମନାଥ ମନ୍ଦିର ଏବେ ସୁଦ୍ଧା ତା'ର ମଥାକୁ ଗର୍ବର ସହ ଟେକି ଦଣ୍ଡାୟମାନ । ଅଗଷ୍ଟ ୨୦ ତାରିଖ ଦିନ ଶୁଭାରମ୍ଭ କରାଯାଇଥିବା ଅନେକ ଗୁଡ଼ିଏ ନୂତନ ପ୍ରକଳ୍ପ କେବଳ ଏହି ଦିବ୍ୟ ମନ୍ଦିରର ଭବ୍ୟତା ଓ ଆଧ୍ୟାତ୍ମିକତା ବୃଦ୍ଧିରେ ସହାୟକ ହୋଇନାହିଁ ଏବଂ ଏହା ଅଧିକରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିପାରିଛି । ଏହି କ୍ଷେତ୍ର ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ବୃଦ୍ଧି କରିବାରେ ସହାୟକ ହୋଇଛି ।

**ସମୁଦ୍ର ତୀରେ ଶଶିନା ପ୍ରତିଷ୍ଠିତ ପ୍ରଭାସତୀର୍ଥେ ପରମ ପବିତ୍ରମ୍ ଜ୍ୟୋତିର୍ମୟଂ ଗୁର୍ଜରଭୂମିରତ୍ନଂ ତଂ ସୋମନାଥଂ ସତତଂ ନମାମି ।**

ଏହା ହେଉଛି ବିଶ୍ୱର ପ୍ରଥମ ଜ୍ୟୋତିର୍ଲିଙ୍ଗ ଯାହାକୁ ସୋମ ଅର୍ଥାତ୍ ଚନ୍ଦ୍ର ପ୍ରଭାସ ବେଳାରେ ସ୍ଥାପନା କରିଥିଲେ ।

ଶ୍ରୀ ସୋମନାଥ ମନ୍ଦିରର ପୁନଃନିର୍ମାଣ କରାଇଥିବା ଯୋଗୀ ସର୍ଦ୍ଦାର ବଲ୍ଲଭଭାଇ ପଟେଙ୍କ ନିକଟରେ ଭାରତ ସଦାବେଳେ ଋଣୀ ହୋଇ ରହିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯିଏକି ଶ୍ରୀ ସୋମନାଥ ମନ୍ଦିର ନ୍ୟାସର ଅଧ୍ୟକ୍ଷ ଅଛନ୍ତି, ସେ ଗତ ୧୦ ବର୍ଷ ମଧ୍ୟରେ ଏହି ମନ୍ଦିରର ବିକାଶ ନିମନ୍ତେ ଏକ ନୂତନ ଦିଗ ଦେଖାଇଛନ୍ତି । ତାଙ୍କ ନେତୃତ୍ୱରେ ଏହି ମନ୍ଦିରର ଗର୍ଭଗୃହ ଏବଂ ମନ୍ଦିର ଚୂଡ଼ାର ଆମଳକି ଚକ୍ରର ପୁନଃନିର୍ମାଣ କରାଯାଇଛି ଏବଂ ସୋମନାଥ ମନ୍ଦିରର ଇତିହାସ ସହିତ ଯୋଡ଼ିହୋଇ ରହିଥିବା କିମ୍ବଦନ୍ତୀମାନଙ୍କ ଉପରେ ସେଠାରେ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ'ର ମଧ୍ୟ ଚମତ୍କାର ବ୍ୟବସ୍ଥା କରାଯାଇଛି। ମନ୍ଦିର ପରିସରରେ ଥିବା ଅନ୍ୟାନ୍ୟ ମନ୍ଦିରଗୁଡ଼ିକର ଜୀର୍ଣ୍ଣସଂସ୍କାର ଓ ପୁନଃନିର୍ମାଣ ସହିତ ସେଠାରେ ବିଶ୍ୱସ୍ତରୀୟ ସମସ୍ତ ପ୍ରକାର ବ୍ୟବସ୍ଥାମାନ କରାଯାଇଛି ଯାହାକି ସୋମନାଥ ମନ୍ଦିର ଓ ଆଖପାଖ ସ୍ଥାନମାନଙ୍କୁ ଯାଉଥିବା ତୀର୍ଥଯାତ୍ରୀମାନଙ୍କୁ ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇଥାଏ। ଏହା ଫଳରେ

# ଶ୍ରୀ ସୋମନାଥ ମନ୍ଦିର ପରିସରର ବିକାଶ




## ସମୁଦ୍ର ଦର୍ଶନ ପଥ

ସୋମନାଥର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନରେ ରଖି, ସମୁଦ୍ର ଦର୍ଶନ ପଥକୁ କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନା ଜରିଆରେ ବିକାଶ ଘଟାଯାଇଛି । ଏହି ୧.୫ କିଲୋମିଟର ସମୁଦ୍ର ଦର୍ଶନ ପଥ ଶ୍ରୀ ସୋମନାଥ ମନ୍ଦିର ଠାରୁ ସମୁଦ୍ର କୂଳେକୂଳେ ତ୍ରିବେଣୀ ସଙ୍ଗମ ପର୍ଯ୍ୟନ୍ତ ନିର୍ମାଣ କରାଯାଇଛି ଯାହାକି ସମୁଦ୍ରର ବିରାଟ ଢେଉ ଦ୍ୱାର ବୁଡ଼ିଯିବାରୁ ଏହାକୁ ସୁରକ୍ଷିତ ରଖାଯାଇପାରିଛି । ଏହି ପଥରେ ଡାକବାଜି ଯନ୍ତ୍ରଠାରୁ ନେଇ ସିସିଟିଭି କ୍ୟାମେରା ପର୍ଯ୍ୟନ୍ତ ସବୁ ପ୍ରକାର ବ୍ୟବସ୍ଥା ଖଞ୍ଜାଯାଇଛି ଯଦ୍ୱାରା ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ସମସ୍ତ ପ୍ରକାର ନିରାପତ୍ତା ସୁନିଶ୍ଚିତ କରାଯାଇଛି । ଏହା ଦ୍ୱାରା ସ୍ଥାନୀୟ ଲୋକମାନଙ୍କ ସକାଶେ ମଧ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ।

### ସୋମନାଥ ପ୍ରଦର୍ଶନୀ ଗ୍ୟାଲେରୀ

ଏହି ଗ୍ୟାଲେରୀକୁ ମନ୍ଦିର ସ୍ଥାପତ୍ୟ ଅନୁସାରେ ନିର୍ମାଣ କରାଯାଇଛି । ପୁରୁଣା ସୋମନାଥ ମନ୍ଦିରର ଭଗ୍ନ ଅଂଶ ଓ ପ୍ରସ୍ତର ଖଣ୍ଡଗୁଡ଼ିକ ତଥା ଏହାର ବିଭିନ୍ନ ସ୍ଥାପତ୍ୟକଳାକୁ ସେଠାରେ ସଂଗୃହୀତ କରି ରଖାଯାଇଛି । ମନ୍ଦିର ନିର୍ମାଣ ସ୍ଥାପତ୍ୟ ସଂପର୍କୀତ ସମସ୍ତ ପ୍ରକାର ସୂଚନା ଏଠାରେ ଉପଲବ୍ଧ ରହିଛି । ଏହି ସୂଚନା ବ୍ରେଲୀ ଲିପି ଠାରୁ ଆରମ୍ଭ କରି ହିନ୍ଦୀ ଓ ଇଂରାଜୀ ଭାଷାରେ ଉପଲବ୍ଧ ଯଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଆମର ମହାନ ଇତିହାସ ସଂପର୍କରେ ଅବଗତ ହୋଇପାରିବେ ।





### ଶ୍ରୀ ପାର୍ବତୀ ମନ୍ଦିର

ଶ୍ରୀ ପାର୍ବତୀ ମନ୍ଦିରର ଭିତ୍ତିପ୍ରସ୍ତର ସୋମନାଥ ମନ୍ଦିର ପରିସରରେ ହିଁ ସ୍ଥାପନ କରାଯାଇଛି। ଏହାକୁ ମୂଳ ମନ୍ଦିର ଢାଞ୍ଚାରେ ନିର୍ମାଣ କରାଯିବାର ଯୋଜନା କରାଯାଇଛି। ଶ୍ରୀ ପାର୍ବତୀ ମନ୍ଦିର ମୋଟ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାର ପ୍ରସ୍ତାବ ରହିଛି । ଏଥି ମଧରେ ସୋମପୁରା ସଲାତ ଶୈଳୀରେ ମନ୍ଦିର ନିର୍ମାଣ କରାଯିବା ସହିତ ଗର୍ଭଗୃହ ଓ ନୃତ୍ୟ ମଣ୍ଡପର ମଧ ବିକାଶ ଘଟାଯିବ ।



### ପୁରୁଣା (ଜୁନ) ସୋମନାଥ

ପରବର୍ତ୍ତୀ ସିରିଜରେ ପୁରୁଣା (ଜୁନ)ସୋମନାଥ ମନ୍ଦିରର ପୁନଃନିର୍ମାଣ ଯାହାକି ଇନ୍ଦୋରର ମହାରାଣୀ ଅହଲ୍ୟାବାଇ ହୋଲକାର ୧୭୮୩ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରିଥିଲେ । ସମଗ୍ର ପୁରୁଣା ମନ୍ଦିର ପରିସରକୁ ଅତି ପବିତ୍ର ଭାବେ ପୁନଃବିକଶିତ କରାଯାଇଛି ଯାହାକି ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ସଂପୂର୍ଣ୍ଣ ନିରାପଦ ଏବଂ ଏହାର କ୍ଷମତାକୁ ମଧ ବୃଦ୍ଧି କରାଯାଇଛି। ଏଥିରେ ପ୍ରଥମ ମହଲାରେ ଦୁଇଟି ପ୍ରଶସ୍ତ ହଲ୍, ତଳ ମହଲାରେ ଷୋହଳଟି ଦୋକାନ ଏବଂ ଏକ ବିରାଟ ପରିସର ଯାହାକି ଧ୍ୟାନ ଓ ପ୍ରାର୍ଥନା କରିବା ଲାଗି ଉଦ୍ଦିଷ୍ଟ ସେସବୁ ପୁରାତନ ମନ୍ଦିର ସହ ଯୋଡ଼ାଯାଇଛି । ପୁରୁଣା (ଜୁନ) ସୋମନାଥ ମନ୍ଦିର ପରିସରର ପୁନଃନିର୍ମାଣ ଶ୍ରୀ ସୋମନାଥ ମନ୍ଦିର ଟ୍ରଷ୍ଟ ଦ୍ୱାରା ୩.୫ କୋଟି ଟଙ୍କା ବ୍ୟୟରେ ସଂପୂର୍ଣ୍ଣ କରାଯାଇଛି ।

ସେଠାକୁ ଏବେ ପର୍ଯ୍ୟଟକମାନଙ୍କ ଆଗମନ ସଂଖ୍ୟାରେ ଅସମ୍ଭବ ବୃଦ୍ଧି ପରିଲକ୍ଷିତ ହୋଇଛି । "ଏହା ଆଜି ନୂତନ ଭାରତର ଏକ ଉଜ୍ଜ୍ୱଳ ସ୍ତମ୍ଭ ଭାବେ ବିଦ୍ୟମାନ ଯାହାକୁ ରାମ ମନ୍ଦିର ଢ଼ାଂଚାରେ ନିର୍ମାଣ କରାଯାଇଛି । ଆମର ଚିନ୍ତାର ବର୍ତ୍ତମାନ ସ୍ଥିତିରେ ଉନ୍ନତି ଘଟାଇବା ଆବଶ୍ୟକ ଏବଂ ତାହା ଆମେ ଇତିହାସ ଠାରୁ ହିଁ ଶିଖିବା ଉଚିତ । ଏହାଦ୍ୱାରା ଆମେ ଏକ ନୂତନ ଭବିଷ୍ୟତ ମଧ ସୃଷ୍ଟି କରିପାରିବା । ତେଣୁ, ଯେତେବେଳେ ମୁଁ "ଭାରତ ଯୋଡ଼ୋ ଆନ୍ଦୋଳନ" କଥା କହେ ଏହା କୌଣସି ଭୌଗୋଳିକ୍ ଅଥବା ଆଦର୍ଶଗତ ସଂପୃକ୍ତି ମଧରେ ସୀମିତ ହୋଇ ରହିବାକୁ ମୁଁ ଚାହେଁନା। ଏହା ମଧ ଆମର ଏକ ପ୍ରତିଶ୍ରୁତି ଯାହା ଆମକୁ ଆମର ଅତୀତ ସହିତ ଯୋଡ଼ିବା ସଙ୍ଗେ ସଙ୍ଗେ ଭବିଷ୍ୟତର ଭାରତ ନିର୍ମାଣ ପାଇଁ ମଧ ପ୍ରେରଣା ଯୋଗାଏ ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହିସବୁ ଯୋଜନାର ଶୁଭାରମ୍ଭ ଅବସରରେ ଉଦ୍‌ବୋଧନ ଦେଇ ମତ ଏହି ପୋଷଣ କରିଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଏବଂ ସେ ଭାଷଣ ପ୍ରସଙ୍ଗରେ କହିଥିଲେଯେ ଏଭଳି ନୂତନ ପ୍ରକଳ୍ପ ଶ୍ରଦ୍ଧାଳୁମାନଙ୍କୁ ପ୍ରୋତ୍ସାହିତ କରିବ ଏବଂ ପର୍ଯ୍ୟଟନ ମଧ ଏକ ନୂତନ ପ୍ରୋତ୍ସାହନ ଲାଭ କରିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସେ ପ୍ରଶଂସା କରି କହିଥିଲେ ଯେ ସାରା ଦେଶରେ ଭାରତୀୟ ସଂସ୍କୃତି ସଂପର୍କୀତ ବିଭିନ୍ନ ଧର୍ମପୀଠ ଓ ସ୍ଥଳୀମାନଙ୍କର ବିକାଶ କରାଇଥିବା ଯୋଗୁ ସେ ଧନ୍ୟବାଦର ପାତ୍ର ।

**ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଇଥିବା ଭାଷଣର ମୁଖ୍ୟ ପ୍ରସଙ୍ଗ:**

- ଆଜି ପର୍ଯ୍ୟଟନ କେବଳ ଲୋକଙ୍କୁ ପରସ୍ପର ସହିତ ମିଳାଇବାର ସୁଯୋଗ ସୃଷ୍ଟି କରିନାହିଁ ଅପରନ୍ତୁ ଦେଶର ପ୍ରଗତି ଓ ବିକାଶର ମଧ ସହାୟକ ହୋଇପାରିଛି । ଆମର ଆସ୍ଥା ବାସ୍ତବରେ ହେଉଛି "ଏକ ଭାରତ, ଶ୍ରେଷ୍ଠ ଭାରତ" ମାନସିକତାର ପରିପ୍ରକାଶ । ସୋମନାଥ ମନ୍ଦିର ଆମର



ସଂସ୍କୃତି ଏବଂ ମାନବୀୟ ଆଦର୍ଶର ପ୍ରତୀକ ଭାବେ ଦଣ୍ଡାୟମାନ ହୋଇ ରହିଛି ।

- ଭାରତ ଯୋଡ଼ୋ ଆନ୍ଦୋଳନ ଆମମାନଙ୍କୁ ଆମର ଅତୀତ ସହିତ ଯୋଡ଼ିପାରିବ ଯଦ୍ୱାରା ଆମେ ଭବିଷ୍ୟତର ଭାରତ ନିର୍ମାଣ କରିପାରିବା । ଚାରି ଧାମ, ଶକ୍ତି ପୀଠ ଏବଂ ଦେଶର ଅନ୍ୟାନ୍ୟ ଧର୍ମପୀଠମାନ ହେଉଛନ୍ତି "ଏକ ଭାରତ, ଶ୍ରେଷ୍ଠ ଭାରତ"ର ଆତ୍ମା । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମଗ୍ର ଭାରତକୁ ଏକତା ସୂତ୍ରରେ ଯୋଡ଼ିଥାଏ ।
- ସର୍ଦ୍ଦାର ପଟେଲ ଆମମାନଙ୍କୁ ଭାରତର ଏହି ପ୍ରାଚୀନ ଗୌରବର ପୁନରୁତ୍ଥାନ ନିମନ୍ତେ ପଥ ପ୍ରଦର୍ଶନ କରିଛନ୍ତି । ଲୋକମାତା ଅହଲ୍ୟାବାଈ ହୋଲକାର ଏହିଭଳି ଅନେକ ମନ୍ଦିରର ପୁନଃନିର୍ମାଣ କରାଇଥିଲେ । ଆଜି ଯେଉଁସବୁ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ କରାଯାଇଛି ସାହା ଆମର ଧର୍ମୀୟ ଉଦ୍ୟମ ଏବଂ ପର୍ଯ୍ୟଟନ ମଧ୍ୟରେ ଏକ ସଂଯୋଗର ସେତୁ ସ୍ଥାପନ କରିବ । ସୋମନାଥ ପ୍ରଦର୍ଶନୀ କେନ୍ଦ୍ର ଆମର ଯୁବଗୋଷ୍ଠୀଙ୍କୁ ଆମର ମହାର୍ଘ ସାଂସ୍କୃତିକ ଐତିହ୍ୟ ବୈଭବ ସହିତ ସଂଯୋଗ କରାଇବ ।
- ପ୍ରସାଦ ଯୋଜନା ଅଧୀନରେ, ଏପର୍ଯ୍ୟନ୍ତ ୧୫ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି ଯାହାକି ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ । ଇ- ଭିସା, ଆଗମନ ମାତ୍ରେ ହିଁ ଭିସା ପ୍ରଦାନ ଏବଂ ଆତିଥେୟତା ଉପରେ ଜିଏସଟି ହାର ହ୍ରାସ ଆମର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ଯୋଗାଇଛି ।
- ଏଥି ନିମନ୍ତେ ସାରା ଦେଶରେ ଉଣେଇଶଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ଚିହ୍ନଟ କରାଯାଇଛି ଏବଂ ସେଗୁଡ଼ିକର ବିକାଶ ଘଟାଯାଉଛି । ସେହିସବୁ ପ୍ରକଳ୍ପଗୁଡ଼ିକ ଭବିଷ୍ୟତରେ ଆମର ପର୍ଯ୍ୟଟନ ଶିଳ୍ପକୁ ନୂତନ ପ୍ରେରଣା ଯୋଗାଇବ ।

## ପର୍ଯ୍ୟଟନ ଶିଳ୍ପର ନୂତନ ଦିଗନ୍ତ



**ପର୍ଯ୍ୟଟନ ପ୍ରତିଯୋଗୀ ସୂଚୀରେ ଭାରତ ୬୫ତମ ସ୍ଥାନରୁ ୩୪ତମ ସ୍ଥାନକୁ ଉନ୍ନୀତ ହୋଇଛି ।**

୨୦୧୪ ମସିହାରେ ଘୋଷଣା କରାଯାଇଥିବା ପ୍ରସାଦ ଯୋଜନା ଅଧୀନରେ

**40**

ଟି ପ୍ରମୁଖ ପ୍ରକଳ୍ପ ପର୍ଯ୍ୟଟନ ସ୍ଥଳୀର ବିକାଶ ଘଟାଯାଉଛି ଯେଉଁଥିରୁ ୧୫ଟି ପ୍ରକଳ୍ପ ଏବେସୁଦ୍ଧା ସଂପୂର୍ଣ୍ଣ ହୋଇସାରିଛି ।

**₹100 କୋଟି**

ଟଙ୍କାରୁ ଅଧିକ ମୂଲ୍ୟର ତିନୋଟି ପ୍ରକଳ୍ପ ଗୁଜରାଟରେ କାର୍ଯ୍ୟକାରୀ ହେଉଛି । ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ପରସ୍ପର ସହ ସଂଯୋଗ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ ।

- ଏହା ଫଳରେ ଜାତୀୟ ଓ ଆନ୍ତର୍ଜାତିକ ପର୍ଯ୍ୟଟନ ସାମର୍ଥ୍ୟ ବୃଦ୍ଧି ପାଇଛି । ଏବେ ଆଧାତ୍ମିକ ପର୍ଯ୍ୟଟନ ପ୍ରତି ଲୋକମାନେ ଅଧିକ ଆକୃଷ୍ଟ ହେଉଛନ୍ତି ଏବଂ ଦେଶରେ ତାହାର ସାମର୍ଥ୍ୟ ବୃଦ୍ଧି ପାଇଛି । ଆଧୁନିକ ସଂସାଧନ ସହିତ ପ୍ରାଚୀନ ଗୌରବୋଜ୍ଜ୍ୱଳ ଐତିହ୍ୟର ପୁନରୁତ୍ଥାନ ଓ ପୁନଃନିର୍ମାଣ କରାଯାଉଛି ।
- କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱଦେଶ ଦର୍ଶନ ଯୋଜନା ଅଧୀନରେ ୧୫ଟି ପ୍ରସଙ୍ଗକୁ ନେଇ ଏକ ପର୍ଯ୍ୟଟନ ସର୍କିଟର ବିକାଶ ଘଟାଉଛନ୍ତି । ଏହା ଦେଶର ଅବହେଳିତ ଅଞ୍ଚଳରେ ପର୍ଯ୍ୟଟନ ସାମର୍ଥ୍ୟକୁ ଯଥେଷ୍ଟ ମାତ୍ରାରେ ବୃଦ୍ଧି ଘଟାଇବ ।
- ରାମାୟଣ ସର୍କିଟ୍ ଅଧୀନରେ ଶ୍ରଦ୍ଧାଳୁମାନେ ଭଗବାନ ଶ୍ରୀରାମଙ୍କ ନାମ ସହିତ ସଂଶ୍ଳିଷ୍ଟ ସାରା ଭାରତରେ ଥିବା ବିଭିନ୍ନ ସ୍ଥାନ ସଂପର୍କରେ ଅଧିକ ଅବଗତ ହେଉଛନ୍ତି । ଏହା ସେମାନଙ୍କୁ ପ୍ରଭୁ ରାମ କିପରି ସାରା ଭାରତର ରାମ ତାହା ଅବଗତ କରାଉଛି ।
- ସେହିଭଳି ବୁଦ୍ଧ ସର୍କିଟ ମାଧ୍ୟମରେ ଶ୍ରଦ୍ଧାଳୁମାନଙ୍କୁ ସମଗ୍ର ବିଶ୍ୱରେ ଭଗବାନ ବୁଦ୍ଧଙ୍କ ସହିତ ଜଡ଼ିତ ସ୍ଥାନଗୁଡ଼ିକ ସଂପର୍କରେ ଅବଗତ କରାଯାଉଛି ।
- କେଦାରନାଥ ଭଳି ପାର୍ବତ୍ୟ କ୍ଷେତ୍ରର ବିକାଶ, ଚାରି ଧାମର ଟନେଲ ଓ ରାଜମାର୍ଗ, ବୈଷ୍ଣୋଦେବୀ ସ୍ଥଳୀର ବିକାଶ କାର୍ଯ୍ୟ ଏବଂ ଉତ୍ତର- ପୂର୍ବାଞ୍ଚଳ କ୍ଷେତ୍ରରେ ହାଇଟେକ୍ ସଂସାଧନର ଉପଯୋଗ ପୂର୍ବରୁ ଥିବା ସମସ୍ତ ପ୍ରକାର ଦୂରତ୍ୱକୁ ଦୂର କରି ସେସବୁକୁ ଯୋଡ଼ୁଛି ।
- ପର୍ଯ୍ୟଟନ ମାଧ୍ୟମରେ ନାଗରିକମାନଙ୍କୁ ଦେଶ କେବଳ ପରସ୍ପର ସହ ଯୋଡ଼ୁନାହିଁ ବରଂ ସେମାନଙ୍କୁ ଆଗକୁ ଅଗ୍ରସର ହେବାର ସୁଯୋଗ ମଧ୍ୟ ପ୍ରଦାନ କରୁଛି । ୨୦୧୩ ମସିହାରେ ବିଶ୍ୱ ପର୍ଯ୍ୟଟନ ପ୍ରତିଦ୍ୱନ୍ଦ୍ୱୀ ସୂଚୀରେ ଭାରତର ସ୍ଥାନ ୬୫ ଥିବାବେଳେ ୨୦୧୯ରେ ତାହା ୩୪କୁ ବୃଦ୍ଧି ପାଇଛି ।

Scan the QR code to listen to the address of Prime Minister Narendra Modi.

## ଭିତ୍ତିଭୂମିର ବିକାଶ

# ଆଗାମୀ ଚାରି ବର୍ଷ ମଧ୍ୟରେ ସଂପଦର ମୁଦ୍ରୀକରଣ ଜରିଆରେ ୬ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ସରକାରଙ୍କ ଯୋଜନା



**ଉତ୍ତମ ଏବଂ ଗୁଣାତ୍ମକ ଭିତ୍ତିଭୂମି ଯେକୌଣସି ଦେଶର ଆର୍ଥିକ ବିକାଶ ଏବଂ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରୀୟ ଭିତ୍ତିଭୂମି ପାଇପଲାଇନ ପ୍ରକଳ୍ପ ନିମନ୍ତେ ୧୧୦ ଲକ୍ଷ କୋଟି ଟଙ୍କାର ଘୋଷଣା କରିଛନ୍ତି । ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଏହି ସଂସାଧନ ମୁଦ୍ରୀକରଣ ପାଇପଲାଇନ ଯୋଜନା ଦେଶର ଭିତ୍ତିଭୂମି କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ଆଣିବାର ପ୍ରତିଶ୍ରୁତି ପ୍ରଦାନ କରେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ଆଗାମୀ ଚାରି ବର୍ଷ ମଧ୍ୟରେ ପୁଂଜି ନିବେଶ କରିବା ସକାଶେ ଘରୋଇ କମ୍ପାନୀମାନଙ୍କୁ ଆହ୍ୱାନ ଜଣାଯିବାଲାଗି ସରକାର ଯୋଜନା କରିଛନ୍ତି ।**

"ଦେଶର ବ୍ୟବସାୟିକ ଉଦ୍ୟୋଗୀମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ହେଉଛି ସରକାରଙ୍କ ଦାୟିତ୍ୱ । ଆଜିର ଯୁଗରେ ଏକାକୀ ଉଦ୍ୟୋଗ ପରିଚାଳନା କରିବା ଓ ଏହାର ମାଲିକାନାକୁ ନିୟନ୍ତ୍ରଣରେ ରଖିବା ସରକାରଙ୍କ ପକ୍ଷେ ଆଦୌ ସମ୍ଭବପର ନୁହେଁ । ଅପରପକ୍ଷେ ଜନ କଲ୍ୟାଣ ଏବଂ ବିକାଶ ସଂପର୍କୀତ ପ୍ରକଳ୍ପ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ସରକାରଙ୍କ ଧ୍ୟେୟ ହେବା ଉଚିତ ।"

ଚଳିତ ବର୍ଷ ଗତ ମାର୍ଚ୍ଚ ମାସରେ ଦେଶର ନିବେଶକମାନଙ୍କ ସହ ବାର୍ତ୍ତାଳାପ କଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହି ଶବ୍ଦ ତାଙ୍କ ଆନ୍ତରିକତାକୁ ସୂଚୀତ କରେ । ଚଳିତ ବର୍ଷ ସାଧାରଣ ବଜେଟ ଉପସ୍ଥାପନ ହୋଇସାରିବା ପରେ ପ୍ରଧାନମନ୍ତ୍ରୀ କହିଥିବା ଏହି ଶବ୍ଦାବଳୀ ଘରୋଇ କ୍ଷେତ୍ର ଉପରେ ସରକାରଙ୍କ ଆସ୍ଥାକୁ ପ୍ରତିପାଦିତ କରେ । ଏହା ଦ୍ୱାରା ସମସ୍ତ କାର୍ଯ୍ୟକ୍ରମର ସୁଫଳ ଦେଶର ଶେଷତମ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିପାରିବ । ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତ୍ୟକ୍ଷ ଭାବେ ନିଜ ନିଜ କ୍ଷେତ୍ରରେ ବିଶେଷ ଜ୍ଞାନ ଥିବା ବ୍ୟକ୍ତିବିଶେଷଙ୍କ ସହ ଏଭଳି ଭାବ ବିନିମୟ କିଥିଲେ । ସାଧାରଣ ବଜେଟ ସଂପର୍କରେ ସେମାନେ ମନରେ କି ପ୍ରକାର ଧାରଣା ସୃଷ୍ଟି ହେଉଛି ତାହା ଜାଣିବା ଥିଲା ତାଙ୍କର ଉଦ୍ଦେଶ୍ୟ । ରାଷ୍ଟ୍ରୀୟ ମୁଦ୍ରିକରଣ ପାଇପଲାଇନ (ଏନଏମପି) ଯୋଜନା ସାରା ଦେଶରେ ଭିତ୍ତିଭୂମିର ବିକାଶ ଉଦ୍ଦେଶ୍ୟରେ ହିଁ ବିକାଶ ଘଟାଯାଇଛି । ଏଥିରେ ଘରୋଇ କ୍ଷେତ୍ରମାନେ ସହଜରେ ସାମିଲ ହୋଇପାରିବେ । ଭିତ୍ତିଭୂମିର ବିକାଶ ସହିତ ସଂଶ୍ଳିଷ୍ଟ ବିଭିନ୍ନ ମନ୍ତ୍ରଣାଳୟ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ନିତି ଆୟୋଗ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । ଏହି ଯୋଜନା ଅଧୀନରେ କେନ୍ଦ୍ର ସରକାର ସଂପଦର ମୁଦ୍ରିକରଣ ଜରିଆରେ ଆଗାମୀ ଚାରି ବର୍ଷ ମଧ୍ୟରେ ୬ ଲକ୍ଷ କୋଟି ଟଙ୍କା ଉପାର୍ଜନ କରିବା ନିମନ୍ତେ ଯୋଜନା କରିଛନ୍ତି। ସେଥି ମଧ୍ୟରେ ସଡ଼କ ଠାରୁ ରେଳବାଇ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ର ସାମିଲ ।

ଚଳିତ ବର୍ଷ ଅଗଷ୍ଟ ୨୩ ତାରିଖ ଦିନ ଏହି ଯୋଜନାର ଶୁଭାରମ୍ଭ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଲେ, 'ଦେଶର ପ୍ରତ୍ୟେକ ନାଗରିକ ଯେଭଳି ଶ୍ରେଷ୍ଠ ଭିତ୍ତିଭୂମି ସୁବିଧା ଉପଲବ୍ଧ ହୋଇପାରିବେ ଏବଂ ତାହା ସୁଲଭ ମୂଲ୍ୟରେ ମିଳିପାରିବ, ପ୍ରଧାନମନ୍ତ୍ରୀଙ୍କ ଏହି ପରିକଳ୍ପନା ଆଧାରରେ ଏହା ପ୍ରସ୍ତୁତ କରାଯାଇଛି । ସମ୍ପଦ ମୁଦ୍ରିକରଣ, ଯାହା ମୁଦ୍ରିକରଣ ମାଧ୍ୟମରେ ସୃଜନ ସୃଷ୍ଟିର ଚିନ୍ତାଧାରା ଉପରେ ଆଧାରିତ, ତାହା ଦେଶର ଘରୋଇ କ୍ଷେତ୍ରର ସାମର୍ଥ୍ୟକୁ ଆହରଣ କରିବା ପାଇଁ ଚେଷ୍ଟିତ ହେବ । ସେମାନେ ନୂଆ ନୂଆ ସଂସାଧନରେ ପୁଞ୍ଜି ନିବେଶ କରିବେ । ଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଏହା ଆବଶ୍ୟକ । ଏହାଦ୍ୱାରା ଉଚ୍ଚ ଆର୍ଥିକ ବିକାଶ ଘଟିବା ସମ୍ଭବପର ହୋଇପାରିବ ଏବଂ ଏହା ନିରବଚ୍ଛିନ୍ନ ଭାବେ ଦେଶର ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ- ସହରାଞ୍ଚଳ କ୍ଷେତ୍ରରେ ସାମଗ୍ରିକ ଜନ କଲ୍ୟାଣ ଘଟାଇପାରିବ ।'

# ନିମ୍ନଲିଖିତ କ୍ଷେତ୍ରଗୁଡ଼ିକରୁ ଅର୍ଥ ସଂଗ୍ରହ କରାଯିବ

- ସଡକ କ୍ଷେତ୍ରରୁ ହିଁ ସର୍ବାଧିକ ୧.୬ ଲକ୍ଷ କୋଟି ଟଙ୍କାର ମୁଦ୍ରିକରଣ ଅର୍ଥ ସଂଗ୍ରହ କରାଯିବାର ଆଶା କରାଯାଉଛି ।
- ସରକାର 'ବିଲ୍ଡ- ଅପରେଟ୍- ଟ୍ରାନ୍ସଫର' (ପିଓଟି) ମଡ଼େଲ ଭାବେ ରାଜମାର୍ଗଗୁଡ଼ିକୁ ହସ୍ତାନ୍ତର କରି ୧.୫ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି ।
- ପରବର୍ତ୍ତୀ ଲକ୍ଷ୍ୟ ହେଉଛି ରେଳବାଇ ଯାହାର ପ୍ରାୟ ୪୦୦ଟି ଷ୍ଟେସନ, ୧୫୦ଟି ଟ୍ରେନ, ସମର୍ପିତ ମାଲ ପରିବହନ କରିଡୋର ଏବଂ ଟ୍ରାକ ଜରିଆରେ ୧.୫ ଲକ୍ଷ କୋଟି ଟଙ୍କା ସଂଗ୍ରହର ମସୁଧା ରହିଛି ।
- ସରକାର ଶକ୍ତି କ୍ଷେତ୍ର ପାୱାର ଗ୍ରୀଡ଼ଗୁଡ଼ିକର ବିଜୁଳି ସରବରାହ ଲାଇନକୁ ମୁଦ୍ରିକରଣ କରି ସେଥିରୁ ୪୫,୦୦୦ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ।
- ଏନଟିପିସି, ଏନଏଚପିସିର ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ କୋଲ ଇଣ୍ଡିଆର ଭଳି ପ୍ରକଳ୍ପକୁ ମୁଦ୍ରିକରଣ କରି ସେଥିରୁ ୩୯,୮୩୨ କୋଟି ଟଙ୍କା ଉପାର୍ଜନ କରିବାର ଲକ୍ଷ୍ୟ ରଖିଛନ୍ତି ।
- ବାଷ୍ପ କ୍ଷେତ୍ରରୁ ମୋଟ ୨୪,୦୦୦ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଏଥିପାଇଁ ଗେଲ୍ ପାଇପଲାଇନକୁ ମୁଦ୍ରିକରଣ କରାଯିବ ।
- ସେହିଭଳି ଆଇଓସିଏଲ ଏବଂ ଏଚପିସିଏଲର ପାଇପଲାଇନର ମୁଦ୍ରିକରଣ କରାଯାଇ ସେଥିରୁ ୨୨,୦୦୦ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ରଖାଯାଇଛି ।

### ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ପ୍ରଥମ କରି ଏହାର ସୂଚନା ଦେଇଥିଲେ



ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ରାଷ୍ଟ୍ରୀୟ ମୁଦ୍ରିକରଣ ପାଇପଲାଇନ ବିଷୟରେ ପ୍ରଥମ କରି ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିବା ସମୟରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ସରକାରୀ ଉଦ୍ୟୋଗଗୁଡ଼ିକର ମୁଦ୍ରିକରଣ ଅର୍ଥାତ ସରକାରୀ ସଂପଦର ମୁଦ୍ରିକରଣ ହେଉଛି ସରକାରଙ୍କର ମୂଳ ଲକ୍ଷ୍ୟ ଯାହା ମାଧ୍ୟମରେ ଏଭଳି ବିଶାଳ ଭିତ୍ତିଭୂମି ନିର୍ମାଣ ବ୍ୟୟଭାରକୁ ପୂରଣ କରାଯାଇପାରିବ ।

### ୪ ବର୍ଷ ମଧ୍ୟରେ ୬ ଲକ୍ଷ କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ



ଏହିସବୁ ସରକାରୀ ସଂପଦକୁ ଘରୋଇ ସଂସ୍ଥାମାନଙ୍କ ହାତରେ କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ ନ୍ୟସ୍ତ କରାଯିବ । ଏହାକୁ ସେହି ନିର୍ଦ୍ଧାରିତ ଅବଧି ପରେ ସରକାରଙ୍କୁ ଫେରସ୍ତ କରି ଦିଆଯିବ । ଏନଏମପି ଅଧିନରେ ଆଗାମୀ ଚାରି ବର୍ଷ ଅର୍ଥାତ୍ ୨୦୨୨- ୨୫ ଆର୍ଥକକ ବର୍ଷ ମଧ୍ୟରେ ମୋଟ ୬ ଲକ୍ଷ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ରହିଛି ।

## ସଂଗୃହୀତ ଅର୍ଥକୁ ନୂତନ ଭିତ୍ତିଭୂମି ନିର୍ମାଣ ନିମନ୍ତେ ବ୍ୟୟ କରାଯିବ

୨୦୨୧- ୨୨ ଆର୍ଥିକ ବର୍ଷର ସାଧାରଣ ବଜେଟ ଅଭିଭାଷଣରେ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ କହିଥିଲେ ଯେ ସରକାରୀ ସଂପଦର ମୌଦ୍ରିକରଣ ନୂତନ ସଂସାଧନ ସୃଷ୍ଟିର ଏକ ଅଭିନବ ପ୍ରକ୍ରିୟା । ଏହିସବୁ ସଂପଦର ମୌଦ୍ରିକରଣ ଦ୍ୱାରା କେବଳ ପୁଂଜି ସଂଗ୍ରହ ହେବନାହିଁ ଅପରନ୍ତୁ ସେହିସବୁ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉତ୍ତମ ରକ୍ଷଣାବେକ୍ଷଣ ଏବଂ ସମ୍ପ୍ରସାରଣ ମଧ୍ୟ କରାଯାଇପାରିବ ।

**ମୁଦ୍ରିକରଣ କହିଲେ କ'ଣ ବୁଝାଏ?**

ସମ୍ପଦର ମୁଦ୍ରିକରଣ କହିଲେ ବୁଝାଏ ଯେ ସରକାରୀ ଉଦ୍ୟୋଗଗୁଡ଼ିକ ଯେଉଁଥିରୁ ଅଧିକତର ଭାବେ ଉପଯୋଗ କରାଯାଇନାହିଁ ସେଥିରୁ ଅଧିକ ରାଜସ୍ୱ ଅଥବା ଉପାର୍ଜନ ନୂଆ ନୂଆ ଉପାୟ ଖୋଜି ବାହାର କରିବା । ଏହାକୁ 'ବ୍ରାଉନଫିଲ୍ଡ ସଂପଦ' ବୋଲି ଆଖ୍ୟାୟିତ କରାଯାଇଥାଏ । ଏଥି ନିମନ୍ତେ ନିତି ଆୟୋଗ ଅନ୍ୟାନ୍ୟ କ୍ଷେତ୍ର ମଧ୍ୟରେ ରେଳବାଇ, ସଡ଼କ ପରିବହନ ଓ ରାଜମାର୍ଗ, ଜାହାଜ ଚଳାଚଳ, ଟେଲିକମ୍, ଶକ୍ତି, ବେସାମରିକ ବିମାନ ଚଳାଚଳ, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ, ଯୁବ ବ୍ୟାପାର ଓ କ୍ରୀଡ଼ା ଭଳି କ୍ଷେତ୍ରକୁ ସଂପଦ ମୁଦ୍ରିକରଣ ନିମନ୍ତେ ଚୟନ କରିଛନ୍ତି ।

**ସରକାରୀ ସଂପଦ ବିକ୍ରି ହେଉନାହିଁ**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଆଶଙ୍କାକୁ ସ୍ପଷ୍ଟ କରିଦେଇଛନ୍ତିଯେ ଲୋକମାନଙ୍କ ମନରେ କୌଣସି ପ୍ରକାର ଭ୍ରାନ୍ତ ଧାରଣା ସୃଷ୍ଟି ନହେବା ଉଚିତ ଯେ ସରକାର କିଛି ସମ୍ପତ୍ତି ବିକ୍ରି କରିଦେଉଛନ୍ତି । ସରକାରଙ୍କ ହାତରେ ଏହିସବୁ କମ୍ପାନୀମାନଙ୍କ ମାଲିକାନା ଯଥା ରୀତି କାଏମ ରହିବ ଏବଂ କିଛି ବର୍ଷ ପରେ ଘରୋଇ କମ୍ପାନୀମାନେ ବାଧ୍ୟତାମୂଳକ ଭାବେ ସେହିସବୁ ସଂସ୍ଥାମାନଙ୍କୁ ସରକାରଙ୍କ ହାତରେ ପୁଣି ଥରେ ଅର୍ପଣ କରିବେ। ସାମଗ୍ରିକ ଭାବେ ରଣନୀତିଟି ହେଲା, ଏହିସବୁ ସମ୍ପତ୍ତିର ଅଧିକତର ଭାଗ ସରକାରଙ୍କ ମାଲିକାନାରେ ହିଁ ରହିବ । ସରକାରଙ୍କ ଦ୍ୱାରା ପ୍ରଣୀତ ଆବଶ୍ୟକ ନୀତି ଓ ନିୟନ୍ତ୍ରଣ ହସ୍ତକ୍ଷେପ ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମକୁ ସବୁପ୍ରକାର ସମର୍ଥନ ଯୋଗାଇ ଦିଆଯିବ । ସମ୍ପତ୍ତିର ମୁଦ୍ରିକରଣ ପ୍ରକ୍ରିୟାକୁ ସଫଳତା ଓ ସକ୍ରିୟତର ସହିତ ସଂପାଦନ କରିବା ନିମନ୍ତେ ଏଭଳି ପଦକ୍ଷେପ ଗ୍ରହଣ କରାଯିବ । ସେଥିରେ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ସୁସଂଗତ କରିବା, ପୁଂଜିନିବେଶକାରୀମାନଙ୍କ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସକାଶେ ପ୍ରୋତ୍ସାହିତ କରିବା ଏବଂ ବ୍ୟବସାୟିକ ସକ୍ରିୟତା ନିମନ୍ତେ ସବୁ ପ୍ରକାର ସୁବିଧା ଯୋଗାଇ ଦେବା ଭଳି କାର୍ଯ୍ୟ ସାମିଲ ।

ସଂପଦ ମୁଦ୍ରିକରଣ କାର୍ଯ୍ୟକ୍ରମ ଘରୋଇ କମ୍ପାନୀମାନଙ୍କୁ ପୁଂଜି ନିବେଶ ତଥା ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରି ସରକାରୀ ଉଦେ୍ୟାଗଗୁଡ଼ିକୁ ଅଧିକ ମୂଲ୍ୟଯୁକ୍ତ କରିବ । ତଦ୍ୱାରା ସରକାରୀ ଉଦେ୍ୟାଗଗୁଡ଼ିକର ଭିତ୍ତିଭୂମି ଅଧିକ ଗୁଣାତ୍ମକ ହେବ ଓ ସେମାନଙ୍କର କାର୍ଯ୍ୟକ୍ରମ ଓ ରକ୍ଷଣାବେକ୍ଷଣକୁ ଅଧିକ ସୁସଂଗତ କରାଯାଇପାରିବ । "ସର୍ବଶ୍ରେଷ୍ଠ ସଂସାଧନ" କେବଳ ସାଧାରଣ ନାଗରିକଙ୍କ ପାଇଁ ସହାୟକ ହେବନାହିଁ, ଅପରପକ୍ଷେ ଏହା ବ୍ୟାପକ ଭାବେ ତଥା ଦୀର୍ଘକାଳୀନ "ସମାବେଶୀ ଓ ସଶକ୍ତିକରଣ" ସ୍ୱପ୍ନକୁ ମଧ୍ୟ ସାକାର କରିପାରିବ । ଏକ ଉନ୍ନତ ଭିତ୍ତିଭୂମି ମଧ୍ୟ ଦେଶରେ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବ ।■

## ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନ

# କୋଭିଡ଼ ବିରୋଧୀ ସଂଗ୍ରାମରେ ଆମର ବିଜୟ ସୁନିଶ୍ଚିତ




**କରୋନା ମହାମାରୀକୁ ପରାସ୍ତ କରିବାର ଏକ ପ୍ରମୁଖ ଅସ୍ତ୍ର ହେଲା ଟିକାକରଣ । କାରଣ, କୋଭିଡ଼ ୧୯ ବିରୁଦ୍ଧରେ ଏହା ହେଉଛି ସବୁଠାରୁ ସଫଳ ସୁରକ୍ଷା କବଚ । ଏହା ହିଁ ସୂଚୀତ କରେ ଯେ ଦେଶରେ ଟିକାକରଣ ଅଭିଯାନକୁ ବ୍ୟାପକ କରିବା ନିମନ୍ତେ କେନ୍ଦ୍ର ସରକାର ଗ୍ରହଣ କରିଥିବା ପ୍ରତିଶ୍ରୁତି ଏବଂ ଏହାର ପରିସର ବୃଦ୍ଧି । ଭାରତ ଏବେ ବିଶ୍ୱର ସର୍ବ ବୃହତ୍ ଟିକାକରଣ ଅଭିଯାନ ଆରମ୍ଭ କରିଛି ଯାହା ମାଧ୍ୟମରେ ଟେଷ୍ଟିଂ, ଟ୍ରେସ୍ ଏବଂ ଟ୍ରିଟମେଣ୍ଟ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଉଛି । ଫଳ ସ୍ୱରୂପ, କୋଭିଡ଼ ୧୯ ବିରୋଧୀ ସଂଗ୍ରାମରେ ଦେଶ ଦିନକୁ ଦିନ ଆଗକୁ ଅଗ୍ରସର ହେବାରେ ଲାଗିଛି ଏବଂ ଏଥିପାଇଁ ଦେଶର ପ୍ରତ୍ୟେକ ନାଗରିକଙ୍କୁ ନିରାପତ୍ତା ଓ ନିରାମୟତାକୁ ମନ୍ତ୍ର ରୂପେ ଗ୍ରହଣ କରାଯାଇଛି ।**

କଚ୍ଛ ହେଉଛି ଆୟତନ ଦୃଷ୍ଟିରୁ ଗୁଜରାଟର ସର୍ବବୃହତ୍ ଜିଲ୍ଲା, କିନ୍ତୁ ଏହାର ଅଧିକାଂଶ କ୍ଷେତ୍ର ମରୁଭୂମି ଅବା କର୍ଦ୍ଦମାକ୍ତ । କରୋନା ମହମାରୀ କାଳରେ ସେହି ଜିଲ୍ଲାର ଦୂର ଦୂରାନ୍ତ କ୍ଷେତ୍ରରେ ପ୍ରତିଷେଧକ ଟିକା ପହଞ୍ଚାଇବା ସ୍ୱାସ୍ଥ୍ୟ ବିଭାଗ ନିମନ୍ତେ ଏକ ଆହ୍ୱାନମୂଳକ କାର୍ଯ୍ୟ ଥିଲା । କିନ୍ତୁ ସ୍ଥାନୀୟ ପ୍ରଶାସନ ଏହି କାର୍ଯ୍ୟକୁ ସାକାର କରିବାରେ ସକ୍ଷମ ହୋଇଥିଲେ ଏବଂ ଆଜି କଚ୍ଛ ଜିଲ୍ଲାର ପ୍ରତି ଗ୍ରାମରେ ଏବଂ ତହସିଲରେ କୋଭିଡ଼ ଟିକାକରଣ କାର୍ଯ୍ୟ ବେଶ ସୁରୁଖୁରୁ ଭାବେ ସଂପାଦିତ ହେଉଛି । କେନ୍ଦ୍ର ସରକାର ଟିକାକରଣ ଅଭିଯାନରେ ଆଣିଥିବା ପରିବର୍ତ୍ତନ ପରେ ଏହା ଆହୁରି ତ୍ୱରାନ୍ୱିତ ହୋଇପାରିଛି। ଜୁନ ୭ ତାରିଖ ଦିନ କେନ୍ଦ୍ର ସରକାର ସବୁ ରାଜ୍ୟର ୧୮ରୁ ୪୪ ବର୍ଷ ବୟସର ନାଗରିକମାନଙ୍କୁ ମାଗଣାରେ ଟିକା ଯୋଗାଇ ଦେବା ନିମନ୍ତେ କରିଥିବା ଏହି ଘୋଷଣା ପରଠାରୁ ଦେଶର ସମସ୍ତ ରାଜ୍ୟର ଦୂର ଦୂରାନ୍ତ ଅଞ୍ଚଳରେ ଲୋକମାନଙ୍କୁ ଟିକା ଦେବା କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇଛି। ଏପରିକି ବିହାରର ମୁଜାଫରପୁର ଜିଲ୍ଲାର ବନ୍ୟା ପ୍ରଭାବିତ କ୍ଷେତ୍ରରେ ସ୍ୱାସ୍ଥ୍ୟକର୍ମୀମାନେ ଗୋଟିଏ ବୋଟକୁ ଆମ୍ବୁଲାନ୍ସରେ ପରିଣତ କରି ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଟିକା ଦେଇପାରୁଛନ୍ତି ।

### ଟିକାକରଣ-କୋଭିଡ ବିରୁଦ୍ଧରେ ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର

ଜନସାଧାରଣ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ସଚେତନତା କାରଣରୁ ହିଁ ଏବେ ଦେଶର ଗ୍ରାମାଞ୍ଚଳର ସଭିଏଁ ଟିକାକରଣର ଗୁରୁତ୍ୱକୁ ବୁଝିପାରିଛନ୍ତି ଏବଂ ଦେଶର ଅନେକ ଗ୍ରାମରେ ଏବେ ଟିକାକରଣ ଅଭିଯାନ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇପାରିଛି । ଗୁଜରାତର ରାଜକୋଟ ଜିଲ୍ଲାରେ ଏଭଳି ୬୨ଟି ଗ୍ରାମ ରହିଛି ଯେଉଁଠାରେ ଗ୍ରାମର ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ପ୍ରଥମ ଡୋଜ୍ ଟିକା ଦିଆସରିଛି । ଏପର୍ଯ୍ୟନ୍ତ, ଦେଶର ୫୦ ପ୍ରତିଶତ ସାବାଳକ ନାଗରିକଙ୍କୁ କୋଭିଡ଼ ଟିକାର ପ୍ରଥମ ଡୋଜ୍ ପ୍ରଦାନ କରାଯାଇସାରିଛି ।

ଭାରତରେ ପ୍ରଥମ ୧୦ କୋଟି ନାଗରିକଙ୍କୁ ଟିକାକରଣ କରାଯିବା ସକାଶେ ୮୫ ଦିନ ସମୟ ଲାଗିଥିବାବେଳେ ୧୦ରୁ ୨୦ କୋଟି ଟିକାକରଣ ନିମନ୍ତେ ମାତ୍ର ୪୫ ଦିନ ସମୟ ଲାଗିଥିଲା । ଅପର ପକ୍ଷେ, ୨୦ରୁ ୩୦ କୋଟି ଟିକାକରଣ ଲକ୍ଷ୍ୟ ହାସଲ କରିବା ପାଇଁ ଲାଗିଥିଲା କେବଳ ୨୯ ଦିନ ଓ ୩୦ରୁ ୪୦ କୋଟି ଟିକାକରଣ ଲକ୍ଷ୍ୟ ପୂରଣ କରାଯାଇ ପାରିଥିଲା ମାତ୍ର ୨୪ ଦିନ ମଧ୍ୟରେ । ୨୦ ଦିନର ସୀମିତ ସମୟ ସୀମା ମଧ୍ୟରେ ଦେଶରେ ୪୦ରୁ ୫୦ କୋଟି ଲୋକଙ୍କୁ ଟିକାକରଣ କରାଯାଇ ଏକ ରେକର୍ଡ଼ ସୃଷ୍ଟି ହୋଇଥିଲା। ସେହିଭଳି ୫୦ରୁ ୬୦ କୋଟି ଟିକାକରଣ ଲକ୍ଷ୍ୟ ହାସଲ ପାଇଁ ଲାଗିଥିଲା ମାତ୍ର ୧୯ ଦିନ ସମୟ । କେବଳ ସେତିକି ନୁହେଁ ଅଗଷ୍ଟ ୧୬ ତାରିଖ ଦିନ ଗୋଟିଏ ଦିନରେ ସାରା ଦେଶରେ ୮୮.୧୩ ଲକ୍ଷ ଲୋକଙ୍କୁ ଟିକାକରଣ କରାଯାଇ ଏକ ନୂତନ ରେକର୍ଡ ସ୍ଥାପନ ହୋଇଥିଲା । ସେହିଭଳି ଅଗଷ୍ଟ ୨୭ ତାରିଖ ଦିନ ଦେଶରେ ଏକ କୋଟିରୁ ଅଧିକ ହିତାଧିକାରୀ ଟିକା ନେଇଥିଲେ । ଅଗଷ୍ଟ ୩୧ ତାରିଖ ଦିନ ତାହା ୧.୩୩ କୋଟି ଛୁଇଁ ରେକର୍ଡ଼ ସ୍ଥାପନ

କରିଥିଲା । ଏପର୍ଯ୍ୟନ୍ତ ଗୋଟିଏ ଦିନରେ ଦେଶରେ ଅଥବା ବିଶ୍ୱରେ କରାଯାଇଥିବା ଟିକାକରଣ କ୍ଷେତ୍ରରେ ଏହା ସର୍ବାଧିକ ।

ସେହିଭଳି ହିମାଚଳ ପ୍ରଦେଶରେ ୧୮ ବର୍ଷରୁ ଅଧିକ ବୟସର ଶତ ପ୍ରତିଶତ ଲୋକଙ୍କୁ କରୋନା ପ୍ରତିଷେଧକ ଟିକାର ପ୍ରଥମ ଡୋଜ୍ ପ୍ରଦାନ କରାଯାଇଛି । ଏବେସୁଦ୍ଧା ଦେଶରେ ୬୫.୪୧ କୋଟି ଲୋକଙ୍କୁ ଟିକାକରଣ କରାଯାଇ ସାରିଛି ।

**ପ୍ରତିଷେଧ ରଣନୀତି**

ଏବେ ଦେଶରେ କୋଭିଡ୍ ୧୯ ସଂକ୍ରମଣ ମାତ୍ରା ହ୍ରାସ ପାଇବାରେ ଲାଗିଥିବାବେଳେ ଆମେ ଏପର୍ଯ୍ୟନ୍ତ ବିପଦରୁ ସଂପୂର୍ଣ୍ଣ ରୂପେ ମୁକ୍ତ ହୋଇନାହୁଁ । ତେଣୁ ଆମମାନଙ୍କୁ ସମସ୍ତଙ୍କୁ କୋଭିଡ୍ ପ୍ରୋଟୋକଲକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ହେବଏବଂ କୋଭିଡ୍ ସମ୍ପର୍କୀତ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଜନ ସହଯୋଗ ବିନା କରୋନା ବିରୋଧୀ ସଂଗ୍ରାମରେ କଦାପି ବିଜୟ ଲାଭ କରିହେବନାହିଁ । ତେଣୁ ପ୍ରତ୍ୟେକ ନାଗରିକଙ୍କୁ ଗୋଟିଏ ମାସ୍କ ପିନ୍ଧିବାକୁ ହେବ, ବାରମ୍ବାର ହାତ ଧୋଇବାକୁ ପଡ଼ିବ ଏବଂ ପରସ୍ପର ଠାରୁ ନିରାପଦ ଦୂରତ୍ୱ ରକ୍ଷା କରିବାକୁ ହେବ ଏବଂ ଏକ ଶୃଙ୍ଖଳିତ ଓ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବାକୁ ହେବ । ଜଙ୍କ୍ ଖାଦ୍ୟକୁ ଏଡାଇବାକୁ ପଡ଼ିବ ଓ ଆମେ ଉପଯୁକ୍ତ ଭାବେ ରୋଷେଇ ହୋଇଥିବା ପାରମ୍ପରିକ ଖାଦ୍ୟ ଖାଇବାକୁ  ହେବ ଯାହା ଆମର ସ୍ୱାସ୍ଥ୍ୟ ଓ ପାରିବେଶିକ ପରିସ୍ଥିତି ପାଇଁ ସଂପୂର୍ଣ୍ଣ ଉପଯୁକ୍ତ ।

**ସ୍କୁଲ ଶିକ୍ଷକ ଓ କର୍ମଚାରୀଙ୍କୁ ଟିକାକରଣ**

୨୦୨୧ ମସିହା ଅଗଷ୍ଟ ୨୭ ତାରିଖ ଠାରୁ ଅଗଷ୍ଟ ୩୧ ତାରିଖ ମଧ୍ୟରେ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କୁ ୨ କୋଟି ଅତିରିକ୍ତ ପ୍ରତିଷେଧକ ଟିକା ଡୋଜ୍ ଯୋଗାଇବାକୁ ସ୍ଥିର କରିଛନ୍ତି। ଏହା ସ୍କୁଲ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ । ପୂର୍ବରୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ ସ୍କୁଲ ଶିକ୍ଷକମାନଙ୍କୁ ଟିକାକରଣ କରିବା ଲାଗି ରାଜ୍ୟ ସରକାରମାନଙ୍କୁ କେନ୍ଦ୍ର ସରକାର ଅନୁରୋଧ କରିଥିଲେ ଏବଂ ଏହି କାର୍ଯ୍ୟ ଗୁରୁଦିବସ ପୂର୍ବରୁ ସଂପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ । ସେପ୍ଟେମ୍ବର ୫ ତାରିଖ ଦିନକୁ ଗୁରୁ ଦିବସ ରୂପେ ପାଳନ କରାଯାଇଥାଏ । ସ୍କୁଲ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନଙ୍କୁ ଏହି ଟିକାକରଣ କରାଯିବାର ଉଦ୍ଦେଶ୍ୟ ହେଲା ଟିକାକରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଯୋଗାଇବା । ଏହାତିରିକ୍ତ ଶିକ୍ଷାନୁଷ୍ଠାନମାନଙ୍କୁ ନିରାପତ୍ତା ଯୋଗାଇ ଦିଆଯିବା ପରେ ଏବେ ବହୁ ରାଜ୍ୟରେ ସେସବୁ ଖୋଲିଛି ।

**ହ୍ୱାଟ୍ସଆପ୍ ମାଧ୍ୟମରେ ଏବେ କରୋନା ଟିକା ପଂଜୀକରଣ**

ଏଣିକି କରୋନା ପ୍ରତିଷେଧକ ଟିକା ସକାଶେ ହ୍ୱାଟ୍ସଆପରେ ମଧ୍ୟ ସ୍ଲଟ୍ ବୁକ୍ କରାଯାଇପାରୁଛି । ଏଥିପାଇଁ, ଆପଣମାନଙ୍କୁ ହ୍ୱାଟ୍ସଆପ୍‌ରେ ମାଇଁଗଭ୍ କରୋନା ହେଲ୍ପଡେସ୍କ ଭିଜିଟ୍ କରି ଆବଶ୍ୟକ ପଦକ୍ଷେପ ଅବଲମ୍ବନ କରିବାକୁ ପଡ଼ିବ । ଆପଣଙ୍କୁ  ନିଜ ଫୋନରେ ୯୦୧୩୧୫୧୫୧୫ ନମ୍ବରକୁ ସେଭ୍ କରିବାକୁ ହେବ । ଏହା ହେଉଛି ହ୍ୱାଟ୍ସଆପର ମାଇଁଗଭ୍ କରେନା ହେଲ୍ପଡେସ୍କ । ଏବେ ହ୍ୱାଟ୍ସଆପ୍‌କୁ ଯାଆନ୍ତୁ ଏବଂ ଏଥିରେ ଗୋଟିଏ ବୁକ୍ ସ୍ଲଟ୍ ମେସେଜ୍ ପଠାନ୍ତୁ । ଏହାପରେ ଆପଣଙ୍କ  ଫୋନକୁ ଗୋଟିଏ ମେସେଜ୍ ଆସିବ । ସେହି ଓଟିପିରେ ଏଣ୍ଟର କଲାପରେ କରୋନା ଟିକା ସକାଶେ ଆପଣଙ୍କୁ ପ୍ରତିଟି ପଦକ୍ଷେପକୁ ଅନୁସରଣ କରିବାକୁ ହେବ । ଏହି ଫାସିଲିଟିର ଶୁଭାରମ୍ଭ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବିୟ କହିଥିଲେ ଯେ ଏବେ ସାଧାରଣ ନାଗରିକଙ୍କ ନିମନ୍ତେ ଏକ ସୁବିଧାସୁଯୋଗର ଏକ ନୂତନ ଯୁଗର ଅୟମାରମ୍ଭ ହୋଇଛି । ଏବେ ଆପଣମାନେ ସହଜରେ କରୋନା ଟିକାକରଣ ସକାଶେ ନିଜ ଫୋନରୁ କେଇ ମିନିଟ ଭିତରେ ସ୍ଲଟ୍ ବୁକିଂ କରିପାରିବେ । ■

**65.41** ସେପ୍ଟେମ୍ବର ୦୧ ତାରିଖ ସୁଦ୍ଧା ୬୫.୪୧ କୋଟି  ଟିକା ଡୋଜ୍ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଛି ।

## ଦ୍ରୁତତମ ଟିକାକରଣ ହାର: ମାତ୍ର ୧୯ ଦିନ ଭିତରେ ୧୦ କୋଟି ଟିକାକରଣ




## ଘରୋଇ ଏମଆରଏନଏ ଟିକା ସଂପୂର୍ଣ୍ଣ ନିରାପଦ

କରୋନା ପ୍ରତିଷେଧକର ଆଉ ଏକ ନୂଆ ଟିକା ଦେଶକୁ ମିଳିପାରେ। ଦେଶର ପ୍ରଥମ ଏମଆରଏନଏ ଆଧାରିତ କୋଭିଡ୍ ଟିକା ଅତି ନିରାପଦ ବୋଲି ପରୀକ୍ଷାରୁ ଜଣାପଡ଼ିଛି । ଏବେ ଏହି ଟିକାକୁ ପର୍ଯ୍ୟାୟ ୨ ଓ ପର୍ଯ୍ୟାୟ ୩ ମାନବୀୟ ପରୀକ୍ଷଣ ନିମନ୍ତେ ନିଆଯିବ। ପୁନେର ଜେନୋଭା ବାୟୋକେମିକାଲ୍ସ ଲିମିଟେଡ୍ ହେଲା ଏହି ଟିକାର ନିର୍ମାତା । ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ଜୈବପ୍ରଯୁକ୍ତି ବିଭାଗ ନିୟନ୍ତ୍ରଣାଧୀନ ଇଣ୍ଡ- ସେପି ମିଶନ ପକ୍ଷରୁ ଏହାକୁ ଏକ ଅନୁଦାନ ପ୍ରଦାନ କରାଯାଇଛି । ବିଶ୍ୱାସ କରାଯାଉଛି ଯେ ଉଭୟ ଭାରତ ଓ ସମଗ୍ର ବିଶ୍ୱ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଟିକା ଭାବେ ସାବ୍ୟସ୍ତ ହେବ । ଦେଶର ନିଜସ୍ୱ ପ୍ରତିଷେଧକ ଟିକା ବିକାଶ କ୍ଷେତ୍ରରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଗତି ଭାବେ ବିବେଚନା କରାଯାଉଛି ଏବଂ ଟିକା ବିକାଶ କ୍ଷେତ୍ରରେ ଏହା ଭାରତକୁ ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିବ ।

## ଅକ୍ଟୋବର ସୁଦ୍ଧା ଶିଶୁମାନଙ୍କ ପାଇଁ ଟିକା

ବିଶ୍ୱର ସର୍ବପ୍ରଥମ ସ୍ୱକୀୟ ଜ୍ଞାନକୌଶଳରେ ବିକାଶିତ ସୂଚୀବିହୀନ କରୋନା ନିରୋଧୀ ଟିକା, ଜାଇକୋଭ-ଡି ଆସନ୍ତା ଅକ୍ଟୋବର ସୁଦ୍ଧା ବଜାରରେ ଉପଲବ୍ଧ ହୋଇପାରେ । ନିକଟରେ ୧୨ରୁ ୧୭ ବର୍ଷ ବୟସର ଶିଶୁମାନଙ୍କ ନିମନ୍ତେ ଏବେ ଏହାକୁ ମଂଜୁରୀ ପ୍ରଦାନ କରାଯାଇଛି । ଏହା ଟିକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବ ବୋଲି



ବିଶ୍ୱାସ କରାଯାଉଛି । ପ୍ରଥମେ, ଯେଉଁ ଶିଶୁମାନେ ଗୁରୁତର ଅବସ୍ଥାରେ ଅଛନ୍ତି ସେମାନଙ୍କୁ ଏହି ଟିକା ପ୍ରଦାନ କରାଯିବ। ଏ ସଂପର୍କୀତ ଗବେଷଣା ରିପୋର୍ଟରେ କୁହାଯାଇଛି, ଦେଶରେ ୧୨ରୁ ୧୭ ବର୍ଷ ଆୟୁ ବର୍ଗର ମୋଟ ୧୨୦ ନିୟୁତ ଶିଶୁ ଅଛନ୍ତି । ଭାରତର ବୈଜ୍ଞାନିକମାନଙ୍କ ମନରେ ନବସୃଜନ ନିମନ୍ତେ ଥିବା ଆଗ୍ରହର ପ୍ରମାଣ ସ୍ୱରୂପ ଏହି ଟିକାକରୁ ମଂଜୁରୀ ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

Azadi Ka Amrit Mahotsav



# ସ୍ୱାଧୀନତା ସଂଗ୍ରାମର ମାଇଲ ଖୁଣ୍ଟ

**ଏକତା, ଶକ୍ତି ଓ ପ୍ରତିଶ୍ରୁତିବଦ୍ଧତା ପାଇଁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ବିଶେଷ ଭାବେ ସୁପରିଚିତ । ତେଣୁ ସ୍ୱାଧୀନତା ପ୍ରାପ୍ତିର ୭୫ତମ ବର୍ଷ ପୂର୍ତ୍ତିକୁ ଅମୃତ ମହୋତ୍ସବ ଭାବେ ପାଳନ କରାଯିବା କେବଳଏହି ଭାବନାକୁ ଉଜ୍ଜୀବିତ କରିବା ସହିତ ଏହି ଉତ୍ସବରେ ପ୍ରତ୍ୟେକ ଭାରତୀୟ ସାମିଲ ହେବା ନିମନ୍ତେ ସେମାନଙ୍କର ହକ୍ ରହିଛି। ତେଣୁ ସମାଜର ପ୍ରତ୍ୟେକ ସ୍ତରର ଲୋକଏହି ସମାରୋହରେ ସାମିଲ ହେଉଛନ୍ତି । ଯେଉଁଭଳି ସମସ୍ୟା ସ୍ୱାଧୀନତା ସଂଗ୍ରାମ କାଳରେ ପ୍ରତ୍ୟେକ ଭାରତୀୟଙ୍କ ନିମନ୍ତେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା, ଏବେ ଦେଶରୁ ସମାଜରୁ ଦାରିଦ୍ର୍ୟ, ଅସମାନତା, ନିରକ୍ଷରତା, ମୁକ୍ତାକାଶ ଶୌଚକାର୍ଯ୍ୟ, ଆତଙ୍କବାଦ ଏବଂବିଭେଦ ଆଦି ଦୂର କରିବା ନିମନ୍ତେ ସମାନ ଉତ୍ସାହର ସହ ପ୍ରତ୍ୟେକ ଭାରତୀୟ ନିଜ ମନରେ ଥିବା ପ୍ରତିଶ୍ରୁତିବଦ୍ଧତାକୁ ପୁନଃପ୍ରକଟ କରୁଛନ୍ତି ।**

ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବଏଭଳି ଏକ ଅବସର ଯାହା ଆମର ଅପୂର୍ଣ୍ଣ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଏବଂ ଜୀବନର ମୂଲ୍ୟକୁ ଉପଯୁକ୍ତ ଭାବେ ଆହରଣ କରିବା ଲାଗି ତଥା ଏକ ନୂତନ ଭାରତ ନିର୍ମାଣ ସକାଶେ ଆମକୁ ପୁନଃ ପ୍ରେରିତ କରୁଛି ।ଏହା ନାଗରିକମାନଙ୍କ ମନରେ କେବଳ ଏକ ନୂତନ ଶକ୍ତି ଓ ଚେତନା ସୃଷ୍ଟି କରୁନାହିଁ ଅପର ପକ୍ଷେ ଦେଶ ପାଇଁ ସେମାନଙ୍କୁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ନିମନ୍ତେ ମଧ୍ୟ ପ୍ରେରଣା ଯୋଗାଉଛି । ଭାରତର ସ୍ୱାଧୀନତା ସଂଗ୍ରାମରଏକମାତ୍ର ଉଦ୍ଦେଶ୍ୟ ଥିଲା ଯେ କୌଣସି ପ୍ରକାରେ ହେଉ ମାତା ଭାରତୀର ଗର୍ବ ଓ ଗୌରବକୁ ଅକ୍ଷୁର୍ଣ୍ଣ ରଖିବା।ଏହି ଲକ୍ଷ୍ୟ ହାସଲ କରିବା ନିମନ୍ତେ ମାତା ଭାରତୀର ଅସଂଖ୍ୟ କନ୍ୟା ଓ ପୁତ୍ରଙ୍କୁ ବଳିଦାନ ଦେବାକୁ ପଡ଼ିଥିଲା । ସେମାନେ ଆମମାନଙ୍କ ପାଇଁ ହିଁ ହସିହସି ଜୀବନ ଉତ୍ସର୍ଗ କରିଥିଲେ ଯାହା ଫଳରେ ଆମେ ଆଜି ଏକ ସ୍ୱାଧୀନ ରାଷ୍ଟ୍ରର ନାଗରିକ ଭାବେ ଜୀବନ ନିର୍ବାହ କରିପାରୁଛୁ । ତେବେ, ସ୍ୱାଧୀନତା ପ୍ରାପ୍ତି ସହ, ସେମାନେ ମଧ୍ୟ ସ୍ୱପ୍ନ ଦେଖିଥିଲେ ଯେ ଏକ ସ୍ୱାଧୀନ ରାଷ୍ଟ୍ରରେ ପ୍ରତ୍ୟେକ ସମାଜ ଯେଉଁଥିରେ ପଛୁଆବର୍ଗ, ଦଳିତ, ସଂଖ୍ୟାଲଘୁ ଓ ମହିଳାମାନେ ସାମିଲ ହେବାସହ ଦେଶର ବିକାଶ ପ୍ରକ୍ରିୟାରେ ସମସ୍ତଙ୍କର ସମାନ ଅଧିକାର ରହିବ । ଆମର ଗୌରବମୟ ଅତୀତ ଏହା ସୂଚାଏ । ଆମର ସ୍ୱାଧୀନତା ସଂଗ୍ରାମର ଗୁରୁତ୍ୱକୁ ଆମେ ଆମର ଭବିଷ୍ୟତ ପିଢ଼ିଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିବାର ଆବଶ୍ୟକତା ରହିଛି । ଏହା ଫଳରେ ସେମାନେ ଏହାକୁ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିବେ ଯେ ଏହି କଷ୍ଟଲବ୍ଧ ସ୍ୱାଧୀନତା ଲାଗି ଭାରତକୁ କେତେ ମୂଲ୍ୟ ଦେବାକୁ ପଡ଼ିଥିଲା । ତେଣୁ, ସ୍ୱାଧୀନତାର ଅମୃତ ମହୋତ୍ସବରଏହି ଶୃଙ୍ଖଳାରେ ଆମେ ସେହିସବୁ ବୀରମାନଙ୍କ ଗାଥାକୁ ସ୍ମରଣ କରୁଛୁ ଯେଉଁମାନେ କେବଳ ନିଜର ଜୀବନକୁ ଉତ୍ସର୍ଗ କରିନଥିଲେ, ବରଂ ସେମାନେ ନିଜର ଭବିଷ୍ୟତ ପିଢ଼ିଙ୍କ ମନରେ ମଧ୍ୟ ସର୍ବ ପ୍ରଥମେ ରାଷ୍ଟ୍ର ବୋଲି ଭାବନା ସୃଷ୍ଟି କରିଥିଲେ ।

# ଶିଶୁ ଅବସ୍ଥାରୁ ଭଗତ ସିଂହ ଭାରତ ସ୍ୱାଧୀନତାର ସ୍ୱପ୍ନ ଦେଖିଥିଲେ

ପିଲାଦିନେ ଥରେ ଗୋଟିଏ ବାଲିକୁଦ କରି ଖେଳିବାବେଳେ ଶିଶୁଟିଏ ତା' ଉପରେ କିଛି ଘାସ ଲଗାଇଥିଲା । ସେ ଏଭଳି କରୁଥିବାର ଦେଖି, ତାଙ୍କ ବାପା ତାଙ୍କୁ ଆଗ୍ରହର ସହ ପଚାରିଥିଲେ, 'ଏ ତୁ କ'ଣ କରୁଛୁ?' ପୁଅ ଉତ୍ତର ଦେଇଥିଲେ, " ମୁଁ ଗୋଟିଏ ବନ୍ଧୁକ ଲଗାଉଛି । ମୁଁ ଯେତେବେଳେ ବଡ଼ ହେବି, ସେତେବେଳକୁ ଏହି ବନ୍ଧୁକଟି ଗୋଟିଏ ଗଛରେ ପରିଣତ ହୋଇ ଯାଇଥିବ । ସେତେବେଳେ ମୁଁ ଏହି ରକ୍ତପିପାଶୁ ବ୍ରିଟିଶ୍‌ଙ୍କ ସହିତ ଲଢ଼ିବି ।" ଭାରତର ମହାନ ବିପ୍ଳବୀ ଭଗତ ସିଂହଙ୍କ ବ୍ୟତୀତ ସେହି ଶିଶୁ ଆଉ କେହି ନଥିଲେ ।୧୯୦୭ ମସିହା ସେପ୍ଟେମ୍ବର ୨୮ ତାରିଖ ଦିନ ଭଗତ ସିଂହ ଜନ୍ମଲାଭକରିଥିଲେ । ପିଲାଟି ଦିନରୁ ତାଙ୍କ ମନରେ ମାତୃଭୂମି ପ୍ରତି ଅସମ୍ଭବ ଶ୍ରଦ୍ଧା ଓ ସମ୍ମାନ କଥା ସଭିଏଁ ଲକ୍ଷ୍ୟ କରି ପାରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ବ୍ରିଟିଶ ସରକାର ଭାରତରୁ ଆପଣାଛାଏଁ ଯିବେନାହିଁ, ତେଣୁ ସେମାନଙ୍କୁ ଉଚିତ ଶିକ୍ଷା ଦିଆଯିବା ଆବଶ୍ୟକ । ୧୯୧୯ ମସିହାର ଜାଲିଆନାୱାଲା ବାଗ ଗଣହତ୍ୟା ଘଟଣା ଯୁବ ଭଗତ ସିଂହଙ୍କ ମନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା । ପରେ ଭଗତ ସିଂହଙ୍କୁ ଯେତେବେଳେ ମାତ୍ର ୧୨ ବର୍ଷ ବୟସ ହୋଇଥିଲା, ସେ ସେହିରକ୍ତ ତୀର୍ଥକୁ ବୁଲି ଯାଇଥିଲେ ଯେଉଁଠାରେ ମାତ୍ର କେଇ ମିନିଟ ଭିତରେ କେଇ ଶହ ନିରୀହ ଲୋକଙ୍କୁ ଗୁଳିକରି ବ୍ରିଟିଶ୍ ସରକାର ହତ୍ୟା କରିଥିଲେ ।ଏହି ରକ୍ତତୀର୍ଥ ପରିଦର୍ଶନ କରିବା ପରେ ତାହା କିଶୋର ଭଗତ ସିଂହଙ୍କ ମାନସିକତାରେ ଗଭୀର ରେଖାପାତ କରିଥିଲାଏବଂ ଏହା ପରେ ତାଙ୍କଠାରେ ଏକ ବୈପ୍ଳବିକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ସେ ସେହି ଜାଲିଆନାୱାଲା ବାଗଠାରେ ହିଁ ବଜ୍ର ଶପଥ ନେଇଥିଲେ ଯେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସେ ସଂଗ୍ରାମ କରିବେ । ଧୀରେ ଧୀରେ ସେ ବିପ୍ଳବ ଆଡକୁ ଢ଼ଳିଥିଲେ । ଭାରତରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସେ ଦୁଇଟି ଅଭାବନୀୟ ହିଂସାତ୍ମକ କାଣ୍ଡ ଘଟାଇଥିଲେ ଯାହା ବ୍ରିଟିଶ ସରକାରଙ୍କୁ ଅସ୍ତବ୍ୟସ୍ତ କରି ପକାଇଥିଲା ଏବଂ ସେଥିପାଇଁ ମାତ୍ର ୨୩ ବର୍ଷ ବୟସରେ ହିଁ ସେ ହସିହସି ଫାଶୀଦଣ୍ଡକୁ ଆପଣାଇଥିଲେ । ତାଙ୍କର ଏହି ସାହସିକତା ଏବଂ ବୀରତ୍ୱ ତାଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ଜଣେ କିମ୍ବଦନ୍ତୀ ପୁରୁଷରେ ପରିଣତ କରିଥିଲା । ୧୯୨୮ ମସିହା ଡିସେମ୍ବର ମାସରେ ଭଗତ ସିଂହ ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ଶିବରାମ ରାଜଗୁରୁ ଗୁଳିକରି ଜଣେ ୨୧ ବର୍ଷ ବୟସ୍କ ବ୍ରିଟିଶ ପୁଲିସ ଅଧିକାରୀ ଜନ୍ ସଉଣ୍ଡର୍ସଙ୍କୁ ଗୁରୁତରଭାବେ ଆହତକରିଥିଲେ । ଅବିଭକ୍ତ ପଞ୍ଜାବର ଲାହୋର ସହରରେଏହି ଘଟଣା ଘଟିଥିଲା ।ଏବେ ଲାହୋର ପାକିସ୍ତାନର ଏକ ସହର ଭାବେ ପରିଚିତ ।ଏହି ଘଟଣା ପରେ ସେ ମାସ ମାସ ଧରି ପୁଲିସ ଆଖିରେ ଧୂଳି ଦେଇ ଗୋପନରେ ଘୂରି ବୁଲିଥିଲେ । ଏହି ଘଟଣାର ଦୀର୍ଘ ଚାରିମାସ ପରେ ୧୯୨୯ ମସିହାଏପ୍ରିଲ ମାସରେ, ସେ ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ବଟୁକେଶ୍ୱର ଦତ୍ତ ଦିଲ୍ଲୀର କେନ୍ଦ୍ରୀୟ ବିଧାନ ପରିଷଦ ହଲ୍‌ର ପଛ ବେଞ୍ଚରେ ଦୁଇଟି ଛୋଟ ବୋମା ପକାଇବା ପରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ଏହି ମାମଲାର ତଦନ୍ତ ଚାଲିଥିବାବେଳେ ପୁଲିସ ଜାଣିବାକୁ ପାଇଥିଲା ଯେ ଜନ୍ ସଉଣ୍ଡର୍ସଙ୍କ ଗୁଳିକାଣ୍ଡ ଘଟଣାରେ ଭଗତ ସିଂହ ଜଡ଼ିତ ।ଏହି ଦୁଇଟି ଘଟଣାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା ଏବଂ ୧୯୩୧ ମସିହା ମାର୍ଚ୍ଚ ମାସରେ ତାଙ୍କୁ ଫାଶୀଦଣ୍ଡ ପ୍ରଦାନ କରାଗଲା । ସେତେବେଳେ ତାଙ୍କୁ ମାତ୍ର ୨୩ ବର୍ଷ ବୟସ ହୋଇଥିଲା । ଭଗତ ସିଂହଙ୍କ ସହିତ ତାଙ୍କର ଦୁଇ ସହଯୋଗୀ ରାଜଗୁରୁଏବଂ ସୁଖଦେବଙ୍କୁ ମଧ ଫାଶୀ ଖୁଣ୍ଟରେ ଚଢ଼ିବାକୁ ପଡ଼ିଥିଲା । ଯେତେବେଳେ ଏହି ତିନି ମହାନ ଦେଶପ୍ରେମୀଙ୍କୁ ଫାଶୀଖୁଣ୍ଟ ନିକଟକୁ ଅଣା ଯାଇଥିଲା, ସେମାନେ ଦୃପ୍ତ କଣ୍ଠରେ ଚିତ୍କାରଛାଡ଼ିଥିଲେ, "ଇନକିଲାବ୍ ଜିନ୍ଦାବାଦ"ଏବଂ "ହିନ୍ଦୁସ୍ତାନ ଆଜାଦ୍ ହୋ" । ଜେଲରେ ଥିବାବେଳେ ଥରେଭଗତସିଂହଙ୍କମାଆ ପୁଅକୁଭେଟିବାକୁସେଠାକୁ ଆସିଥିଲେ । ଭଗତ ସିଂହ ସେତେବେଳେ ନିଜ ମାଆଙ୍କୁ କହିଥିଲେ, " ମା, ମୁଁ ମରିବା ପରେ ମୋ ମୃତ ଶରୀରକୁ ନେବାକୁ ତୁ ଆସିବୁନି । ବରଂ, ତୁ ଭାଇ କୁଲଦୀପକୁ ମୋ ମର ଶରୀରକୁ ନେବାକୁ ପଠାଇବୁ । କାରଣ,ଲୋକମାନେ ତୋତେ ଦେଖି କହିବେ, ଦେଖ, ଭଗତ ସିଂହର ମାଆ କାନ୍ଦୁଛି ।" ଏହା ହିଁ କାରଣ ଯେଉଁଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭଗତ ସିଂହଙ୍କୁ ସ୍ମରଣ କରିବା ଅବସରରେ କହିଛନ୍ତି, "ଆପଣମାନେ କେବେ ଚିନ୍ତା କରିପାରିବେ ଯେ ଯେଉଁ ବ୍ରିଟିଶ୍ ସରକାର ବିଶ୍ୱର ବିଶାଳ ଭୂଖଣ୍ଡକୁ ଶାସନ କରୁଥିଲା ଏବଂ କୁହାଯାଏ ଯେ ତାଙ୍କ ସାମ୍ରାଜ୍ୟରେ କେବେ ସୂର୍ଯ୍ୟ ଅସ୍ତ ଯାଉନଥିଲେ..... ସେଇ ବ୍ରିଟିଶ୍ ସରକାର ମାତ୍ର ୨୩ ବର୍ଷର ଜଣେ ଯୁବକଙ୍କ ବିପ୍ଳବରେ ଥରହର ହୋଇ ଉଠିଥିଲେ । ସେମାନେ ତାଙ୍କୁ ଡରୁଥିଲେ । ସହିଦ ଭଗତ ସିଂହ କେବଳ ସାହସୀ ନଥିଲେ ଅପର ପକ୍ଷେ ଜଣେ ଜ୍ଞାନଗୁଣୀ ବ୍ୟକ୍ତି ଥିଲେ ଏବଂ ଜଣେ ଚିନ୍ତକ ମଧ ଥିଲେ । ସେମାନଙ୍କର ଜୀବନ ପ୍ରତି ତିଳେହେଲେ ଭୃକ୍ଷେପ ନକରି ଭଗତ ସିଂହ ଏବଂ ତାଙ୍କର ସାଥୀମାନେ ନିଜର ଇପ୍ସିତ ଲକ୍ଷ୍ୟ ହାସଲକରିବା ନିମନ୍ତେ କରିଥିବା ଯୋଜନାକୁ ସାକାର କରିଥିଲେ । ଦେଶର ମୁକ୍ତି ସଂଗ୍ରାମରେ ସେମାନଙ୍କର ଏହି କାଣ୍ଡର ବିରାଟ ଭୂମିକା ରହିଛି । ସହିଦ ଭଗତ ସିଂହଙ୍କ ଜୀବନର ଆଉ ଗୋଟିଏ ଉଲ୍ଲେଖନୀୟ ଘଟଣା ହେଉଛିଏହା ଯେ ସେ ସଦାବେଳେ ଗୋଷ୍ଠୀବଦ୍ଧ ଭାବେ କାର୍ଯ୍ୟ କରିବାକୁ ଭଲ ପାଉଥିଲେ । ଏହା ଉପରେ ସେ ଗୁରୁତ୍ୱ ଦେଉଥିଲେ । ଲାଲା ଲଜପତ ରାୟଙ୍କ ପ୍ରତି ତାଙ୍କ ମନରେ ଥିବା ଭକ୍ତି ଯୋଗୁ ଏହା ଘଟିଥିଲା ବୋଲି କୁହାଯାଇପାରେ । କିମ୍ବା ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ ଓ ରାଜଗୁରୁ ତଥା ଅନ୍ୟ ବିପ୍ଳବୀମାନଙ୍କ ସହିତ ତାଙ୍କର ଘନିଷ୍ଠତା କାରଣରୁ ଏହା ଘଟିଥିଲା । ଭଗତ ସିଂହଙ୍କ ପାଇଁ ବ୍ୟକ୍ତିଗତ ଗୌରବ କୌଣସି ମାନେ ରଖୁନଥିଲା । ସେ ସଦାବେଳେ ଗୋଟିଏ ମିଶନ ପାଇଁ ହିଁସମର୍ପିତ ଥିଲେ ଏବଂ ସେହି କାର୍ଯ୍ୟକୁ ସାକାର କରିବା ନିମନ୍ତେ ସେ ନିଜର ଚରମ ବଳିଦାନ ଦେଇଥିଲେ । ସେହି ଅଭିଯାନ ଥିଲା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ବ୍ରିଟିଶ୍ ଶାସନର ଅନ୍ତ ଘଟାଇବା ।"



**ଜନ୍ମ: ୨୮ ସେପ୍ଟେମ୍ବର ୧୯୦୭**
**ମୃତ୍ୟୁ: ୨୩ ମାର୍ଚ୍ଚ ୧୯୩୧**

ଥରେ ଭଗତ ସିଂହଙ୍କୁ ଜେଲରେ ଥିବାବେଳେ ପଚରା ଯାଇଥିଲା ଯେ ତାଙ୍କ ବିରୁଦ୍ଧରେ ଆଗତ କରାଯାଇଥିବା ମାମଲା ବିରୋଧରେ ସେ କାହିଁକି ନିଜକୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିବାକୁ ପକ୍ଷ ରଖିଲେ ନାହିଁ? ଏହାର ଉତ୍ତରରେ ସେ କହିଥିଲେ – ବିପ୍ଳବୀମାନଙ୍କୁ ଦେଶ ପାଇଁ ପ୍ରାଣ ବିସର୍ଜନ କରିବାକୁ ହେବ, କାରଣ ସେମାନଙ୍କ ମୃତ୍ୟୁରେ ହିଁ ଏହି ଅଭିଯାନ ଅଧିକ ଶକ୍ତିଶାଳୀ ହେବ, କୋର୍ଟରେ ଆବେଦନ କଲେ ତାହା କଦାପି ହେବନାହିଁ ।"



## ଭୋଗେଶ୍ୱରୀ ଫୁକାନାନୀ

# ତ୍ରିରଙ୍ଗାର ସୁରକ୍ଷା ପାଇଁ ଯିଏ ଗୁଳିକୁ ଛାତି ଦେଖାଇଥିଲେ

ଜନ୍ମ : ୧୮୮୫ | ମୃତ୍ୟୁ : ୨୦ ସେପ୍ଟେମ୍ବର ୧୯୪୨

ସ୍ୱାଧୀନତା ସଂଗ୍ରାମ ସମୟରେ ହୋଇଥିବାଭାରତ ଛାଡ଼ ଆନ୍ଦୋଳନ ଦେଶର ବିଭିନ୍ନ ଭାଗରେ ଅସଂଖ୍ୟ ମହିଳାଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବା ଲାଗି ପ୍ରଭାବିତ କରିଥିଲା । ଏହିସବୁ ମହିଳାଙ୍କ ମଧ୍ୟରେ ଭୋଗେଶ୍ୱରୀ ଫୁକାନାନୀଙ୍କ ନାମ ଅଗ୍ରଗଣ୍ୟ । ଆସାମର ନଉଗାଁ ଜିଲ୍ଲାର ବରହମ୍‌ପୁର ଅଂଚଳରେ ୧୮୮୫ ମସିହାରେ ଜନ୍ମଲାଭ କରିଥିବା ଭୋଗେଶ୍ୱରୀ ଫୁକାନାନୀ ଥିଲେ ଜଣେ ଅଗ୍ନିବର୍ଷୀ ସ୍ୱାଧୀନତା ସଂଗ୍ରାମୀ । ସେ ଜଣେ ସାଧାରଣ ଘରୋଇ ମହିଳା ଥିଲେ। ତାଙ୍କର ସ୍ୱାମୀଙ୍କ ନାମ ଭୋଗେଶ୍ୱର ଫୁକନ । ୮ଟି ସନ୍ତାନର ଜନନୀ ଭୋଗେଶ୍ୱରୀ ଭାରତର ଉତର-ପୂର୍ବାଂଚଳ କ୍ଷେତ୍ରରେ ଭାରତଛାଡ଼ ଆନ୍ଦୋଳନବେଳେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ଏକାକିନୀ ଅସଂଖ୍ୟ ମହିଳାଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ଲାଗି ପ୍ରଭାବିତ କରିଥିଲେ । ଦେଶପାଇଁ ତାଙ୍କର ପ୍ରେମ ଥିଲା ଅସମ୍ଭବ । ଯାହାକି ତାଙ୍କୁ ବ୍ୟାପକ ଭାବେ ଏହି କ୍ଷେତ୍ରରେ ବିପ୍ଳବ କରିବା ଲାଗି ଅଜସ୍ର ପ୍ରେରଣା ଯୋଗାଇଥିଲା । ତାଙ୍କର ଏହି ସଂଗ୍ରାମ ଦେଶର ବିଭିନ୍ନ ଭାଗରେ ସ୍ୱାଧୀନତାର ବହ୍ନିକୁ ଆହୁରି ପ୍ରଜ୍ୱଳିତ କରିଥିଲା ଏବଂ ସଂସ୍କାର ଆନ୍ଦୋଳନମାନ ମଧ୍ୟ ଆରମ୍ଭ ହୋଇଥିଲା । ଏପରି ଏକ ସମୟରେ ସେ ଏରୁଣ୍ଡିବନ୍ଧ ଡେଇଁ ବିପ୍ଳବ ପାଇଁ ରାଜରାସ୍ତାକୁ ଆସିଥିଲେ ଯେତେବେଳେ ମହିଳାମାନଙ୍କୁ ପଦାନସୀନ ହେବାକୁ ପଡୁଥିଲା ଏବଂ ସମାଜରେ ସମାନ ଅଧିକାର ମଧ୍ୟ ମିଳୁନଥିଲା । ଭୋଗେଶ୍ୱରୀ ସ୍ଥାନୀୟ ଅଂଚଳରେ ବ୍ରିଟିଶ ସରକାରଙ୍କ ବିରୋଧରେ ପ୍ରତିବାଦ ଆନ୍ଦୋଳନର ସ୍ୱର ଉତୋଳନ କରିଥିଲେ ତଥା ସେହିସବୁ ଅଂଚଳରେ ଘଟୁଥିବା ଅନ୍ୟାୟ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ । ବୟସାଧିକ୍ୟ ସତ୍ତ୍ୱେ ଭୋଗେଶ୍ୱରୀ ଫୁକାନାନୀ କେବଳ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟଭାବେ ସାମିଲ ହୋଇନଥିଲେ, ଅପରପକ୍ଷେ ନିଜର ସନ୍ତାନମାନଙ୍କୁ ମଧ୍ୟ ଏଥିରେ ସାମିଲ ହେବାକୁ ପ୍ରଭାବିତ କରିଥିଲେ । ଯେତେବେଳେ ବରହମପୁରର କଂଗ୍ରେସ କାର୍ଯ୍ୟାଳୟରୁ ବ୍ରିଟିଶ ସୈନିକମାନେ ତାଙ୍କୁ ଧରିଥିଲେ, ସେତେବେଳେ ତାଙ୍କ ସହ ସେହି ଅଂଚଳର ଆହୁରି ଅନେକ ବିପ୍ଳବୀ ମଧ୍ୟ ଧରାପଡ଼ିଥିଲେ । ବାହାରିଥିବା ବିପ୍ଳବୀମାନେ ଏହାର ପ୍ରତିବାଦ କରି ସେମାନଙ୍କର ଆନ୍ଦୋଳନକୁ ତୀବ୍ର କରିଥିଲେ ଏବଂ ପୁଣିଥରେ କଂଗ୍ରେସ କାର୍ଯ୍ୟାଳୟକୁ ନିଜ ଅକ୍ତିଆରକୁ ନେଇ ଯାଇଥିଲେ । ପରାଜୟ ଗ୍ଲାନିରେ ବ୍ରିଟିଶ ସରକାର କଂଗ୍ରେସ କାର୍ଯ୍ୟାଳୟକୁ ପୁନଃ ଦଖଲ କରିବା ଲାଗି ମାତ୍ରାଧିକ ଶକ୍ତି ପ୍ରୟୋଗ କରିଥିଲେ । ତେବେ ବିପ୍ଳବୀମାନଙ୍କ ପ୍ରତିରୋଧ ଥିଲା ଖୁବ୍ ତୀବ୍ର । ଏହି ପ୍ରତିବାଦ ଓ ସଂଗ୍ରାମର ନେତୃତ୍ୱ ନେଇଥିଲେ ଭୋଗେଶ୍ୱରୀ । 'ବନ୍ଦେ ମାତରମ୍' ସ୍ଲୋଗାନ ଉଚ୍ଚସ୍ୱରରେ ଦେଇ ସେ ସହବିପ୍ଳବୀମାନଙ୍କ ମନୋବଳ ଦୃଢ଼ ରଖିଥିଲେ । ବ୍ରିଟିଶ ସୈନିକମାନଙ୍କ ସହ ସାମ୍ନାସାମ୍ନି ହେବାପରେ ସେ ସେମାନଙ୍କ ସହ ବେଶ୍ ଧସ୍ତାଧସ୍ତି ମଧ୍ୟ ହୋଇଥିଲେ । ଏହି ସଂଗ୍ରାମବେଳେ ଅନ୍ୟଜଣେ ସ୍ୱାଧୀନତା ସଂଗ୍ରାମୀ ରତ୍ନମାଳାଙ୍କ ହାତରୁ ବ୍ରିଟିଶ ସୈନିକମାନେ ତ୍ରିରଙ୍ଗାକୁ ଭିଡ଼ି ନେଇଥିଲେ । ଏହି ଘଟଣାରେ ଭୋଗେଶ୍ୱରୀ ଏତେମାତ୍ରାରେ ଉତେଜିତ ହୋଇପଡ଼ିଥିଲେ ଯେ ସେ ଏହାକୁ ଜାତୀୟ ପତାକା ପ୍ରତି ଅବମାନନା ବୋଲି ବିବେଚନା କରିଥିଲେ । ତେଣୁ ସେହି ମୁହୂର୍ତରେ କ୍ରୋଧାନ୍ଧ ହୋଇ ସେ ପତାକାର ବାଡ଼ିରେ ସେହି ବ୍ରିଟିଶ ଅଧିକାରୀଙ୍କୁ ଖୁବ୍ ପ୍ରହାର କରିଥିଲେ। ଏହା ସ୍ୱାଭାବିକ ଯେ ବ୍ରିଟିଶ ଅଧିକାରୀମାନେ ଏଭଳି ଘଟଣା କଦାପି ଆଶା କରିନଥିଲେ । ତେଣୁ ସେମାନଙ୍କୁ ବାଧ୍ୟହୋଇ ଭୋଗେଶ୍ୱରୀଙ୍କ ଉପରେ ଗୁଳି ଚାଳନା କରିବାକୁ ପଡ଼ିଲା । ଏହି ଘଟଣାର ତିନିବର୍ଷ ପରେ ଭୋଗେଶ୍ୱରୀ ୧୯୪୨ ମସିହା ସେପ୍ଟେମ୍ବର ୨୦ ତାରିଖ ଦିନ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଆଜିସୁଦ୍ଧା ଆସାମରେ ଭୋଗେଶ୍ୱରୀ ଜଣେ ବହ୍ନିକନ୍ୟା ଭାବେ ସମସ୍ତଙ୍କ ଦ୍ୱାରା ସମ୍ମାନିତ । ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଏହି ମହାନ ଅବଦାନ ଲାଗି ତାଙ୍କ ନାମରେ ଏକ ମେଡ଼ିକାଲ କଲେଜ ନାମିତ କରାଯାଇଛି ।




ଚିତ୍ରାଞ୍ଜଳି ପ୍ରୟାସ ସଂପର୍କରେ ଅଧିକ ଜାଣିବାକୁ
ହେଲେ ନିମ୍ନଲିଖିତ ଲିଙ୍କ୍‌ରେ ଫଲୋ କରନ୍ତୁ
http://davp.nic.in/constitutionofindia/index.html

## ଚିତ୍ରାଞ୍ଜଳି

# ଦେଶ ସ୍ୱାଧୀନତାର ୭୫ତମ ବର୍ଷକୁ ପାଳନ କରିବା ଲାଗି କେନ୍ଦ୍ର ସରକାରଙ୍କର ଏକ ଅଭିନବ ଉଦ୍ୟମ

ସ୍ୱାଧୀନତାପ୍ରାପ୍ତିର ୭୫ତମ ବର୍ଷ ପୂର୍ତି ପାଳନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଅଭିନବ ଉଦ୍ୟମ ଆରମ୍ଭ କରାଯାଇଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ଏହି ଉପଲକ୍ଷେ ଏକ ଇ-ଫଟୋ ପ୍ରଦର୍ଶନୀର ଶୁଭାରମ୍ଭ କରିଛନ୍ତି । ଏଥିରେ 'ସମ୍ବିଧାନ ପ୍ରସ୍ତୁତି'



## ବିଠଲ ଭାଇ ପଟେଲ

# ସ୍ୱାଧୀନତା ସଂଗ୍ରାମର ଏକ ତୁଙ୍ଗ ସେନାନୀ

**ଜନ୍ମ : ୨୭ ସେପ୍ଟେମ୍ବର ୧୮୭୩ | ମୃତ୍ୟୁ : ୨୨ ଅକ୍ଟୋବର ୧୯୩୩**

ବିଠଲ ଭାଇ ପଟେଲ ୧୮୭୩ ମସିହାରେ ଗୁଜରାଟର ଖେଡ଼ା ଜିଲ୍ଲା ଅନ୍ତର୍ଗତ କରମସଦ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବିଠଲଭାଇ ପଟେଲ ଥିଲେ ୫ ଭାଇଙ୍କ ମଧ୍ୟରୁ ତୃତୀୟ । ସେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବଡ଼ଭାଇ । ବିଠଲ ଭାଇ ପଟେଲ ଦେଶର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ୱାଧୀନତା ଆନ୍ଦୋଳନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହ ଏକ ସଂଗଠିତ ଓ ସ୍ୱାଧୀନ ରାଷ୍ଟ୍ର ନିର୍ମାଣ ନିମନ୍ତେ ଦେଶୀୟ ରାଜ୍ୟମାନଙ୍କୁ ଏକତ୍ରିତ କରିବାର ମୁଖ୍ୟ ପୁରୋଧା ଥିଲେ । ବିଠଲ ଭାଇ କରସମଦ ଓ ନଡ଼ିଆଡଠାରେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ । ଉଭୟ ବିଠଲ ଭାଇ ଓ ବଲ୍ଲଭ ଭାଇ ବାରିଷ୍ଟର ହେବା ଲାଗି ସ୍ୱପ୍ନ ଦେଖିଥିଲେ ଏବଂ ସେଥିପାଇଁ ଅଧିକ ଶିକ୍ଷାଲାଗି ଲଣ୍ଡନ ଯିବାକୁ ଚାହୁଁଥିଲେ। ତେବେ ବିଠଲ ଭାଇ ପଟେଲ ଏହା ପୂର୍ବରୁ ଇଂଲଣ୍ଡ ଯିବାର ସୁଯୋଗ ପାଇ ସେଠାକୁ ଯାଇଥିଲେ । ଜଣେ ଅତି ମେଧାବୀ ଛାତ୍ର ଭାବେ ସଦାବେଳେ ପରିଚିତ ବିଠଲ ଭାଇ ଲଣ୍ଡନରେ ୩୬ ମାସିଆ ପାଠ୍ୟକ୍ରମକୁ ୩୦ ମାସରେ ଶେଷ କରିଥିଲେ ଏବଂ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଥିଲେ । ୧୯୧୩ ମସିହାରେ ଗୁଜରାଟ ଫେରି ବିଠଲ ଭାଇ ବମ୍ବେ ଓ ଅହମ୍ମଦାବାଦ କୋର୍ଟରେଜଣେ ଟାଣୁଆ ବାରିଷ୍ଟର ଭାବେ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ । ଆଇନରେ ବିଶାରଦ ହୋଇଥିବାରୁ ସେ ଖୁବ୍ କମ୍‌ସମୟ ମଧ୍ୟରେ ନିଜକୁ ଜଣେ ସଫଳ ଓକିଲଭାବେ ସୁପ୍ରତିଷ୍ଠିତ କରିଥିଲେ । ୧୯୧୫ ମସିହାରେ ତାଙ୍କ ପତ୍ନୀଙ୍କର ବିୟୋଗ ଘଟିଥିଲା । କିନ୍ତୁ ସେ ଆଉ ଦ୍ୱିତୀୟ ବିବାହ କରିନଥିଲେ । ବିଠଲ ଭାଇ ଥିଲେ କେନ୍ଦ୍ରୀୟ ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ନିର୍ବାଚିତ ଅଧ୍ୟକ୍ଷ । ପରେ ସେ ମୁମ୍ବାଇର ମେୟର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ଗାନ୍ଧୀଙ୍କ ସହ ତାଙ୍କର ଆଦର୍ଶଗତ ମନୋମାଳିନ୍ୟ ସତ୍ତ୍ୱେ ବିଠଲ ଭାଇ କଂଗ୍ରେସ ଓ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୨୦ ଦଶକ ଏବଂ ତତ୍‌ପରବର୍ତ୍ତୀ ସମୟରେ ସେ କଂଗ୍ରେସର ଜଣେ ତୁଙ୍ଗ ନେତା ଭାବେ ସୁପରିଚିତ ଥିଲେ । ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହେବା ଯୋଗୁ ବ୍ରିଟିଶ ସରକାର ତାଙ୍କୁ ଅନେକ ଥର ଗିରଫ କରିଥିଲା । ତେବେ ୧୯୨୨ ମସିହାରେ ଯେତେବେଳେ ଗାନ୍ଧିଜୀ ଚୌରିଚୌରା ଘଟଣା ପରେ ଅସହଯୋଗ ଆନ୍ଦୋଳନକୁ ହଠାତ୍ ବନ୍ଦ ରଖିବାକୁ ଘୋଷଣା କଲେ, ବିଠଲ ଭାଇ ଏଥିରେ ଅତିମାତ୍ରାରେ ହତୋତ୍ସାହିତ ହୋଇପଡ଼ିଥିଲେ । ଏହାପରେ ସେ କଂଗ୍ରେସ ଦଳ ଛାଡ଼ିଥିଲେ ଓ ଚିତ୍ତରଞ୍ଜନ ଦାସ ଏବଂ ମୋତିଲାଲ ନେହେରୁଙ୍କ ସହ ମିଶି ସ୍ୱରାଜ ପାର୍ଟି ଗଠନ କରିଥିଲେ  ୧୯୩୨ ମସିହାରେ ବିଠଲ ଭାଇଙ୍କୁ ଗିରଫ କରି ପୁଣି ଜେଲ ପଠାଯାଇଥିଲା । ତେବେ ସ୍ୱାସ୍ଥ୍ୟଗତ କାରଣରୁ ବ୍ରିଟିଶ ସରକାର ତାଙ୍କୁ ଖଲାସ କରି ଦେଇଥିଲା । ୧୯୩୨ ମସିହା ମାର୍ଚ୍ଚ ମାସରେ ସେ ଭାରତ ଛାଡ଼ିଥିଲେ । ଏହାପରେ କିଛିଦିନର ଅସୁସ୍ଥତା ପରେ ତାଙ୍କର ମୃତ୍ୟୁ ଘଟିଥିଲା ଓ ସେ ସୁଭାଷଚନ୍ଦ୍ର ବୋଷଙ୍କ ନାଁରେ ନିଜ ସମ୍ପତ୍ତିର ଦୁଇ ତୃତୀୟାଂଶ ୱିଲ କରି ଦେଇଥିଲେ । ତେବେ ଏହାକୁ ନେଇ ବିଠଲ ଭାଇ ପଟେଲ ଏବଂ ସୁଭାଷଚନ୍ଦ୍ର ବୋଷଙ୍କ ମଧ୍ୟରେ ଥିବା ସମ୍ପର୍କକୁ ତିକ୍ତ କରିଥିଲା । ଯେତେବେଳେ ବିଠଲ ଭାଇଙ୍କୁ ଏହି ୱିଲର ମୂଳ କପି ଦର୍ଶାଯାଇଥିଲା ସେ ନିଜ ୱିଲରେ ଥିବା ସନ୍ତକକୁ ନେଇ ଅନେକ ପ୍ରଶ୍ନ ଉଠାଇଥିଲେ । ପରେ ସର୍ଦ୍ଦାର ପଟେଲ ଏହି ମୋକଦ୍ଦମାରେ ବିଜୟୀ ହୋଇଥିଲେ ଏବଂ ବିଠଲ ଭାଇଙ୍କ ନାମରେ ଏକ ଟ୍ରଷ୍ଟ ଗଠନ କରିଥିଲେ । ସେହି ଟ୍ରଷ୍ଟକୁ ସେ ବିଠଲ ଭାଇଙ୍କ ସମସ୍ତ ସମ୍ପତ୍ତିକୁ ହସ୍ତାନ୍ତର କରିଥିଲେ । ସାମାଜିକ କଲ୍ୟାଣ ନିମନ୍ତେ ଏହି ଟ୍ରଷ୍ଟ କାର୍ଯ୍ୟକରି ଆସୁଛି ।

ଏବଂ ଭର୍ଚୁଆଲ ଫିଲ୍ମ ପୋଷ୍ଟର ପ୍ରଦର୍ଶନୀ ଚିତ୍ରାଞ୍ଜଳି ଆର୍ଟ-୭୫ ଆଇକନିକ୍ ୱିକ୍ ପ୍ରୟାସ ଅଧୀନରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ପାଳନ କରାଯାଉଛି । ଏହି ପ୍ରଦର୍ଶନୀ ଜନଭାଗିଦାରିତା ଦିଗରେ ଏକ ପଦକ୍ଷେପ ଭାବେ ବିବେଚିତ । ଯାହା କେବଳ ଦେଶର ଯୁବକମାନଙ୍କୁ ପ୍ରୋତ୍ସାହିତ କରିବ ନାହିଁ, ଅପରନ୍ତୁ ଦେଶର ସମ୍ବିଧାନ ସଂପର୍କରେ ମଧ୍ୟ ସେମାନଙ୍କୁ ସୂଚନା ପ୍ରଦାନ କରିବ। ସେମାନଙ୍କର ଅଧିକାର ସଂପର୍କରେ ସଚେତନ କରାଇବ ଏବଂ ରାଷ୍ଟ୍ରପତି ସେମାନଙ୍କର କର୍ତବ୍ୟବୋଧ ପ୍ରତି ମଧ୍ୟ ସଜାଗ କରାଇବ । ଚିତ୍ରାଞ୍ଜଳି-୭୫ରେ ଭାରତୀୟ ସିନେମା ମାଧ୍ୟମରେ ରାଷ୍ଟ୍ରଯାତ୍ରାକୁ ପ୍ରଦର୍ଶିତ କରାଯାଇଛି । ଏଥିରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବୀରତ୍ୱ ଏବଂ ତ୍ୟାଗର ପରାକାଷ୍ଠାକୁ ପ୍ରଦର୍ଶନ କରାଯାଇଛି । ଏଥିରେ ମଧ୍ୟ ଭାରତୀୟ ସିନେମାର ୭୫ବର୍ଷର ଯାତ୍ରାକୁ ଦର୍ଶାଯାଇଛି । ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ଅସଂଖ୍ୟ ଦେଶଭକ୍ତ ଓ ବୀରମାନଙ୍କ ସାହସିକତାର ପବିତ୍ର ସ୍ମୃତିକୁ ଆମ ଭିତରେ ଉଜ୍ଜୀବିତ କରିବା ଲାଗି ଏହା ଏକ ଉଦ୍ୟମ । ସେହିଭଳି ସମାଜ ସଂସ୍କାରକ ଏବଂ ଆମର ବୀର ସୈନିକମାନଙ୍କ ସଂପର୍କରେ ମଧ୍ୟ ଏଥିରେ ବିଭିନ୍ନ କଥା ଚିତ୍ରିତ କରାଯାଇଛି । ଅନ୍ୟପକ୍ଷରେ ପୋଷ୍ଟର ପ୍ରଦର୍ଶନୀରେ ୭୫ଟି ପ୍ରସିଦ୍ଧ ଚଳଚ୍ଚିତ୍ରକୁ ସାମିଲ କରାଯାଇଛି । ଯାହାକି ଆମର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗଭାବେ ସିନେମା ରହି ଆସିଥିବା ଦର୍ଶାଇଛି । ଅନ୍ୟପକ୍ଷରେ ସମ୍ବିଧାନ ପ୍ରସ୍ତୁତି ନିମନ୍ତେ ଏକ ଇ-ବୁକ୍‌ର ବ୍ୟବସ୍ଥା କରାଯାଇଛି । ସମ୍ବିଧାନ ପ୍ରସ୍ତୁତି ବେଳର ବହୁ ବିରଳ ଫଟୋକୁ ଏଥିରେ ସ୍ଥାନୀତ କରାଯାଇଛି । ସେଥିରେ ଆକାଶବାଣୀର ସଂଗ୍ରହାଳୟରେ ଥିବା ତଥା ଫିଲ୍ମ ଡିଭିଜନ ନିକଟରେ ଥିବା ବହୁ ତୁଂଗ ନେତା ଓ ବିଦ୍ୱାନମାନଙ୍କ ଭିଡିଓ ତଥା ଭାଷଣକୁ ସ୍ଥାନୀତ କରାଯାଇଛି । ଏହା ହିନ୍ଦୀ ଓ ଇଂରାଜୀ ସମେତ ୧୧ଟି ଆଂଚଳିକ ଭାଷାରେ ଉପଲବ୍ଧ । ସରକାର ଖୁବ୍‌ଶୀଘ୍ର 'ନିଜ ସମ୍ବିଧାନକୁ ଜାଣନ୍ତୁ' ଶୀର୍ଷକ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଯାହା ଦେଶର ଯୁବଗୋଷ୍ଠୀଙ୍କୁ ଭାରତ ସମ୍ବିଧାନର ମୂଳ ନୀତି ଆଧାରରେ ଅନୁପ୍ରାଣିତ ହେବାକୁ ପ୍ରେରଣା ଯୋଗାଇବ ।



# ଅନ୍ୟମାନଙ୍କ ପାଇଁ ପ୍ରେରଣା ହେଲେ ଯୁବକ

ଯୁବକମାନେ ସଦାବେଳେ ଯୁକ୍ତିଯୁକ୍ତ କାରଣ ଲାଗି ସମ୍ବାଦ ଶିରୋନାମାରେ ରହି ଆସିଛନ୍ତି । ତାହା ଯେକୌଣସି ପ୍ରକାର ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସଂଗ୍ରାମ କରିବା ହେଉ ଅବା ଅନ୍ୟ କୌଣସି କାରଣ । ଆଜି ସମାଜରେ ସେମାନେ ହୀରୋ ଭାବେ ମୁଣ୍ଡ ଟେକୁଛନ୍ତି । ସେମାନଙ୍କର ଦୃଢ ମନୋବଳ, ପ୍ରତିଶ୍ରୁତିବଦ୍ଧତା, ଆତ୍ମବିଶ୍ୱାସ ଏବଂ କର୍ମନିଷ୍ଠା ସେମାନଙ୍କୁ ଅନେକ ପ୍ରକାର ନବସୃଜନ ନିମନ୍ତେ ପ୍ରେରଣା ଯୋଗାଉଛି । ଏହା ସାଧାରଣ ଲୋକଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଘଟାଉଛି । ଥରେ ସେମାନେ ଏଭଳି ପରିବର୍ତନ ପାଇଁ ନିଷ୍ପତି ନେବାପରେ ସେମାନଙ୍କୁ ଏହି ପଥରୁ ବିଚ୍ୟୁତ କରିବା ଲାଗି ସମ୍ଭବତଃ ଆଉ କୌଣସି ଶକ୍ତି ସକ୍ଷମ ହୋଇନଥାଏ । ଷ୍ଟିଭେନ ହାରିସ ଏବଂ ଅମିତ ସେରାୱତ ସେହିଭଳି ଦୁଇଜଣ ଯୁବକ, ଯେଉଁମାନେ ନିଜର କାର୍ଯ୍ୟ ବଳରେ ଏକ ଅନୁକରଣୀୟ ଉଦାହରଣ ସୃଷ୍ଟି କରିନାହାନ୍ତି, ଅପରପକ୍ଷେ ଅନ୍ୟମାନଙ୍କୁ କିଛି ନୂଆ କାମ କରି ପ୍ରେରଣାର ଉତ୍ସ ହେବା ଲାଗି ପ୍ରଭାବିତ କରିଛନ୍ତି ।



## ଯୁବଶିଳ୍ପୀ ଷ୍ଟିଭେନ ହାରିସ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୂୟସୀ ପ୍ରଶଂସା

ନବପ୍ରତିଭା ଷ୍ଟିଭେନ ହାରିସ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୂୟସୀ ପ୍ରଶଂସା କରିଛନ୍ତି । ହାରିସ ବେଙ୍ଗାଲୁରୁର ଜଣେ ଛାତ୍ର । କିନ୍ତୁ ଜଣେ ଚିତ୍ରଶିଳ୍ପୀ ଭାବେ ସେ ଅସାମାନ୍ୟ ପ୍ରତିଭାର ଅଧିକାରୀ । ତାଙ୍କର କଳାକୃତିରେ ପ୍ରଭାବିତ ହୋଇ ପ୍ରଧାନମନ୍ତ୍ରୀ ଷ୍ଟିଭେନଙ୍କ ନିକଟକୁ ଏକ ପ୍ରେରଣାଦାୟକ ପତ୍ର ଲେଖିଥିଲେ । ୨୦ବର୍ଷ ବୟସ୍କ ଏହି ଯୁବଶିଳ୍ପୀ ତାଙ୍କର ଦୁଇଟି ସୁନ୍ଦର ଚିତ୍ରକଳା ସହିତ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ଲେଖିଥିଲେ । ଏହାର ଉତରରେ ପ୍ରଧାନମନ୍ତ୍ରୀ ତାଙ୍କର ଏଭଳି ପ୍ରତିଭା ଓ ଉତ୍ସାହ ପାଇଁ ଖୁବ୍ ସନ୍ତୋଷବ୍ୟକ୍ତ କରିବା ସହ ଏହିଭଳି ସୃଜନଶୀଳ କ୍ଷେତ୍ରରେ ଯୁବ ପ୍ରତିଭାମାନେ ନିଜର ଶ୍ରମ ଓ ସମୟକୁ ନିୟୋଜନ କରିବା ଲାଗି ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଲେଖିଥିଲେ 'ତୁମର କଳାକୃତିରେ ପ୍ରତ୍ୟେକ ବସ୍ତୁପ୍ରତି ତମ ମନରେ ଥିବା ଗଭୀର ଶ୍ରଦ୍ଧା ପ୍ରତିଫଳିତ କରେ । ତୁମର ଏହି କଳାକୃତିରେ ଯେଉଁ ସୂକ୍ଷ୍ମ ଭାବ ପ୍ରଦର୍ଶିତ ହୋଇଛି ତାହା ମୋତେ ଅତିମାତ୍ରାରେ ଆନନ୍ଦିତ କରିଛି ।' ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ଯେ ଷ୍ଟିଭେନଙ୍କ ଏହି ଉଦ୍ୟମ ସମାଜରେ ସକାରାତ୍ମକ ମନୋଭାବ ପ୍ରସାରିତ କରିବ ଏବଂ ଅନ୍ୟମାନେ ମଧ ତାଙ୍କଦ୍ୱାରା ପ୍ରଭାବିତ ହେବେ । ପ୍ରଧାନମନ୍ତ୍ରୀଙ୍କୁ ଷ୍ଟିଭେନ ଲେଖିଥିବା ଚିଠିରେ ଦର୍ଶାଇଥିଲେ ଯେ ଗତ ୧୫ବର୍ଷ ଧରି ଏଭଳି ଚିତ୍ରସାଧନା କରି ଆସୁଛନ୍ତି ଏବଂ ବିଭିନ୍ନ ସ୍ତରରେ ତାଙ୍କୁ ୧ଶହରୁ ଊର୍ଦ୍ଧ୍ୱ ପୁରସ୍କାର ମିଳିଛି । ଷ୍ଟିଭେନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କର ପ୍ରେରଣାର ଉତ୍ସ ବୋଲି ଉଲ୍ଲେଖ କରିଥିଲେ । କରୋନା ମହାମାରୀ ବିରୋଧରେ ଭାରତର ଲଢେଇରେ ପ୍ରତିଷେଧକ ଟିକା ଅଭିଯାନ ପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ `।



## ୟୁନିଟ ପିଛା ଏକ ଟଙ୍କାରେ ମିଳିବ ବିଦ୍ୟୁତ

ଦେଶରେ ନୂଆକରି ଗଢ଼ିଉଠିଥିବା ଷ୍ଟାର୍ଟଅପ ଗୁଡିକ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ମାନ ନିର୍ଦ୍ଧାରଣ କରୁଛନ୍ତି । ସେମାନଙ୍କ ସଫଳତା ଦେଶର ସମସ୍ତ ପ୍ରାନ୍ତରେ ଲୋକଙ୍କୁ ପ୍ରେରଣା ଦେଉଛି । ଉତ୍ତରପ୍ରଦେଶ ଜଳନିଗମରେ ନିର୍ବାହୀ ଯନ୍ତ୍ରୀ ଥିବା ଅମିତ ସେରାୱତ ଏବଂ ତାଙ୍କ ସହକର୍ମୀ ରାମାନୁଜ ତିୱାରୀଙ୍କ ଦ୍ୱାରା ଏହିଭଳି ଏକ ନୂଆ ଉଦ୍ଭାବନ କରାଯାଇଛି । ଏହି ଦୁଇ ଜଣ ମିଶି ପବନ ଏବଂ ଜଳରୁ ବିଦ୍ୟୁତ ଶକ୍ତି ଉତ୍ପାଦନର ଏକ ଯନ୍ତ୍ର ଉଦ୍ଭାବନ କରିଛନ୍ତି । ସେରାୱତ ଏହି ଯନ୍ତ୍ରଟିକୁ ଜିବିପି ପ୍ଲାଣ୍ଟ ଭାବରେ ନାମ ଦେଇଛନ୍ତି। ସେମାନେ ଦୃଢ଼ତାର ସହ କହନ୍ତି ଯେ ଏହି ଯନ୍ତ୍ରରୁ ଉତ୍ପାଦିତ ବିଦ୍ୟୁତର ୟୁନିଟ ମୂଲ୍ୟ ମାତ୍ର ଟଙ୍କାଟିଏ ହେବ । କୋଇଲା ଭିତ୍ତିକ ବିଦ୍ୟୁତ କେନ୍ଦ୍ର ଭଳି ଏହା ପ୍ରଦୂଷଣ ସୃଷ୍ଟି କରିବ ନାହିଁ। ଉଭୟେ ଗତ ଛଅମାସ ହେଲା ଏହି ପ୍ରକଳ୍ପରେ କାମ କରୁଛନ୍ତି । ସେମାନେ କହନ୍ତି ଯେ ଏହି ଯନ୍ତ୍ର ପାଇଁ କୌଣସି ତୈଳ କିମ୍ବା ଜାଳେଣି ଆବଶ୍ୟକ ନାହିଁ । ତାଙ୍କ ମତରେ ଏହା ବୁଡାଜାହାଜ ନିୟମରେ କାମ କରିବ । ଏଥିରୁ ଉତ୍ପାଦିତ ବିଦ୍ୟୁତ ୟୁନିଟ ଏକ ଟଙ୍କା ଦରରେ କୃଷକମାନଙ୍କୁ ଯୋଗାଇ ଦିଆଯିବ । ବ୍ୟବସାୟିକ ଦୃଷ୍ଟିରୁ ଏହାର ସଫଳତା ପ୍ରମାଣିତ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ଅଭିଯାନକୁ ଏକ ସଫଳତା ମିଳିବ ।



**Narendra Modi** @nar...

हमारी सोच होनी चाहिए- इतिहास से सीखकर वर्तमान को सुधारने की, एक नया भविष्य बनाने की।

इसीलिए, जब मैं 'भारत जोड़ो आंदोलन' की बात करता हूं तो उसका भाव केवल भौगोलिक या वैचारिक जुड़ाव तक सीमित नहीं है।

यह भविष्य के भारत के निर्माण के लिए हमें अपने अतीत से जोड़ने का भी संकल्प है।



**रक्षा मंत्री कार्यालय/ RMO...**

जिस गति से हमारी industries आगे बढ़ रही हैं, रक्षा उत्पादन में अपना योगदान दे रही है, export दिन-ब-दिन बढ़ रहे हैं, मुझे पूर्ण विश्वास है कि जल्दी ही, उसी अख़बार में लिखा होगा, “India as Defence Manufacturing Hub for the World”: रक्षा मंत्री



**Amit Shah** @AmitShah

विकास के काम भी महत्वपूर्ण हैं वो तो चलने ही चाहियें लेकिन अगर व्यक्ति ही कुपोषित रह जाता है तो बाकि सभी सुविधाओं का कोई औचित्य नहीं है।

लोकतंत्र में सबसे महत्वपूर्ण है निर्बल, गरीब, पिछड़ों व महिलाओं का सशक्तिकरण और बच्चों को उनका अधिकार देना।



**Nitin Gadkari** @nitin_gadkari · 2d

बिहार के विभिन्न राष्ट्रीय राजमार्गों पर तेज़ी से काम चल रहा है। 'राम जानकी मार्ग' के लिए हम बिहार से होते हुए नेपाल तक सड़क बना रहे हैं।
#PragatiKaHighway @NitishKumar @RajKSinghIndia @girirajsinghbjp @rsprasad



**NSitharamanOffice** @nsith... · 3d ···

Out of every 100 Jan Dhan accounts, 55 belong to women. The main beneficiaries of PMJDY are women. In those areas where bank branches are not possible, the Bank Mitras do the job of providing banking services: Smt @nsitharaman in Tripura #PMJanDhan



**Piyush Goyal** @PiyushGoyal ·

राष्ट्रीय खाद्य सुरक्षा अधिनियम के लाभार्थियों के लिये One Nation, One Ration Card योजना प.बंगाल व दिल्ली सहित 34 राज्यों में लागू हो गयी है।

आप play.google.com/store/apps/det... लिंक द्वारा 'Mera Ration' मोबाइल ऐप डाउनलोड कर इसका अधिकतम लाभ उठा सकते हैं।

# In Mann ki Baat, Modi urges people to cherish and preserve Sanskrit

**HT Correspondent**
letters@hindustantimes.com

**NEW DELHI:** Prime Minister Narendra Modi on Sunday said “Sanskrit helps nurture knowledge and also national unity, strengthens it”.

Addressing the 80th edition of his monthly radio programme 'Mann ki Baat', Prime Minister Modi said, “Through its thoughts and medium of literary texts, Sanskrit helps nurture knowledge and also national unity, strengthens it. Sanskrit literature comprises the divine philosophy of humanity and knowledge which can captivate anyone's attention.”

He also drew the country's attention to the popularity that Sanskrit enjoys across the world.“It is taught across the world from Ireland to Thailand, from Russia to Sydney.”

“Sanskrit language also plays an important role in the strengthening of cultural relations between India and Ireland and between India and Thailand here in the east. Dr Chirapat Prapandavidya and Dr Kusuma Rakshamani, both of them are playing a very important role in the promotion of the Sanskrit language in Thailand... Another such professor is Shriman Boris Zakharin, who teaches Sanskrit at Moscow State University in Russia...,” stated Prime Minister.

“It is our collective duty to cherish our heritage, preserve it, pass it on to the new generation.... and future generations also have a right to it...”

Commemorating the 116th birth anniversary of legendary



PM Narendra Modi

Hockey player Major Dhyanchand, which is celebrated as national sports day, the PM said: “We may win many laurels, but the nation has always craved for a win in Hockey. Major Dhyanchand showed us the way, now we must continue to progress.”

The PM also highlighted the forays made by young Indian entrepreneurs in the field of space. “There are so many college, university students and those in the private sector who are laying the foundation for the new developments in space that will take place in the future.”

Drawing attention to India's growing startup ecosystem, Modi said that the youngsters of today aren't and should not be afraid to take risks. “Just a little while ago, we were talking about India's stake in the toy market, now so many young entrepreneurs are working to innovate in the field.” He also urged the country to continuously maintain its commitment to the Swacchh Bharat, or Clean India campaign and appreciated Indore and Sivaganga's (Tamil Nadu) contribution to the same.

*(with agency inputs)*

# PM: Start-up boom signals bright future for our country

## Pays tribute to Dhyan Chand in *Mann ki Baat*

**NEW DELHI, AUGUST 29**

Prime Minister Narendra Modi said on Sunday that the start-up culture had become very vibrant in India with youngsters in even smaller cities embracing it. He asserted that it was a sign of India's bright future.

In his monthly 'Mann ki Baat' radio broadcast, the PM also noted that space sector reforms in the country had caught people's imagination and expressed confidence that a large number of satellites in the coming days would be developed by youngsters from universities, labs and other sectors.

The Prime Minister touched upon a host of topics, including India's rich spiritual tradition and the boost the sporting culture had received after the performance in the Tokyo Olympics. He also paid



**MUSTN'T STOP MOMENTUM IN SPORTS**

The Tokyo Olympics have created a major impact. Today, it is not that youngsters are just watching sports. They are also looking at possibilities associated with it. Let us all strive to further this momentum as much as we can. **Narendra Modi, PM**

August 29 to mark Dhyan Chand's birthday.

Noting that India won an Olympic medal in men's hockey after over four decades, he said youngsters were now drawn towards sports and their parents were happy to back them. "This itself is a great tribute to Dhyan Chand," Modi said.

The momentum the sporting culture had received must be further advanced, he said, calling for sports competitions at the village level. "Let us all countrymen strive to fur-

# Jallianwala Bagh has inspired countless revolutionaries: PM

**HT Correspondent**
letters@hindustantimes.com

**NEW DELHI:** Prime Minister Narendra Modi on Saturday virtually unveiled the renovated complex of the Jallianwala Bagh Memorial in Amritsar, saying it will inspire generations to learn about the history of the “holy place”.

Addressing the nation, the PM referring to the Jallianwala Bagh Massacre, reiterated that “it's not



Narendra Modi

immortal story of our freedom struggle, due to which we are able to celebrate the Amrit Mahotsav of freedom today. On such an occasion, dedication of Jallianwala Bagh Memorial in the modern version in the 75th year of independence, is an opportunity of great inspiration for all of us,” the PM said.

Calling it a “responsibility” of every nation to preserve its history, Modi, who is also the chairperson of Jallianwala Bagh Memorial Trust, said, “Therefore, India has decided to observe 14th August every year as 'Partition Horrors Remembrance Day'. India witnessed horrors like Jallianwala Bagh during the partition... The people of Punjab have been the biggest victims of Partition...,” he said.

During the address, the PM also referred to India's efforts in evacuating its citizens from the crisis-hit Afghanistan and said that the current global conditions underline the importance of “Ek Bharat Shreshtha Bharat” and reinforces the need for “Atma-Nirbharta and Aatmvishwas”. “If Indians are in trouble, anywhere in the world, then India stands up to help them with all its might... Hundreds of friends from Afghanistan are being brought to India under Operation Devi Shakti. Due to 'Guru Kripa', the government could bring the 'swaroop' of the holy Guru Granth Sahib along with people to India (from Afghanistan),” Modi said.

Expressing disappointment over freedom fighters from tribal communities not getting due place in history books, he said: “Our tribal community contributed greatly and made great sacrifices for freedom. Their contribution did not get as much place in the history books as it should have...”

# Jan-Dhan accounts grew three-fold in seven years

**ENS ECONOMIC BUREAU** @New Delhi

AS the Pradhan Mantri Jan-Dhan Yojana completes seven years, it has been able to connect 43.04 crore of underprivileged persons to the banking system with their total deposits soaring to ₹1.46 lakh crore, the finance ministry said on Saturday.

“The journey of PMJDY led interventions undertaken over a short span of 7 years has in effect, produced both transfor-

success, Sitharaman said that the PMJDY accounts have grown three-fold from ₹14.72 crore in March 15 to ₹43.04 crore as on August 18 this year.

According to the finance ministry, women were major beneficiaries of the scheme as 55% Jan-Dhan account holders belong to this category and 67% Jan Dhan accounts are in rural and semi-urban areas.

Under the PM Garib Kalyan Yojana, a total of ₹30,945 crore have been credited in accounts

# PM cautions against covid threat even as vaccination drive gathers steam

Staff Writer
feedback@livemint.com
NEW DELHI

Prime Minister Narendra Modi on Sunday reminded people to stay cautious about the coronavirus pandemic, even as India administered over 10 million vaccine doses on Friday.

“More than 62 crore (620 million) vaccine doses have been administered in the country, but still we have to be careful, be vigilant,” Modi said in his monthly radio address *Mann ki Baat*, and urged people to get vaccinated and take precautions.

This comes ahead of upcoming festivals, and against the backdrop of Zydus's covid-19 vaccine becoming the fifth to get Indian government approval after Covishield, Covaxin, Sputnik V and the Moderna vaccine.

According to a statement from India's ministry of health and family welfare on Sunday, India's recovery rate was at 97.53%. 45,083 new cases were reported in the previous 24 hours, with active caseload at 368,558. Also, at 2.57%, daily positivity rate has remained less than 3% for the last 34 days.

“This is the time of the 75th year of our Independence. This



Prime Minister Narendra Modi called for the momentum gained in sports to be maintained after the success at the Olympics. PTI

year, we have to make new resolutions every day, think new, and bolster our spirit to do something new. [Only] when India completes one hundred years of Independence, [will] these resolutions of ours be seen in the foundation of its success. So, we should not let this opportunity pass. We have to contribute our maximum in this,” Modi said.

The prime minister also spoke about sports gaining importance in the country, with India winning a medal in hockey at the Tokyo Olympics after 41 years.

“Friends, this time, the Olympics created a major impact...The Paralympics are on. Whatever our country earned in this world of sports may be little in comparison with the world, but enough has happened to bolster our belief. Today, it is not that the youth is just watching sports...the youth are also looking at possibilities associated with sports... observing the entire ecosystem minutely... comprehending its potential, wishing to connect with it in some way or the other,” he said.

India sent its largest ever contingent of 127 athletes in 18 disciplines to Tokyo Olympics and registered its best performance till date in the global event. The men's hockey team won a bronze medal.

“Sports has begun to be discussed in every family...do tell me...should this momentum be allowed to subside, to halt now? No...not at all. Even you must be thinking on similar lines. In the country now, sports and games, sportsman spirit is not to stop,” he said and added, “At home or elsewhere, in villages or cities, our playgrounds must be filled up. Let all play; let all bloom.”

He also spoke about continuing with the cleanliness campaign, and the importance of skilled workers.

The PM referred to satellites being developed by Indian youth and students after the country opened up its space sector to private firms. “I firmly believe that in the coming days, a large number of satellites would be of those developed by our youth, our students, our colleges, our universities, students working in labs,” he said.

RNI No. :
DELODI/2020/78831
September, 16-30, 2021

ନ୍ୟୁ ଇଣ୍ଡିଆ ସମାଚାର ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110001 On 13-17 advance Fortnightly, (Publishing Date September 10, 2021, Pages-44)

75 Azadi Ka Amrit Mahotsav

# ଜାତୀୟ ସଙ୍ଗୀତ ପାଇଁ ରେକର୍ଡର ମାଇଲଖୁଣ୍ଟ

ଭାରତ ସ୍ୱାଧୀନତାର ୭୫ତମ ବର୍ଷରେ ପଦାର୍ପଣ କରୁଛି। ଦେଶର ସ୍ୱାଧୀନତାରେ ଅମୂଲ୍ୟ ଯୋଗଦାନ ଦେଇଥିବା ମହାନ ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ଏବଂ ଶ୍ରଦ୍ଧାଞ୍ଜଳି ଜଣାଇବା ଲାଗି ଏହା ହିଁ ପ୍ରକୃଷ୍ଟ ସମୟ। ଅମୃତ ମହୋତ୍ସବର ଅଂଶବିଶେଷ ସ୍ୱରୂପ ନିଜର ଗତ 'ମନ କୀ ବାତ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଜାତୀୟ ସଙ୍ଗୀତ ଗାଇବା ଏବଂ ଏହାର ଭିଡିଓକୁ rashtragaan.in. ୱେବସାଇଟରେ ଅପଲୋଡ କରିବା ଲାଗି ନିବେଦନ କରିଥିଲେ। ଅଗଷ୍ଟ ୧୫ ତାରିଖ ସୁଦ୍ଧା, ପାଖାପାଖି ୨ କୋଟି ଲୋକ ଏହି ୱେବସାଇଟରେ ସେମାନଙ୍କର ଭିଡିଓ ଅପଲୋଡ କରିଛନ୍ତି।

जन-गण-मन-अधिनायक जय हे
भारत-भाग्य-विधाता
पंजाब-सिंधु-गुजरात-मराठा
द्राविड़-उत्कल-बंग
विंध्य-हिमाचल-यमुना-गंगा
उच्छल-जलधि-तरंग
तव शुभ नामे जागे, तव शुभ आशिष मांगे,
गाहे तव जय-गाथा ।
जन-गण-मंगल-दायक जय हे
भारत भाग्य विधाता ।
जय हे, जय हे, जय हे,
जय जय जय जय हे ।

"

ଏପରି ଅନେକ ସ୍ୱାଧୀନତା ସଂଗ୍ରାମୀ ଓ ମହାମନିଷୀମାନେ ରହିଛନ୍ତି ଯେଉଁମାନଙ୍କୁ ଅମୃତ ମହୋତ୍ସବ କାଳରେ ସାରା ଦେଶ ସ୍ମରଣ କରୁଛି। ସରକାର ଏବଂ ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ ଅମୃତ ମହୋତ୍ସବ ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଅମୃତ ମହୋତ୍ସବ କୌଣସି ସରକାର କିମ୍ବା କୌଣସି ଦଳର କାର୍ଯ୍ୟକ୍ରମ ନୁହେଁ। ଏହା କୋଟି କୋଟି ଭାରତୀୟଙ୍କ ଏକ କାର୍ଯ୍ୟକ୍ରମ।

-ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

Editor:
**Jaideep Bhatnagar**,
Principal Director General,
Press Information Bureau, New Delhi

**Published & Printed by: Satyendra Prakash**, Principal Director General, BOC on behalf of Bureau of Outreach and Communication

**Published from**
**Room No-278, Bureau of Outreach and Communication, 2nd Floor, Soochna Bhawan, New Delhi -110003**

**Printed at** Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003

Odia Vol. 2
Issue 6